# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୧୮ /୨୦୧୮ (୧୬ପୃଷ୍ଠା) Rayagada, Tuesday, December 18 / 2018 ★

୮ମ ଭାଗ ୩୦୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-





KP GROUP
Quality Since 1965
कमला पसन्द
अनोखा स्वाद
पान मसाला
20% EXTRA
Hallmark
of quality
କମଲା ପସନ୍ଦ
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : YouTube

# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୧୮ /୨୦୧୮ Rayagada, Tuesday, December 18 / 2018



DSPL-304

ଆମ ଗାଁ ଆମ ବିକାଶ

ନବୀନ ଓଡ଼ିଶାର ନୂତନ କିରଣ

ପିଠା

PEETHA

(Peoples' Empowerment - Enabling Transparency and Enhancing Accountability on Odisha Initiatives)



# ମଧୁବାବୁ ପେନ୍‌ସନ୍ ଯୋଜନା

## ୧୫-୨୦ ଡିସେମ୍ବର ୨୦୧୮

- ସାମାଜିକ ସୁରକ୍ଷା ପାଇଁ ଆମ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ।
- ମଧୁବାବୁ ପେନ୍‌ସନ୍ ଯୋଜନାରେ ଆଉ ୫ ଲକ୍ଷ ଲୋକଙ୍କୁ ଡିସେମ୍ବର ୧୫, ୨୦୧୮ ରୁ ମିଳିବ ଭତ୍ତା ।
- ନୂତନ ହିତାଧିକାରୀଙ୍କୁ ପ୍ରତି ମାସ ପ୍ରତି ପଞ୍ଚାୟତରେ ୧୫ରୁ ୨୦ ତାରିଖ ମଧ୍ୟରେ ଆୟୋଜିତ ହେଉଥିବା "ପିଠା" ଶିବିରରେ ମିଳିବ ଏହି ସହାୟତା ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ

ଓଡ଼ିଶା ସରକାର

46001/13/0031/1819

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସୋମୁ
ପରିବାରବର୍ଗ


ସ୍ମୃତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## classified


real estate


to-let

**SALE**

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65236

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65228

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

1575 sqft. single corner plot with boundary wall at Hitech Square, Rasulgarh- 22,05,000/- (Owner). 9938771877. D-64397

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

For sale Paradeep town 11000 sqft. gharabari plot with boundarywall in residential area. Contact M-9938219434. D-10054

ଭୁବନେଶ୍ୱର ହଂସପାଳ ସୁଧାନନ୍ଦ କଲେଜ ଏବଂ Puri by-pass sideରେ ପ୍ଲଟ ମିଳୁଛି। 9437003399, 9668194157. D-65407

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

KIIT University ଜଗନ୍ନାଥ ମନ୍ଦିର ପାଖରେ 40'/30 ରାସ୍ତା, electricity, water, ପାଚେରି ଥାଇ ଘରବାରି ପ୍ଲଟ କିଣନ୍ତୁ। 8917333281. D-65305

ନଖରା ପଞ୍ଚବଟି main road ପାଖରେ immediate ଘରକରିବା ପାଇଁ ଘରବାରି boundary ପଟ୍ଟା ଥିବା plot (ପାଖରେ ଚାରିପଟ ଘର) ମିଳୁଛି। 9178031478. D-64665

ପୁରୀ ବାଟମଙ୍ଗଳା ନିକଟ ନୂଆ ବାଇପାସ୍ ରୋଡ ପାଖରେ ମାତ୍ର 5 ଲକ୍ଷ ଟଙ୍କା ଦେଇ ଅତିଶୀଘ୍ର ଘର କରିବା ଯୋଗ୍ୟ ଘରବାଡି ପ୍ଲଟ୍ ପାଚେରି ସହ କିଣନ୍ତୁ। 6370680566, 9776404801. D-10074

Now Matrimonial ads. only on Wednesday & Sunday
Book 1 Get 1 FREE

800 sqft. at plot No. 44, Kharval Nagar, backside Priya Hotel, 3rd floor. Contact: 9437033691. D-63885


healthcare

Madam Monalisa massage club- 50% discount full body massage by hiprofile smart lady therapist. 9708545108. D-10073

Herbal body massage, relaxed back joint pain treatment. Contact: 9437453813. D-64554

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷର ଜାନୁୟାରୀ-ଅକ୍ଟୋବର ସମୟ ମଧ୍ୟରେ ଦେଶର ବିମାନଯାତ୍ରୀ ଟ୍ରାଫିକ ୯୫.୧ ନିୟୁତ ଥିବା ବେଳେ ଚଳିତ ବର୍ଷ ସମାନ ସମୟରେ ଏହା ୧୧୪.୪ ନିୟୁତ ଛୁଇଁଛି।
**-ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ**




# ରାଜନୀତି ପାଇଁ ଗୁଜରାଟ ଯାଇଛନ୍ତି ନବୀନ: ରୂପାନୀ

## ଆୟୁଷ୍ମାନ ଭାରତ ଯୋଜନା ଲାଗୁ ନ କରିବା ନେଇ ସରକାରଙ୍କୁ ସମାଲୋଚନା

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

୧୯ ବର୍ଷ ପରେ ଗୁଜରାଟରେ ଥିବା ଓଡ଼ିଶାବାସୀଙ୍କ କଥା ମନେପଡ଼ିଲା। ଆଗକୁ ନିର୍ବାଚନ ଆସୁଥିବାରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ଗୁଜରାଟ ଗସ୍ତ କରିଛନ୍ତି। ମୁଁ ତାଙ୍କୁ ସ୍ୱାଗତ କରୁଛି ବୋଲି ସୋମବାର ଓଡ଼ିଶା ଗସ୍ତରେ ଆସିଥିବା ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ କହିଛନ୍ତି। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ରୂପାନୀ କହିଛନ୍ତି ଯେ, ଗୁଜରାଟରେ ଥିବା ୭/୯ ଲକ୍ଷ ଓଡ଼ିଆ ଲୋକଙ୍କ ପାଇଁ ଗୁଜରାଟ ସରକାର ଅନେକ ସୁବିଧା କରିଛି। ପୂର୍ବରୁ ସେମାନେ ଚାଳ ଘରେ ରହୁଥିଲେ। ଏବେ ସେ ଅବସ୍ଥା ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଆବାସ ଯୋଜନାରେ ସେମାନଙ୍କୁ ପକ୍କାଘର ଯୋଗାଇ ଦିଆଯାଇଛି। ଓଡ଼ିଆ ଭାଷାରେ ସେଠାକାର ପିଲାମାନେ ଶିକ୍ଷା ଲାଭ କରିବା ପାଇଁ ସରକାର ୭ଟି ସ୍କୁଲକୁ ସରକାରୀ ମାନ୍ୟତା ଦେଇଛନ୍ତି। ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଇଛି। ରାଜ୍ୟ ସରକାର ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦେଉଛନ୍ତି। ଏଥିପାଇଁ ବାର୍ଷିକ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲା। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଆମ ସ୍ୱାସ୍ଥ୍ୟ ଯୋଜନାକୁ ସେଥିରେ ମିଶାଇ ଦେଲୁ। କେନ୍ଦ୍ର ସରକାର ଏଥିପାଇଁ ୬୦ ପ୍ରତିଶତ ଅର୍ଥ ଦେଉଛନ୍ତି। ବାକି ଅର୍ଥ ରାଜ୍ୟ ସରକାର ଦେଉଛନ୍ତି। ଓଡ଼ିଶାରେ ଏହି ଯୋଜନାକୁ କାର୍ଯ୍ୟକାରୀ କରା ନ ଯିବାକୁ ରୂପାନୀ ନାପସନ୍ଦ କରିଛନ୍ତି। ସେ କହିଛନ୍ତି ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲୋକମାନେ ପାଉଥିବା କାର୍ଡ କେବଳ ଓଡ଼ିଶାରେ କାମ ଦେବ। କିନ୍ତୁ ବାହାରେ କୌଣସି ଚିକିତ୍ସା ସୁବିଧା ମିଳିବ ନାହିଁ। ସ୍ୱାସ୍ଥ୍ୟସେବାରୁ ରାଜ୍ୟ ସରକାର ଲୋକମାନଙ୍କୁ ବଞ୍ଚିତ କରୁଛନ୍ତି ବୋଲି ସେ କହିଛନ୍ତି। ଗୁଜରାଟରେ ଥିବା ଓଡ଼ିଆ ଶ୍ରମିକମାନଙ୍କୁ ଶ୍ରମ ଆଇନ ଅନୁଯାୟୀ ସୁବିଧା ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁଜରାଟରେ ରହୁଥିବା ଓଡ଼ିଆଙ୍କ ନିକଟକୁ ଯାଉଥିବା ସମ୍ପର୍କରେ ୧୫ ତାରିଖରେ ଚିଠି ଦେଇ ରାଜନୈତିକ ଉଦ୍ଦେଶ୍ୟରେ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ଗୁଜରାଟ ଗସ୍ତ କରିଛନ୍ତି। ନିଜ ଗସ୍ତକୁ ସେ କେବଳ ଏକ ସଂଯୋଗ କହିଛନ୍ତି। ଗୁଜରାଟରେ କାର୍ଯ୍ୟରତ ଶ୍ରମିକ ନିଜର ଝାଳବୁହା ଧନକୁ ଚିଟ୍‌ଫଣ୍ଡରେ ରଖିଥିଲେ । ସେ ପଇସା ସରକାର ତୁରନ୍ତ ଫେରାନ୍ତୁ ବୋଲି ରୂପାନୀ କହିଛନ୍ତି।

ଯୁଦ୍ଧବିମାନ ରାଫାଲ କିଣାରେ ଦୁର୍ନୀତି ଅଭିଯୋଗ ଆଣିଥିବା କଂଗ୍ରେସ ଉପରେ ସେ ଜୋରଦାର ବର୍ଷିଥିଲେ। ସେ କହିଥିଲେ ଯେ, ରାଫାଲ କିଣାରେ କୌଣସି ଦୁର୍ନୀତି ହୋଇ ନ ଥିବା ସୁପ୍ରିମକୋର୍ଟ ରାୟରେ ଶୁଣାଇଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ କଂଗ୍ରେସକୁ ଏକ ଶକ୍ତ ଚାପୁଡ଼ା ଦେଇଛି। ଦେଶର ସୁରକ୍ଷା ସହ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବିଶ୍ୱାସଘାତକତା କରିଛନ୍ତି। ଦେଶବାସୀ ଏବଂ ଯବାନଙ୍କୁ କ୍ଷମା ମାଗିବା ଦରକାର। ରାଫାଲ ଚୁକ୍ତି ୨୦୦୭ରୁ ହେବାର ଥିଲା। ୨୦୧୪ ପର୍ଯ୍ୟନ୍ତ କାହିଁକି କରାଯାଉ ନ ଥିଲା। ଭାଗବଣ୍ଟା କରିବାକୁ କଂଗ୍ରେସକୁ କ'ଣ ଦଲାଲ ମିଳୁ ନ ଥିଲେ କି ବୋଲି ରୂପାନୀ ପ୍ରଶ୍ନ କରିଛନ୍ତି। ସବୁ ଚୋର ମିଶି ଚୌକିଦାରଙ୍କୁ ଚୋର କହିବା ଭଳି କଂଗ୍ରେସର ଆଦତ ହୋଇଛି। ରାଜନୀତି ପାଇଁ ସେ ଦେଶର ସୁରକ୍ଷାକୁ ମଧ୍ୟ ବଳି ପକାଇବାକୁ ପଛାଇବେ ନାହିଁ। ସୁପ୍ରିମକୋର୍ଟ ରାୟ ଶୁଣାଇବା ପରେ ପାଣି ଓ କ୍ଷୀର ଅଲଗା ହୋଇଯାଇଛି। ଯଦି ରାହୁଲଙ୍କ ପାଖରେ କୌଣସି ପ୍ରମାଣ ଅଛି ତେବେ ସେ ସୁପ୍ରିମକୋର୍ଟକୁ ଦେଲେ ନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଗାନ୍ଧୀ ପରିବାର କାହାକୁ ମାନନ୍ତି ନାହିଁ। ସୁପ୍ରିମକୋର୍ଟଙ୍କ ରାୟକୁ ମଧ୍ୟ ମାନୁନାହାନ୍ତି ବୋଲି ରୂପାନୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ, ମୁଖପାତ୍ର ଗୋଲକ ନାୟକ, ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି, ଭୃଗୁ ବକ୍ସିପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଦିଲ୍ଲୀରେ ଧାରଣା ଦେବ ବିଜୁ କୃଷକ ଜନତା ଦଳ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**


ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

- ଏମ୍‌ଏସ୍‌ପି ବୃଦ୍ଧି, ସ୍ୱାମୀନାଥନ କମିଟି ସୁପାରିସ ଲାଗୁ ମୁଖ୍ୟ ଦାବି
- ୬ରେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ କର୍ମୀ ଯିବେ

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟର ଚାଷୀ ଭୋଟକୁ ସଙ୍ଗଠିତ କରିବାକୁ ଅଣ୍ଟା ଭିଡ଼ିଛି ଶାସକ ବିଜେଡି। ଚାଷୀ ସମସ୍ୟା ପାଇଁ କେନ୍ଦ୍ର ଅବହେଳା ଏବଂ ନୀତି ଦାୟୀ ବୋଲି ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି। ରାଜ୍ୟର ଚାଷୀ ସମସ୍ୟାକୁ ନେଇ ଜାତୀୟସ୍ତରରେ ଆନ୍ଦୋଳନ କରିବାକୁ ଯାଉଛି ବିଜେଡି। ଏହି କ୍ରମରେ ଆସନ୍ତା ଜାନୁୟାରୀ ୮ରେ ଦଳ ପକ୍ଷରୁ ପାର୍ଲାମେଣ୍ଟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନବନିଯୁକ୍ତ ବିଜୁ କୃଷକ ଜନତା ଦଳ ସଭାପତି ପ୍ରସନ୍ନ ଆଚାର୍ଯ୍ୟ ସୋମବାର ସୂଚନା ଦେଇଛନ୍ତି।

ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ବିଜେଡି ନେତୃବୃନ୍ଦ କେନ୍ଦ୍ର ସରକାର ଉପରେ ବର୍ଷିଛନ୍ତି। ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, କୃଷି ଏବଂ କୃଷକ ଓଡ଼ିଶାର ଅର୍ଥନୀତି ଓ ସମାଜର ବୃହତ୍ ଅଙ୍ଗ। ରାଜ୍ୟର କୃଷି ମୁଖ୍ୟତଃ ଧାନ ଉତ୍ପାଦନଭିତ୍ତିକ। ଏପରିସ୍ଥଳେ ଚାଷୀକୁ ତା'ର ଉତ୍ପାଦିତ ଶସ୍ୟର ଉପଯୁକ୍ତ ମୂଲ୍ୟ ମିଳିବା ଆବଶ୍ୟକ। ଓଡ଼ିଶା ବିଧାନସଭାରେ ମଧ୍ୟ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ନେଇ ସର୍ବସମ୍ମତିକ୍ରମେ ସଂକଳ୍ପ ପାରିତ ହୋଇଛି। ଏମ୍‌ଏସ୍‌ପି ନିର୍ଦ୍ଧାରଣ କ୍ଷମତା ରାଜ୍ୟ ସରକାରଙ୍କର ନାହିଁ। ଏହା କେନ୍ଦ୍ର ସରକାରଙ୍କ କ୍ଷମତା ପରିସରଭୁକ୍ତ। ତେଣୁ କେନ୍ଦ୍ର ନିକଟରେ ଓଡ଼ିଆ ଚାଷୀଙ୍କ ଅଧିକାରକୁ ଯଥାର୍ଥ ଭାବେ ଉପସ୍ଥାପନ ପାଇଁ ଦିଲ୍ଲୀରେ ବିକ୍ଷୋଭ କରାଯିବା ବୋଲି ପ୍ରସନ୍ନ କହିଛନ୍ତି। ଏହି ସମ୍ମିଳନୀରେ ଉପସ୍ଥିତ ଥିବା ବିଧାୟକ ସଞ୍ଜୟ ଦାସବର୍ମା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ କାର୍ଯ୍ୟାଳୟକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି ଗୃହ କମିଟିକୁ ସାକ୍ଷାତ ନ କରିବା ଦୁର୍ଭାଗ୍ୟଜନକ। ଭାଜପା ୨୦୧୪ ନିର୍ବାଚନ ପୂର୍ବରୁ ସ୍ୱାମୀନାଥନ କମିଟି ସୁପାରିସକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ସେହିସବୁ ସୁପାରିସ ମଧ୍ୟରୁ ଏମ୍‌ଏସ୍‌ପି ବୃଦ୍ଧି ଅନ୍ୟତମ। କିନ୍ତୁ ଭାଜପା ତାହା ପାଳନ କଲାନାହିଁ ବୋଲି ସଞ୍ଜୟ କହିଛନ୍ତି। ସେହିପରି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ଚାଷୀକୁଳର ସାମଗ୍ରିକ ବିକାଶ ପାଇଁ ସ୍ୱତନ୍ତ୍ର କୃଷି ବଜେଟ, କୃଷି କ୍ୟାବିନେଟ କରାଯାଇଛି। ଚାଷୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପ୍ରତିଶତ ସୁଧରେ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ନିକଟରେ କୃଷକଙ୍କ ପ୍ରତି ହୋଇଥିବା ଅନ୍ୟାୟ ପ୍ରତିବାଦରେ ମହାରାଷ୍ଟ୍ରର ଭାଜପା ଏମ୍‌ପି ଇସ୍ତଫା ଦେଇଛନ୍ତି। ଯେପର୍ଯ୍ୟନ୍ତ କେନ୍ଦ୍ର ସରକାର ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଦେଢ଼ଗୁଣା ମୂଲ୍ୟ ପ୍ରଦାନ ଓ ସ୍ୱାମୀନାଥନ କମିଟି ସୁପାରିସକୁ କାର୍ଯ୍ୟକାରୀ କରିନାହାନ୍ତି, ସେପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଦେବୀ କହିଛନ୍ତି।

ସେହିପରି ବିଜୁ କୃଷକ ଜନତା ଦଳର ମହାସଚିବ ପ୍ରତାପ ଜେନା କହିଛନ୍ତି ଯେ, ଆସନ୍ତା ୬ ତାରିଖରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଦଳୀୟ କର୍ମୀ ଓ ଚାଷୀ ପ୍ରତିନିଧି ଦିଲ୍ଲୀ ଯିବେ ଏବଂ ୮ରେ ପାର୍ଲାମେଣ୍ଟ ସମ୍ମୁଖରେ ହେବାକୁ ଥିବା ଧାରଣା ଓ ବିକ୍ଷୋଭ ପ୍ରଦର୍ଶନରେ ଭାଗନେବେ। ଅନ୍ୟମାନଙ୍କ ମଧ୍ୟରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଜୁ କୃଷକ ଜନତା ଦଳ ସହ ସମସ୍ତ ଛାମୁଆ ସଙ୍ଗଠନର କର୍ମକର୍ତ୍ତା, ସମସ୍ତ ଏମ୍‌ପି, ବିଧାୟକ ଯୋଗଦେବେ ବୋଲି ପ୍ରତାପ କହିଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ କି ନାହିଁ, ସେନେଇ ଦଳ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ବିଧାୟକ ଅରୁଣ କୁମାର ସାହୁ, ଏମ୍‌ପି ବଳଭଦ୍ର ମାଝି, ମୁଖପାତ୍ର ସସ୍ମିତ ପାତ୍ର ଏବଂ ରାଜ୍ୟ ସମ୍ପାଦକ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦ ପାଇଁ ଘୁଞ୍ଚିଲା ପରୀକ୍ଷା

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦର ଡିପ୍ଲୋମା ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ୧୮ ତାରିଖରେ ହେବାକୁ ଥିବା ପରୀକ୍ଷା ଆସନ୍ତା ୨୦ତାରିଖରେ ଅନୁଷ୍ଠିତ ହେବ। ପରୀକ୍ଷା ପାଇଁ ଧାର୍ଯ୍ୟ ହୋଇଥିବା ସମୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏ ନେଇ ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେହିପରି ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି(ବିପିୟୁଟି) ଅଧୀନ ସମସ୍ତ କଲେଜରେ ହେବାକୁ ଥିବା ଅଡ୍ ସେମିଷ୍ଟର(ଦ୍ୱିତୀୟ ପର୍ଯ୍ୟାୟ) ପରୀକ୍ଷାକୁ ମଧ୍ୟ ଘୁଞ୍ଚାଇ ଦିଆଯାଇଛି।


## ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରମିଳା ସାହୁ**
ପ୍ଲଟ୍ ନଂ-୧୮, ରାଜାରାଣୀ କଲୋନୀ, ଟଙ୍କପାଣି ରୋଡ଼, ଭୁବନେଶ୍ୱର
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାରବର୍ଗ।
ଧ-୫୮୦୨୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଡା. ପ୍ରତାପ ଚନ୍ଦ୍ର ସ୍ୱାଇଁ**
ଆବିର୍ଭାବ: ୦୩।୧୦।୧୯୫୧
ତିରୋଧାନ: ୨୩।୧୨।୨୦୧୨
(ମୋକ୍ଷଦା ଏକାଦଶୀ)
ଆଜି ଷଷ୍ଠ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମଳିନ, ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ତରୁଲତା, ରୁମ୍‌କି, ରାଜ, କିଶନ, ଈଶା, ୟଶ ଓ ପରିବାରବର୍ଗ।
ଧ-୧୦୦୧୦


# ଦଳିତ ନାବାଳିକାଙ୍କୁ ଗଣ ବଳାତ୍କାର

## ୩ ଅଭିଯୁକ୍ତ ଜେଲ ଗଲେ

**ବ୍ରହ୍ମପୁର ଅଫିସ୍, ୧୭।୧୨**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଧୀନ ଏକ ଗ୍ରାମରେ ଜଣୈକା ଦଳିତ ନାବାଳିକାଙ୍କୁ ଗଣ ବଳାତ୍କାର କରାଯାଇଥିବା ଅଭିଯୋଗରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ କାହ୍ନୁ ପାତ୍ର, ସୁଦର୍ଶନ ନାୟକ ଏବଂ ତୋଫାନ ନାୟକ ।

ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ୧୬ ବର୍ଷର ଦଳିତ ନାବାଳିକା ଦୋକାନକୁ ସଉଦା କରିବାକୁ ଯାଉଥିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ଟେକି ନେଇ ନିକଟସ୍ଥ ଏକ ଚାଷ ଜମିରେ ଗଣ ବଳାତ୍କାର କରିଥିଲେ । ପୀଡିତା ଜଣକ ନିଜ ଘରକୁ ଯାଇ ସମସ୍ତ କଥା କହିବା ପରେ ତାଙ୍କ ମା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୨୨୬/୧୮ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସୋମବାର ଉଭୟ ପୀଡିତା ଏବଂ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା ହେବା ପରେ ସେମାନଙ୍କୁ ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା । ସେଠାରେ ସମସ୍ତଙ୍କ ବୟାନ୍ ରେକର୍ଡ କରାଯାଇ ଥିବା ତଦନ୍ତକାରୀ ଅଧିକାରୀ ବ୍ରହ୍ମପୁର ସଦର ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ଏବଂ ଗୋଳନ୍ଥରା ଆଇଆଇସି ଆଲୋକ ଜେନା ସୂଚନା ଦେଇଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** 
ଆଜି ଜନ୍ମଚନ୍ଦ୍ର ହେତୁ ମାନସିକ ସ୍ଥିରତା ରହିବ ନାହିଁ ଏବଂ ସାଧାରଣ କଥାରେ ଉତ୍ତେଜିତ ହୋଇପାରନ୍ତି। ପ୍ରତ୍ୟେକ ସ୍ତରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବିବାଦୀୟ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳିନେବେ। କର୍ମକ୍ଷେତ୍ରରେ ଅଥବା ପ୍ରଶାସନିକ ସ୍ତରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**ବୃଷ** 
ଚତୁର୍ଥଭାବେ ବୁଧଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ବନ୍ଧୁ ଓ ପରିଜନମାନଙ୍କ କାର୍ଯ୍ୟରେ ସାମିଲ୍ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍ସନ ବୃଦ୍ଧି ପାଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ** 
ସପ୍ତମାଧିପତି ନିଜ ଭାବରୁ ଦ୍ୱାଦଶସ୍ଥ ହେତୁ ବାଣିଜ୍ୟ, ବ୍ୟବସାୟ, ଯାତ୍ରା ଓ ଘରେ ସ୍ତ୍ରୀଙ୍କ ସହ ମନାନ୍ତରଜନିତ ସମସ୍ୟାର ଆଶଙ୍କା ରହିଛି। ନିକଟ ଅତୀତର କୌଣସି ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟିର ସମ୍ମୁଖୀନ ହେବେ। ଅନ୍ୟ ମାନଙ୍କର କାନକୁହା କଥା ଶୁଣି ଉପର ଅଧିକାରୀମାନେ ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି।

**କର୍କଟ** 
ମଙ୍ଗଳ ଦୁଃସ୍ଥାନସ୍ଥ ହେତୁ ପରିବାରରେ ସନ୍ତାନ କିମ୍ବା ବନ୍ଧୁଙ୍କ ସହ ପୂର୍ବାଲୋଚନାକୁ କେନ୍ଦ୍ରକରି କୌଣସି ଅଭିଯୋଗ ଆସିପାରେ। କିନ୍ତୁ ପୁଷ୍ୟା ନକ୍ଷତ୍ର ସକାଶେ ଆନୁଷ୍ଠାନିକ କାମ ଓ ସଭାସମିତିରେ ସଫଳତା ମିଳିବ। ପରୋକ୍ଷ ଆଲୋଚନା ବିଷୟରେ ଅନ୍ୟମାନଙ୍କ ନିକଟରୁ ଶୁଣି ଦୁଃଖ କରିବେ। ଆଶା ପୂରଣ ହେବା ସହ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି।

**ସିଂହ** 
ଗ୍ରହଙ୍କ ସ୍ଥିତିକୁ ନେଇ ପରିବାରରେ ପିଲାମାନଙ୍କ ସମସ୍ୟା ଭିତରେ ନିଜେ ବାନ୍ଧି ହୋଇ ଯାଇ ପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଥିଲେ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହେବ। କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ । ଭଲ ସମ୍ପର୍କ ରହିଥିବା ବ୍ୟକ୍ତିଙ୍କ ମତାନ୍ତରକୁ କେନ୍ଦ୍ରକରି ଶତ୍ରୁତା ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ।

**କନ୍ୟା** 
ପରସ୍ପର ଶତ୍ରୁମନୋଭାବାପନ୍ନ ରବି ଓ ଶନି ପାରିବାରିକ ସମ୍ପର୍କକୁ ବିବାଦୀୟ କରିଦେଇପାରନ୍ତି। ସହକର୍ମୀଙ୍କ ସାହାଯ୍ୟରେ ଦୀର୍ଘଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଲୋଚନା ପରିସରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ । ଆଜିର ଯାତ୍ରା, ଉଚ୍ଚଶିକ୍ଷା, ବ୍ୟବସାୟିକ ସ୍ଥିତି ପ୍ରାୟତଃ ମନ୍ଦ ହେବନାହିଁ।

**ତୁଳା** 
ଚାରୋଟି କେନ୍ଦ୍ରରେ ଗ୍ରହମାନେ ଅବସ୍ଥାନ କରି ଆପଣଙ୍କ ସାମଗ୍ରିକ ଆଶା ଓ କାମନାକୁ ଚରିତାର୍ଥ କରିପାରନ୍ତି। ଅବଶ୍ୟ ରାହୁ ଓ କେତୁଙ୍କ ପ୍ରଭାବରେ ପରିବାର ଓ କର୍ମକ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମର ଆଶଙ୍କା ଦେଖାଦେବ। ସ୍ୱାତୀ ନକ୍ଷତ୍ର କିନ୍ତୁ ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ଖୁସି ରହିବେ । କାରିଗରିକାମରେ ଅର୍ଥ ଓ ସମ୍ମାନ ଲାଭ କରିବାର ସୁଯୋଗ ଆସିପାରେ ।

**ବିଛା** 
ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କ ମନ ଚାହିଁଲା ଭଳି ସୁଯୋଗ ପ୍ରଦାନ କରି ଖୁସି କରାଇବ। ସଭାସମିତି କିମ୍ବା ପ୍ରଶାସନିକ ସ୍ତରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭବାନ ହେବେ। କ୍ରୀଡା, ଚଳଚ୍ଚିତ୍ର ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ରହିଛି ।

**ଧନୁ** 
ରାଶିରେ ପାପଗ୍ରହ ଥିବାରୁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କର୍ମହାନି ଓ ଏକାଧିକ ସମସ୍ୟା ମନକୁ ବିବ୍ରତ କରାଇପାରେ। ସାମାନ୍ୟ ବଚସାରୁ ପ୍ରିୟ ବନ୍ଧୁଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ଘରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେବା ସାଙ୍ଗକୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ମକର** 
ଚନ୍ଦ୍ରଙ୍କ ପ୍ରଭାବରେ କୌଣସି ଦୂରାଗତ ବନ୍ଧୁଙ୍କ ଆଗମନୀ ବାର୍ତ୍ତା ମନକୁ ଖୁସି କରାଇବ। ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତା ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ଆଦୃତି ଲାଭ କରିବାର ସୁଯୋଗ ଜୁଟିବ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାର କଥା କହିବାକୁ ପଡିପାରେ। ଅଧ୍ୟୟନ, ଆଲୋଚନା ଓ ତର୍କବିତର୍କରେ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** 
କାର୍ଯ୍ୟହାସଲର ଅନ୍ତର୍ନିହିତ ଉଦ୍ଦେଶ୍ୟ ପୂରଣ ପାଇଁ ବନ୍ଧୁଙ୍କ କଥା ଓ କାମରେ ବିସ୍ମୟ ପ୍ରକାଶ କରିପାରନ୍ତି। ପରିବାରରେ ଭାବୁଥିବା କଥାଟି ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ କିନ୍ତୁ କିଛି କହିପାରିବେ ନାହିଁ । କୌଣସି ବିବାଦୀୟ ସ୍ଥିତିର ସମାଧାନ ସକାଶେ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** 
କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ଏକ ପ୍ରକାର ଆତ୍ମତୃପ୍ତିଲାଭ କରିବେ। ପରିବାରର ମତ ନ ନେଇ କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ। ବନ୍ଧୁସମ୍ପର୍କ, ମାଲିମକଦ୍ଦମା, କ୍ରୟବିକ୍ରୟ, ଯାତ୍ରା ଓ ବାଣିଜ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବାର ସୂଚନା ରହିଛି।

ଆଜି ମାର୍ଗଶିର ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ମଙ୍ଗଳବାର, ଡିସେମ୍ବର ୧୮ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ୬।୪୦ମି. ଗତେ ଘ୯।୦୦ମି. ମଧ୍ୟେ, ଘ୨।୨୫ମି. ଗତେ ଘ୩।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୭।୪୦ମି. ମଧ୍ୟେ ଘ୧୦।୨୨ମି. ଗତେ, ଘ୧୧।୪୨ମି. ମଧ୍ୟେ ଘ୩।୪୫ମି. ଗତେ ମାହେନ୍ଦ୍ରବେଳା। ଦିବା ଘ୨।୨୫ମି.ଗତେ ଘ୩।୪୬ମି. ମଧ୍ୟେ ରାହୁ କାଳ।

# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୧୮ /୨୦୧୮ | Rayagada, Tuesday, December 18 / 2018 | ପୃଷ୍ଠା-୧




**ଅପୂର୍ବାଙ୍କ ସଫଳତା**

ଅଲ୍ଟ୍ରା ରନର ଅପୂର୍ବା ଚୌଧାରୀ ଏନ୍ଇବି ଟ୍ୱେଣ୍ଟି ଫୋର୍ ଆୱାର ଷ୍ଟାଡିୟମ ରନରେ ଏକ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

୧୧

୦୫

**କ୍ୟାଟ୍ରିଓନାଙ୍କୁ ମିସ୍ ୟୁନିଭର୍ସ ମୁକୁଟ**

ବ୍ୟାଙ୍କକ୍‌ରେ ଆୟୋଜିତ ମିସ୍ ୟୁନିଭର୍ସ-୨୦୧୮ ପ୍ରତିଯୋଗିତାରେ ବିଶ୍ୱର ୯୩ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଫିଲିପାଇନ୍ସର କ୍ୟାଟ୍ରିଓନା ଏଲିସା ଗ୍ରେ ମିସ୍ ୟୁନିଭର୍ସ ମୁକୁଟ ବିଜୟିନୀ ହୋଇଛନ୍ତି।




■ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

## ଆଜି ଅବିଭକ୍ତ କୋରାପୁଟ ବନ୍ଦ

ଜୟପୁର,୧୭।୧୨(ନି.ପ୍ର.)

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ମଙ୍ଗଳବାର ୧୨ ଘଣ୍ଟା ବନ୍ଦ ରହିବ ଅବିଭକ୍ତ କୋରାପୁଟ। ଗତ ୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବା ବେଳେ ମଙ୍ଗଳବାର ଏହା ୧୪ ଦିନରେ ପହଞ୍ଚିଛି । କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଓ ରାୟଗଡ଼ା ଜିଲାରେ ସକାଳ ୬ରୁ ସନ୍ଧ୍ୟା ୬ ଯାଏଁ ସ୍କୁଲ, କଲେଜ, ଦୋକାନ, ବଜାର, ବସ୍, ଟ୍ରେନ ଚଳାଚଳ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ବନ୍ଦ ରହିବି । ଏହାସହ ଅର୍ଥନୈତିକ ଅବରୋଧ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟିର ମୁଖପାତ୍ର ପ୍ରଭାକର ପଟ୍ଟନାୟକ ପ୍ରକାଶ କରିଛନ୍ତି । ବନ୍ଦ ଡାକରାକୁ ସବୁ ରାଜନୈତିକ ଦଳ ସମେତ ୩୦ଟି ସଂଗଠନ ସମର୍ଥନ ଦେଇଛନ୍ତି ।

■ 'ତିତ୍‌ଲି' ସହାୟତା ଦେଲା କେନ୍ଦ୍ର

# ମିଳିଲା ୧୦୨୩ କୋଟି

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ତିତ୍‌ଲି କ୍ଷୟକ୍ଷତି ଭରଣା ପାଇଁ କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏନ୍‌ଡିଆର୍‌ଏଫ୍)ରୁ ଓଡ଼ିଶାକୁ ୧୦୨୩.୫୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାର ତିତ୍‌ଲିରେ ହୋଇଥିବା କ୍ଷୟକ୍ଷତି ଆକଳନ କରି ଭରଣା ପାଇଁ ୨୦୨୩.୨୩ କୋଟି ଟଙ୍କାର ସହାୟତା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ମାତ୍ର କେନ୍ଦ୍ର ସରକାର ଏହାର ଅଧା ସହାୟତା ଅନୁମୋଦନ କରିଛନ୍ତି।

ନିକଟରେ ଆନ୍ଧ୍ରପ୍ରଦେଶ, କେରଳକୁ କେନ୍ଦ୍ର ସରକାର ଏନ୍‌ଡିଆର୍‌ଏଫ୍‌ରୁ ସହାୟତା ରାଶି ଘୋଷଣା ପରେ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଡିସେମ୍ବର ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜନାଥଙ୍କୁ ତିତ୍‌ଲି ସହାୟତା ଯୋଗାଇ ଦେବାକୁ ଚିଠି ଲେଖିଥିଲେ। ଏପରିକି ୧୫ ତାରିଖରେ ତୁରନ୍ତ ସହାୟତା ରାଶି ଦେବାକୁ ଫୋନ୍ ଯୋଗେ ଅନୁରୋଧ କରିଥିଲେ।

ଅକ୍ଟୋବର ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ବାତ୍ୟା ଓ ବର୍ଷା ପରବର୍ତ୍ତୀ ପୁନରୁଦ୍ଧାର ଓ ଥଇଥାନ ପାଇଁ ଅନ୍ତରୀଣ ସହାୟତା ବାବଦରେ ତୁରନ୍ତ ୧ ହଜାର କୋଟି ଟଙ୍କା ଏବଂ ବାତ୍ୟା ଓ ବର୍ଷାରେ ନଷ୍ଟ ହୋଇଥିବା ୫୭,୧୩୧ ବାସଗୃହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗାଇ ଦେବାକୁ ଚିଠି ଜରିଆରେ ଅବଗତ କରାଇଥିଲେ। ଡିସେମ୍ବର ୮ ତାରିଖରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ତିତ୍‌ଲି ସହାୟତା ରାଶି ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।

ଏଠାରେ ସୂଚନା ଯୋଗ୍ୟ ଯେ ନଭେମ୍ବର ୨ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଏସ.କେ. ସାହିଙ୍କ ନେତୃତ୍ୱରେ ଏକ କେନ୍ଦ୍ରୀୟ ଟିମ ଦୁଇଦିନ ଧରି ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲାଗସ୍ତ କରି କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଗସ୍ତ ଶେଷରେ ଟିମ୍ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇ ବାତ୍ୟା ଓ ଏହା ପରବର୍ତ୍ତୀ ରିଲିଫ,ଥଇଥାନ ବିଷୟରେ ଆଲୋଚନା କରିଥିଲେ।

ଅକ୍ଟୋବର ୧୧ ତାରିଖରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ତିତଲି, ଏହା ପରବର୍ତ୍ତୀ ବର୍ଷା ଓ ଭୂସ୍ଖଳନ ଯୋଗୁ ରାଜ୍ୟରେ ୭୦ ଜଣଙ୍କର ମୃତ୍ୟୁ ହୋଇଥିଲା। ୧୨୮ ବ୍ଲକର ୮୬୯୧ ଗ୍ରାମ ଓ ୩୬ଟି ପୌରାଞ୍ଚଳ ପ୍ରଭାବିତ ହୋଇଥିଲା। ପ୍ରାୟ ୬୦.୩୧ ଲକ୍ଷ ଲୋକ ଏଥିଯୋଗୁ ପ୍ରଭାବିତ ହୋଇଥିଲେ। ୫୭,୧୩୧ ବାସଗୃହ ନଷ୍ଟ ହୋଇଥିବା ବେଳେ ୨.୭୩ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା।

**ଆଜିର ସମ୍ପାଦକୀୟ**

ରାଫେଲର ରଙ୍ଗ

**ଆଜିର ମନ୍ତବ୍ୟ**

"ରାଫାଲ ପ୍ରସଙ୍ଗରେ ରାହୁଲଙ୍କ ମିଥ୍ୟା ଅଭିଯୋଗ ଧରାପଡ଼ିଯାଇଛି।

– ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ

**CBSE Exam Mate**

ପୃଷ୍ଠା-୭


NECC NATIONAL EGG CO-ORDINATION COMMITTEE 17.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 71 | 120 | 130 |
| DKL | 72 | 122 | 132 |
| BDK | 71 | 120 | 130 |
| BLS | 73 | 123 | 133 |
| ANG | 74 | 124 | 134 |

*Conditions Apply

Eggs Retail Price- 53/-Dozen

Issued in the Interest of Consumers


# ସ୍ଥଳଭାଗ ଛୁଇଁଲା ପେଥାଇ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

■ଦକ୍ଷିଣ,ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା
■କୋହଲା ପାଗ ଯୋଗୁ ଜନଜୀବନ ପ୍ରଭାବିତ
■ଖେତରେ ଭାସୁଛି ପାଚିଲା ଧାନ
■ଅମଳକୁ ନେଇ ଚିନ୍ତାରେ ଚାଷୀ

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ପେଥାଇ' ସୋମବାର ମଧ୍ୟାହ୍ନରେ ଆନ୍ଧ୍ରପ୍ରଦେଶର କାକିନାଡ଼ା ଦେଇ ସ୍ଥଳଭାଗ ଛୁଇଁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାତ୍ୟା ଦୁର୍ବଳ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବାତ୍ୟା ପେଥାଇ ପ୍ରଭାବରେ ଗତ ଦୁଇ ଦିନ ହେବ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ଲାଗି ରହିଛି। କୋହଲା ପାଗ ସାଙ୍ଗକୁ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। କେତେକ ଜିଲାରେ ପ୍ରବଳ ବର୍ଷା ହୋଇଥିବା ଜଣାପଡ଼ିଛି। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭବାନୀପାଟଣାରେ ସର୍ବାଧିକ ୩୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୩୧, ଫୁଲବାଣୀ ୧୪, କୋରାପୁଟ ୧୫.୨, ମାଲକାନଗିରି ୧୭, ସୋନପୁର ୨୧, ଟିଟିଲାଗଡ଼ ୨୬, ଦାରିଙ୍ଗିବାଡି ୧୧, ହୀରାକୁଦ, ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ରେ ୧୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କେତେକ ସ୍ଥାନରେ ବର୍ଷା ଯୋଗୁ ଖେତରେ ପଡ଼ିଥିବା ପାଚିଲା ଧାନ ପାଣିରେ ଭାସୁଛି। ସେଗୁଡିକ ଗଜା ହେବାର ଆଶଙ୍କା ସୃଷ୍ଟି ହୋଇଛି। ପାଚିଲା ଧାନକୁ କିପରି ଅମଳ କରିବେ ସେ ଚିନ୍ତା ଚାଷୀଙ୍କୁ ଘାରିଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ଲାଗି ରହିଛି। କୋହଲିଆ ପାଗ ଯୋଗୁ ରାଜ୍ୟରେ ଶୀତ ପ୍ରକୋପ ବୃଦ୍ଧିପାଇଛି। ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ହ୍ରାସ ପାଇଛି। ଆସନ୍ତା ୧୯ ତାରିଖରୁ ରାଜ୍ୟରେ ଶୀତର ପ୍ରକୋପ ଆହୁରି ବଢ଼ିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ମାଲକାନଗିରି, ନବରଙ୍ଗପୁର, ଗଞ୍ଜାମ, ପୁରୀ, କନ୍ଧମାଳ, ବରଗଡ଼, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଉପକୂଳ ଓଡ଼ିଶାରେ ମେଘୁଆ ପାଗ ରହିବା ସହ ସ୍ୱଳ୍ପରୁ ମଧ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ପିଥାଇ ଦୁର୍ବଳ ହେଉଥିଲେ ମଧ୍ୟ ଏହାର ପ୍ରଭାବରେ ଉପକୂଳରେ ଘଣ୍ଟାକୁ ୫୦ରୁ ୬୦ ଓ ବେଳେ ବେଳେ ୮୦ କିଲୋମିଟର ☞ପୃଷ୍ଠା-୪

■୧୯୮୪ ଶିଖ୍ ବିରୋଧୀ ଦଙ୍ଗା

## ସଜ୍ଜନ କୁମାରଙ୍କୁ ଆଜୀବନ ଜେଲ

ନୂଆଦିଲ୍ଲୀ,୧୭।୧୨(ପି.ଟି.)

୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ବରିଷ୍ଠ କଂଗ୍ରେସ ନେତା ସଜ୍ଜନ କୁମାରଙ୍କୁ ଦିଲ୍ଲୀ ହାଇକୋର୍ଟ ସୋମବାର ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି। ସେ ଜୀବନ କାଳ ପର୍ଯ୍ୟନ୍ତ ଜେଲ୍‌ରେ କଟାଇବେ। ଏହି ଦଙ୍ଗା ମାନବିକତା ବିରୋଧରେ ଅପରାଧ ଥିଲା। ଦଙ୍ଗା ଘଟାଇଥିବା ଲୋକମାନଙ୍କୁ ରାଜନୈତିକ ସୁରକ୍ଷା ମିଳୁଥିଲା ବୋଲି କୋର୍ଟ କହିଛନ୍ତି। ଅଭିଯୁକ୍ତଙ୍କୁ ଦଣ୍ଡ ଦେବାରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଲାଗିଛି। କୋର୍ଟଙ୍କ ଆଗରେ ଅନେକ ଚାଲେଞ୍ଜ ସତ୍ତ୍ୱେ ସତ୍ୟ ପଦାକୁ ଆସିବ ଏବଂ ମୃତକଙ୍କ ପରିବାରକୁ ନ୍ୟାୟ ମିଳିବା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଅଦାଲତ କହିଛନ୍ତି। ଅନ୍ୟ ପକ୍ଷରେ ହାଇକୋର୍ଟଙ୍କ ରାୟ ବିରୋଧରେ ସେ ସୁପ୍ରିମକୋର୍ଟ ଯିବେ ବୋଲି ସଜ୍ଜନ କୁମାରଙ୍କ ଓକିଲ କହିଛନ୍ତି।

୧୯୮୪ ଅକ୍ଟୋବର ୩୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କର ଦୁଇ ଜଣ ଶିଖ୍ ଅଙ୍ଗରକ୍ଷୀ ଗୁଳିକରି ହତ୍ୟା କରିବା ପରେ ଦିଲ୍ଲୀ ସମେତ ସାରା ଦେଶରେ ଶିଖ୍ ବିରୋଧୀ ଦଙ୍ଗା ସୃଷ୍ଟି ହୋଇଥିଲା। ଦକ୍ଷିଣ-ପୂର୍ବ ଦିଲ୍ଲୀର ପାଲାମ କଲୋନୀସ୍ଥିତ ରାଜନଗର ଅଞ୍ଚଳରେ ନଭେମ୍ବର ୧ ତାରିଖ ରାତିରେ ୫ ଜଣ ଶିଖ୍‌ଙ୍କୁ ☞ପୃଷ୍ଠା-୪








Safest car amongst all the models tested by Global NCAP for Indian market. Images and illustrations are indicative and for information purposes only. All features/specifications are not available in all variants and may vary for different variants. Specifications/features subject to change without prior information. Please consult an authorised Tata Motors dealer for latest information on features/specifications before deciding to place an order. Colours may not match the actual colours due to printing limitations. Terms and conditions apply. #Price ex-showroom Bhubaneswar. *Above mentioned benefits include exchange bonus and may vary for different variants.

କିନ୍ତୁ ହେ ମାନବାତ୍ମା ! ତୁମେ ଦୁଃଖକୁ ଖୋଜିଲୋଡି ଡାକିଆଣନା। କାରଣ, ଦୁଃଖ କାମ୍ୟ ନୁହେଁ। କେବଳ ସେହି ଦିବ୍ୟ ଆନନ୍ଦର ଅନୁସନ୍ଧାନ କରି ଚାଲ। ଦୁଃଖକଷ୍ଟ ତ ଆସିବ ତୁମ ପାଖକୁ ଦିବ୍ୟ ବିଧାନ ଅନୁସାରେ କିନ୍ତୁ ତାହା ଆସିବ ତୁମ ଲାଗି ପ୍ରୟୋଜନ ହିସାବରେ। ସେହି ଦୁଃଖ ବେଦନାର ଅନ୍ତର ଭିତରେ ତୁମେ ଆବିଷ୍କାର କରିବ ସୁଖର ସାରସତ୍ତ୍ୱ। – ଶ୍ରୀଅରବିନ୍ଦ

# ରାୟର ରଙ୍ଗ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଦେହରକ୍ଷୀ ବେୟନ୍ତ ସିଂ ଓ ସତ୍ୱନ୍ତ ସିଂ ୧୯୮୪ ଅକ୍ଟୋବର ୩୧ରେ ଗୁଳିକରି ହତ୍ୟା କରିଥିଲେ। ଏହା ପରେ ଦିଲ୍ଲୀ ସମେତ ସମଗ୍ର ଦେଶରେ ଶିଖ୍ ବିରୋଧୀ ଦଙ୍ଗାରେ ୮,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ଅବଶ୍ୟ ବେସରକାରୀ ହିସାବରେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ଥିବା ସେତେବେଳେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏଭଳି ଗଣହତ୍ୟା ସେହି ସମୟରେ ସମଗ୍ର ଦେଶରେ ଚହଳ ପକାଇ ଦେଇଥିଲା। ଦୀର୍ଘ ୩୪ ବର୍ଷ ପରେ ଦଙ୍ଗାର ଅନ୍ୟତମ ଷଡ଼ଯନ୍ତ୍ରକାରୀ ସଜ୍ଜନ କୁମାରଙ୍କୁ ଡିସେମ୍ବର ୧୭ରେ ଦିଲ୍ଲୀ ହାଇକୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ତାଙ୍କ ବ୍ୟତୀତ ଅନ୍ୟ କେତେଜଣଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି। ତଳ କୋର୍ଟ ସଜ୍ଜନଙ୍କୁ ଦୋଷମୁକ୍ତ କରିବା ପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଓ ପୀଡ଼ିତଙ୍କ ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ଉକ୍ତ ରାୟକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏବେ ସଜ୍ଜନ ଦୋଷୀ ସାବ୍ୟସ୍ତ ହେବା ପରେ ଦୁଇ ପ୍ରମୁଖ ରାଜନୈତିକ ଦଳ ରାୟକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଭାରତୀୟ ଜନତା ପାର୍ଟି (ଭାଜପା) ଏହାକୁ ସ୍ୱାଗତ କରିଥିବା ବେଳେ କଂଗ୍ରେସ କୋର୍ଟ ରାୟକୁ ନେଇ ରାଜନୀତି କରା ନ ଯାଉ ବୋଲି କହିଛି।

ଭାରତରେ ଦୀର୍ଘବର୍ଷ ପରେ ଗଣହତ୍ୟା ରଚିଥିବା ଦୋଷୀଙ୍କୁ ଦଣ୍ଡିତ କରାଯିବା ନେଇ ଯେଉଁମାନେ ରାୟକୁ ସ୍ୱାଗତକରି ଉଲ୍ଲସିତ ହେଉଛନ୍ତି, ସେଥିରେ କିଛି ନୂତନତ୍ୱ ଥିବା ଭଳି ମନେ ହେଉନାହିଁ। ଇତିମଧ୍ୟରେ ଶିଖ୍ ବିରୋଧୀ ଦଙ୍ଗାରେ ପ୍ରାଣ ହରାଇଥିବା ଲୋକଙ୍କ ସମ୍ପର୍କୀୟଙ୍କ ମଧ୍ୟରୁ ଅନେକଙ୍କ ପରଲୋକ ଘଟି ସାରିଲାଣି। ଆଜିର ରାୟ ସେମାନଙ୍କୁ କିଭଳି ନ୍ୟାୟ ପ୍ରଦାନ କଲା ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। କେବଳ ନ୍ୟାୟ ବ୍ୟବସ୍ଥା ଏଥିଲାଗି ଏକମାତ୍ର ଦାୟୀ ନୁହେଁ। ପୋଲିସ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ସାଧାରଣ ଲୋକେ ଠିକ୍ ଭାବେ ନ୍ୟାୟ ପାଇପାରୁ ନାହାନ୍ତି। ବାସ୍ତବତା ଦେଖିଲେ ଏବେ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ଥିଲେ ମଧ୍ୟ ତାଙ୍କ ନାମରେ ଥାନାରେ ମାମଲା ରୁଜୁ ହେବାରେ ବିଳମ୍ବ ଘଟୁଛି। ଯଦି ପରିସ୍ଥିତି ଭୟଙ୍କର ରୂପ ଧାରଣ କରୁଛି, ତାହା ହେଲେ ଯାଇ ଅନିଚ୍ଛା ସତ୍ତ୍ୱେ ପୋଲିସ କେସ୍ କରୁଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ ଅସଂଖ୍ୟ ନିର୍ଦ୍ଦୋଷ ବର୍ଷବର୍ଷ ଧରି ଜେଲରେ ଦିନ କାଟୁଛନ୍ତି। ତଳୁ ପୋଲିସ ରିପୋର୍ଟ ପାଣିଚିଆ ଥିଲେ କୋର୍ଟରେ ଦୋଷୀ ଛାଡ଼ ପାଇଯାଇପାରୁଛନ୍ତି। ସଜ୍ଜନଙ୍କ କଥା ଦେଖିଲେ ତଳ କୋର୍ଟ ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଫାଇଲ୍ ଖୋଲାଯାଇ ଏହାର ବିଚାର କରାଯିବା ପରେ ସେ ଆଜି ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅବଶ୍ୟ ଏତିକିରେ କଥା ଅଟକୁ ନାହିଁ। ନିଶ୍ଚିତ ଭାବେ ଏହାର ଅପିଲ୍ ଉପର କୋର୍ଟରେ ହେବ। ସୁପ୍ରିମକୋର୍ଟ ମଧ୍ୟ ରାୟ ଦେବା ପାଇଁ ନିଜର ସମୟ ଖୋଜିବେ।

୨୦୦୨ ଗୋଧ୍ରା ପରବର୍ତ୍ତୀ ହିନ୍ଦୁ-ମୁସଲମାନ ଦଙ୍ଗାରେ ୨,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ୩୨ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲେ ମଧ୍ୟ ବଡ଼ ମାଛ ଜାଲ ବାହାରେ ପହଁରୁଛନ୍ତି। ସେତେବେଳର ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ପରବର୍ତ୍ତୀ ସମୟରେ ଜାତୀୟ ନିର୍ବାଚନ ଜିତି ପ୍ରଧାନମନ୍ତ୍ରୀ ଆସନରେ ପାଖାପାଖି ୫ ବର୍ଷ ବସିଲେଣି ଓ ଦ୍ୱିତୀୟ ଥର ପାଇଁ ଏବେ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ଏହି ଦଙ୍ଗାକୁ ଇତିମଧ୍ୟରେ ୧୬ ବର୍ଷ ବିତିଗଲାଣି। ନ୍ୟାୟ ବ୍ୟବସ୍ଥା ଗେଣ୍ଡା ପରି ଗତି କରୁଥିବା ବେଳେ ଗୁଜରାଟ ଦଙ୍ଗାର ଦୋଷୀଙ୍କୁ କେବେ ଦଣ୍ଡ ମିଳିବ ତାହା ଅନୁମାନ ଲଗାଇବା କଷ୍ଟକର।

କେନ୍ଦ୍ରରେ କଂଗ୍ରେସ ପରିଚାଳିତ ସରକାର ହେଉ ବା ଭାଜପା ନେତୃତ୍ୱାଧୀନ ସରକାର, କେହି ନ୍ୟାୟ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ନେଇ ଆଗ୍ରହ ଦେଖାଉ ଥିବା ଭଳି ମନେହେଉ ନାହିଁ । ୧୯୮୪ ଶିଖ୍ ଦଙ୍ଗା ବେଳେ ଯେଉଁମାନଙ୍କ ଭୂମିକା ସର୍ବୋଚ୍ଚରେ ଥିଲା ସେମାନଙ୍କ ମଧ୍ୟରୁ ଏଚ୍‌କେଏଲ୍ ଭଗତଙ୍କ ପରଲୋକ ଘଟିସାରିଲାଣି। ଅନ୍ୟତମ ନେତା କମଲନାଥ, ଯିଏ କି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି, ତାଙ୍କ ନାମ ମଧ୍ୟ ଏହି ଶିଖ୍ ବିରୋଧୀ ଦଙ୍ଗା ଷଡ଼ଯନ୍ତ୍ରରେ ଆସିଥିଲା। ସେହିପରି ଗୁଜରାଟ ଦଙ୍ଗା ସମୟରେ ସେହି ରାଜ୍ୟର ନେତୃତ୍ୱ ନେଉଥିବା ନରେନ୍ଦ୍ର ମୋଦି ଓ ବରିଷ୍ଠ ନେତା ଅମିତ ଶାହ ଏବେ ଯଥାକ୍ରମେ ପ୍ରଧାନମନ୍ତ୍ରୀ ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି।

ପୋଲିସ ଓ ନ୍ୟାୟ ବ୍ୟବସ୍ଥା ଉପରେ ଚାପ ପକାଇ ଯେଉଁମାନେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି, ସେମାନେ ସଜ୍ଜନଙ୍କ ଭଳି ପୁନର୍ବାର ଦୋଷୀ ସାବ୍ୟସ୍ତ ହେବା ଆଶା କ୍ଷୀଣ। ଆଇନ ଭାଷାରେ ଅଛି-ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ। ଏବେ ଭାରତରେ ସବୁ ସ୍ତରରେ ଖଞ୍ଜି ହୋଇଗଲେଣି 'ୟେସ୍ ମେନ୍' ବା 'ହଁ'ରେ 'ହଁ' ଭରୁଥିବା ବ୍ୟକ୍ତି। ରାଜନୈତିକ ଚାପରେ ଅନେକ ରାୟର ରଙ୍ଗ ଅଧାବାଟରୁ ବଦଳିଯାଉଛି। ରାଫାଲ ଘଟଣାରେ ନଗଦ ରାୟ ଏବେ ସମାଲୋଚନା ପରିସରକୁ ଆସିଛି। ଏକ ସୁସ୍ଥ ଗଣତନ୍ତ୍ର ପାଇଁ ନ୍ୟାୟ ବ୍ୟବସ୍ଥା ରାଜନୀତିରୁ ଊର୍ଦ୍ଧ୍ୱରେ ଏବଂ ଲୋକଙ୍କ ପାଖରେ ଉତ୍ତରଦାୟୀ ହେବା ଆବଶ୍ୟକ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଡିସେମ୍ବର ୧୯୯୩

- ଚିଲିକା ହ୍ରଦରେ କୌଣସି ପ୍ରକାର ସଘନ ଚିଙ୍ଗୁଡ଼ିଚାଷ କରାଯାଇ ପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟ।
- ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଫେରନାଣ୍ଡୋ ବ୍ରାସିଲିଆ ଆସନ୍ତା ୮ ବର୍ଷ ପର୍ଯ୍ୟନ୍ତ କୌଣସି ନିର୍ବାଚନରେ ଭାଗ ନେଇ ପାରିବେ ନାହିଁ ବୋଲି କୋର୍ଟ ଏକ ନିଷେଧାଜ୍ଞା ଜାରି କରିଛନ୍ତି।
- ମଧ୍ୟପ୍ରଦେଶ ସରକାର ଚାକିରି କ୍ଷେତ୍ରରେ ଅନ୍ୟାନ୍ୟ ଅନଗ୍ରସର ଶ୍ରେଣୀ (ଓବିସି) ପାଇଁ ଶତକଡା ୧୪ ଭାଗ ସ୍ଥାନ ସଂରକ୍ଷଣ ପାଇଁ ନିଷ୍ପତ୍ତି ନେଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | D | 9 | | | | | | | 7 | 4 | | A | |
| 1 | 3 | | A | | | 8 | | C | B | | | | | |
| B | | | C | | | | 9 | E | | | | | | 3 |
| 7 | A | | | 4 | | | | 0 | 1 | | E | | D | |
| | 2 | 4 | | | | | | | | | 5 | 7 | | |
| | | | 4 | 1 | | B | | 6 | C | 8 | | 0 | | 2 |
| | C | | E | | | | | D | | | | 1 | | 7 |
| 8 | B | 6 | | | | | | | | | D | | | E |
| | | A | | | 0 | | 3 | 7 | | 4 | | | | |
| | | | | | | 2 | | | | 0 | B | D | 4 | |
| | E | 8 | | | 9 | 3 | | | | | | A | 5 | |
| | | | | | 3 | | | 8 | 7 | 5 | 1 | | | |
| D | | | | | | | 1 | | | | | 3 | | |
| | | 9 | D | | | | 6 | | | A | C | | 1 | |
| 3 | | 7 | | | | 4 | | | | 6 | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 9 | 8 | C | 1 | 0 | 3 | 6 | E | 7 | 5 | D | A | 4 | 2 |
| 7 | D | 3 | 8 | 6 | A | 9 | 2 | 4 | E | 0 | 1 | C | B | 5 |
| E | 2 | 0 | B | D | 5 | 7 | 8 | A | 3 | C | 4 | 6 | 1 | 9 |
| 6 | C | A | 4 | 3 | 2 | 0 | 5 | 1 | B | 8 | 9 | E | D | 7 |
| 5 | 4 | 1 | 9 | 7 | E | C | D | B | 2 | 6 | A | 8 | 3 | 0 |
| 9 | A | E | 6 | 0 | D | 1 | 4 | 8 | 5 | 3 | B | 2 | 7 | C |
| C | 8 | 2 | 1 | E | 9 | D | 3 | 0 | A | 4 | 7 | B | 5 | 6 |
| 3 | B | 7 | 2 | A | 4 | 6 | C | 5 | 8 | D | 0 | 9 | E | 1 |
| 4 | 1 | 6 | 7 | 5 | 8 | A | B | 2 | 9 | E | C | D | 0 | 3 |
| D | 0 | 5 | 3 | C | B | E | 9 | 7 | 6 | 1 | 2 | 4 | A | 8 |
| 0 | 3 | 9 | A | 4 | C | 2 | 7 | D | 1 | B | 6 | 5 | 8 | E |
| 8 | 6 | D | 5 | B | 7 | 4 | 1 | 9 | 0 | 2 | E | 3 | C | A |
| 2 | 7 | C | 0 | 8 | 6 | B | E | 3 | 4 | A | 5 | 1 | 9 | D |
| 1 | E | B | D | 9 | 3 | 5 | A | 6 | C | 7 | 8 | 0 | 2 | 4 |
| A | 5 | 4 | E | 2 | 1 | 8 | 0 | C | D | 9 | 3 | 7 | 6 | B |

ଗତକାଲିର ଉତ୍ତର



# ମାନବାଧିକାର ଓ ମୃତ୍ୟୁଦଣ୍ଡ

ବୈକୁଣ୍ଠନାଥ ମିଶ୍ର

ଭାରତ ସମ୍ବିଧାନର ଧାରା ୨୧ ଭାରତୀୟ ନାଗରିକଙ୍କୁ ସ୍ୱାଧୀନଭାବେ ବଞ୍ଚିବାର ଅଧିକାର ପ୍ରଦାନ କରିଛି। ବ୍ୟକ୍ତିର ସେହି ଅଧିକାର କ୍ଷୁଣ୍ଣ ହେଲେ ମାନବିକ ଅଧିକାର ବିପନ୍ନ ହେଲା ବୋଲି ବୁଝିବାକୁ ହେବ। ଆଧୁନିକ ଯୁଗରେ ମାନବାଧିକାର ଏକ ବିତର୍କିତ ପ୍ରସଙ୍ଗ। କାରଣ ମାନବାଧିକାରର ସଂଜ୍ଞା ଅସ୍ପଷ୍ଟ। ସମାନ ଅପରାଧ ପାଇଁ ଜଣେ ଫାଶୀ ଦଣ୍ଡାଦିଷ୍ଟ ହେଉଥିବା ବେଳେ ଆଉ ଜଣେ ଆଜୀବନ ଜେଲଦଣ୍ଡ ପାଏ। ଜଣେ ନ୍ୟାୟମୂର୍ତ୍ତିଙ୍କ ଦୃଷ୍ଟିରେ ଫାଶୀ ମାନବାଧିକାରର ପରିପନ୍ଥୀ ତ ଆଉ ଜଣେ ବିରଳରୁ ଅତିବିରଳ ଅପରାଧ ପାଇଁ ଫାଶୀଦଣ୍ଡ ଏକମାତ୍ର ବିକଳ୍ପ ବୋଲି ବିବେଚନା କରନ୍ତି। କେତେକ ମାନବାଧିକାର କର୍ମୀଙ୍କ ମତରେ ଜଣଙ୍କର ଜୀବନଦୀପକୁ ନିର୍ବାପିତ କରିବା ମାନବାଧିକାରର ହନନ ସହ ସମାନ। ସେମାନଙ୍କ ମତରେ ଜଘନ୍ୟ ଅପରାଧରେ ଲିପ୍ତ ବ୍ୟକ୍ତିକୁ ପଶ୍ଚାତ୍ତାପର ସୁଯୋଗ ମିଳିବା ଦରକାର।

ପୃଥିବୀର ଅନେକ ଦେଶ ମୃତ୍ୟୁଦଣ୍ଡକୁ କୋହଳ କରିସାରିଥିବା ବେଳେ ଜଷ୍ଟିସ୍ ଏ.ପି. ଶାହାଙ୍କ ଅଧ୍ୟକ୍ଷତାରେ ଗଠିତ କମିଶନ ଭାରତରୁ ମୃତ୍ୟୁଦଣ୍ଡ ଉଚ୍ଛେଦ ସପକ୍ଷରେ ସୁପାରିସ କରିଛନ୍ତି। ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ଆଗତ ଏକ ମାମଲାର ବିଚାରକରି ମତ ଦେଇଛନ୍ତି ଯେ, ବିରଳରୁ ଅତି ବିରଳ ଅପରାଧୀକୁ ମୃତ୍ୟୁଦଣ୍ଡ ନ ଦେବାକୁ ଯଦି ବିଚାର କରାଯାଏ, ତେବେ ପାର୍ଲାମେଣ୍ଟ ଏଥିପାଇଁ ଏକ ଆଇନ ପ୍ରଣୟନ କରିବା ଜରୁରୀ। ପୁନଶ୍ଚ ପାର୍ଲାମେଣ୍ଟ ମୃତ୍ୟୁଦଣ୍ଡକୁ ବଳବତ୍ତର ରଖିବାକୁ ଚାହୁଁଥିଲେ ଫାଶୀର ସହଜ ବିକଳ୍ପ ଚିନ୍ତାକରି ସେଥିପାଇଁ ଆଇନ ପ୍ରଣୟନ କରନ୍ତୁ। ପାର୍ଲାମେଣ୍ଟ କ'ଣ ନିଷ୍ପତ୍ତି ନେବେ ତାହା ତ ଭିନ୍ନ କଥା; କିନ୍ତୁ ପୃଥିବୀର ବିଭିନ୍ନ ଦେଶର ମୃତ୍ୟୁଦଣ୍ଡକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଫାଶୀ ବୋଧହୁଏ ସବୁଠାରୁ ସହଜ ଓ ସରଳ ପ୍ରକ୍ରିୟା। କିଛିବର୍ଷ ପୂର୍ବେ ଚାଇନାରେ ଜଘନ୍ୟ ଅପରାଧୀକୁ ଜୀବିତାବସ୍ଥାରେ ଗୋଟିଏ ଗୋଟିଏ ଅଙ୍ଗ ଛେଦନ କରି ମୃତ୍ୟୁଦଣ୍ଡ ଦିଆଯାଉଥିଲା। ବର୍ତ୍ତମାନ ସେଠାରେ ବିଷ ଇଞ୍ଜେକ୍ସନ ମାଧ୍ୟମରେ ମୃତ୍ୟୁଦଣ୍ଡ ଦିଆଯାଉଛି। ଇରାନ, ସୌଦି ଆରବ ଭଳି କେତେକ ମୁସଲମାନ ଦେଶରେ ମୁଣ୍ଡକାଟ କରାଯାଇ ମୃତ୍ୟୁଦଣ୍ଡ ଦିଆଯାଏ। ସୁଦାନ ପରି କେତେକ ଦେଶରେ ସର୍ବସମକ୍ଷରେ ଅପରାଧୀକୁ ଟେକାପଥର ଫିଙ୍ଗାଯାଇ ମୃତ୍ୟୁଦଣ୍ଡ ଦିଆଯାଉଛି। ବାଂଲାଦେଶ, ଆଫଗାନିସ୍ତାନ, ନାଇଜେରିଆ ପ୍ରଭୃତି ୫୦ଟି ଦେଶରେ ଗୁଳିବିଦ୍ଧ କରି ମୃତ୍ୟୁଦଣ୍ଡ ଦିଆଯାଏ। ଆମେରିକାରେ ଦୋଷୀକୁ ଆବଦ୍ଧ କୋଠରିରେ ବିଦ୍ୟୁତ୍ ସଞ୍ଚାଳନ କରି ମୃତ୍ୟୁଦଣ୍ଡ ଦିଆଯାଏ। ଫାଶୀଦଣ୍ଡ ଭାରତ ଭଳି ୬୦ଟି ଦେଶରେ ପ୍ରଚଳିତ ଅଛି। ଉତ୍ତରକୋରିଆରେ ଅପରାଧୀକୁ ଭୟଙ୍କର କୁକୁର ସାମ୍ନାକୁ ନିକ୍ଷେପ କରାଯାଏ। କୁକୁରଟି ତା'ର ତଣ୍ଟିକୁ ଝୁଣି ତାକୁ ମାରିଦିଏ। ଇଂଲଣ୍ଡରେ କେବଳ ଆତଙ୍କବାଦରେ ଲିପ୍ତ ବ୍ୟକ୍ତିକୁ ଫାଶୀଦଣ୍ଡରେ ଦଣ୍ଡିତ କରିବାର ବ୍ୟବସ୍ଥା ଅଛି। ସେହି ମର୍ମରେ ଅନେକେ ମତଦିଅନ୍ତି ଯେ ଆମ ଦେଶରେ କେବଳ ଆତଙ୍କବାଦୀ ଓ ଦେଶଦ୍ରୋହୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ଓ ଅନ୍ୟ ଅପରାଧୀଙ୍କୁ କେବଳ ଜେଲଦଣ୍ଡ ଦିଆଯାଉ। କିନ୍ତୁ ନାବାଳିକା ଯୌନପୀଡକକୁ ମୃତ୍ୟୁଦଣ୍ଡ ଦେବା ସପକ୍ଷରେ ସଂଖ୍ୟାଧିକ ଭାରତୀୟଙ୍କ ସମର୍ଥନ ରହିଛି। ନିକଟରେ କେନ୍ଦ୍ର ସରକାର ୧୨ ବର୍ଷରୁ କମ୍ ବାଳିକାଙ୍କୁ ଯୌନ ଉତ୍ପୀଡନ କ୍ଷେତ୍ରରେ ମୃତ୍ୟୁଦଣ୍ଡ ନିମିତ୍ତ ଅଧ୍ୟାଦେଶ ଜାରି କରିଛନ୍ତି।

ବିଭିନ୍ନ ଦେଶର ମୃତ୍ୟୁଦଣ୍ଡ ପ୍ରଣାଳୀକୁ ସମୀକ୍ଷା କରି ଏହି ନିଷ୍କର୍ଷ ଉପଲବ୍ଧ ହୋଇଛି ଯେ, ଫାଶୀ ଦଣ୍ଡ ସବୁଠାରୁ ସହଜ ଓ ସରଳ ପଦ୍ଧତି। ତଥାପି ଏଥିପାଇଁ ମାନବାଧିକାରକୁ ଯଦି ବିଚାରକୁ ନିଆଯାଏ, ତେବେ ଆଇନ ବିଶାରଦ, ବୁଦ୍ଧିଜୀବୀ ଓ ପ୍ରଜ୍ଞାଶୀଳ ବ୍ୟକ୍ତିବିଶେଷଙ୍କ ସମୀକ୍ଷାର ଆବଶ୍ୟକତା ଅଛି। ମାନବାଧିକାର ଏକ ସମ୍ବେଦନଶୀଳ ପ୍ରସଙ୍ଗ। ତେଣୁ ଏ ଦେଶର ସମସ୍ତ ସରକାରୀ ଅଧିକାରୀ ଓ ସାମାଜିକ କର୍ମୀ ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ଉଚିତ। ଅସାମାଜିକ ଓ ମଦ୍ୟପଙ୍କ କାର୍ଯ୍ୟକଳାପରେ ସାଧାରଣ ଜନତା ତ୍ରାହି ତ୍ରାହି ଚିତ୍କାର କରୁଥିବା ବେଳେ ସେମାନଙ୍କ ମାନବାଧିକାର କ୍ଷୁଣ୍ଣ ହେଲା ବୋଲି କେହି ବିଚାରନ୍ତି ନାହିଁ, ବରଂ ଦୁରାତ୍ମାମାନଙ୍କୁ ଆଇନ ବଳରେ ଦଣ୍ଡ ମିଳିଲେ ଆମେ ମାନବିକ ଅଧିକାର ଉଲ୍ଲଂଘନ ହେଲା ବୋଲି ଉଚ୍ଚସ୍ୱରରେ ପ୍ରତିବାଦ କରୁ। ଚୌର୍ଯ୍ୟବୃତ୍ତି ଦ୍ୱାରା କ୍ଷତିଗ୍ରସ୍ତ ବ୍ୟକ୍ତିର ମାନବାଧିକାର ବିପନ୍ନ ହେଲା ବୋଲି କେହି ପ୍ରତିବାଦ କରନ୍ତି ନାହିଁ ବରଂ ଚୋରକୁ ଶାସ୍ତି ମିଳିଲେ ମାନବାଧିକାର ବ୍ୟାହତ ହେଲାବୋଲି ଆମେ ଅଭିଯୋଗ କରୁ। ପ୍ରତିରକ୍ଷା ସମ୍ବନ୍ଧିତ ନଥିପତ୍ର, ନକ୍ସା କିମ୍ବା ଉତ୍ତୋଳିତ ଫଟୋକପି ପଡୋଶୀ ରାଷ୍ଟ୍ରକୁ ଅର୍ଥ, ନାରୀପ୍ରୀତି କିମ୍ବା ଅନ୍ୟ କୌଣସି ପାରିତୋଷିକ ବିନିମୟରେ ହସ୍ତାନ୍ତର ଏକ ଜଘନ୍ୟ ରାଷ୍ଟ୍ରଦ୍ରୋହ। ଏଭଳି ରାଷ୍ଟ୍ରଦ୍ରୋହୀ ଉପରେ ବିହିତ କାର୍ଯ୍ୟାନୁଷ୍ଠାନକୁ ତା'ର ସମ୍ପର୍କୀୟମାନେ ମାନବାଧିକାରର ସଂହାର ବୋଲି ଅଭିଯୋଗ କରିବା ଘୋର ପରିତାପର ବିଷୟ। ଆତଙ୍କବାଦୀ ପ୍ରତ୍ୟହ ନରସଂହାର କରୁଥିଲେ ମଧ୍ୟ ମୃତକଙ୍କ ପାଇଁ ଆମେ ଯେତେ ସମ୍ବେଦନଶୀଳ ନୋହୁଁ, ଆତତାୟୀକୁ ଏନ୍‌କାଉଣ୍ଟର କରାଗଲେ କିମ୍ବା ବିଚାରାଧୀନ କଏଦୀ ଭାବେ ରଖାଗଲେ, ତା'ର ମାନବାଧିକାର କ୍ଷୁଣ୍ଣ ହେଲା ବୋଲି ଆମେ ସ୍ୱର ଉତ୍ତୋଳନ କରୁ। ଦୁର୍ଦ୍ଦାନ୍ତ ଅପରାଧୀର ବର୍ବରୋଚିତ କାର୍ଯ୍ୟ ଦ୍ୱାରା ପୀଡିତା ପ୍ରତି ଆମ ସ୍ୱର ନରମି ଯାଉଥିବା ବେଳେ ଅପରାଧୀକୁ ଶାସ୍ତି ବିଧାନରେ ଆମେ ବିବ୍ରତ ହେଉ।

ଅନ୍ୟପକ୍ଷରେ ଜଣେ ପୁରୁଷ କିମ୍ବା ମହିଳା ନିଜ ଜୀବନସାଥୀ ବ୍ୟତୀତ ଅନ୍ୟ ସହ ଯୌନ ସମ୍ପର୍କ ରଖିବା ପ୍ରମାଣିତ ହେଲେ ଭାରତୀୟ ଦଣ୍ଡସଂହିତାର ଧାରା ୪୯୭ ଅନୁଯାୟୀ କେବଳ ପୁରୁଷ ଦଣ୍ଡିତ ହେଉଥିଲା। ମାତ୍ର ମହିଳାଙ୍କ ପ୍ରତି କୌଣସି ଦଣ୍ଡବିଧାନର ବ୍ୟବସ୍ଥା ନ ଥିଲା। ୨୦୧୭ ଡିସେମ୍ବର ୮ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ବ୍ୟଭିଚାର ସଂକ୍ରାନ୍ତୀୟ ଏକ ମାମଲାରେ ଏ ବିଷୟରେ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋର୍ଟଙ୍କ ମତରେ ଧାରା ୪୯୭ ଏକ ପୁରୁଣା ଆଇନ। ଏଥିରେ ତତ୍କାଳୀନ ରକ୍ଷଣଶୀଳ ସମାଜର ଛବି ପ୍ରତିଫଳିତ। ଗତ ସେପ୍ଟେମ୍ବର ୨୭ ତାରିଖ ୨୦୧୮ରେ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ପରକୀୟା ପ୍ରୀତି ବୈବାହିକ ସମ୍ପର୍କ ନଷ୍ଟ କରେ ନାହିଁ; ବରଂ ବୈବାହିକ ସମ୍ପର୍କରେ ସୃଷ୍ଟ ମନାନ୍ତରରୁ ପରକୀୟା ପ୍ରୀତି ଜନ୍ମ ନିଏ। ନିଜ ପସନ୍ଦର ସାଥୀ ଚୟନ କରିବା ଉଭୟ ନାରୀ ଏବଂ ପୁରୁଷର ନିଜ ଅଧିକାର ପରିସରଭୁକ୍ତ। ନୂତନ ରାୟରେ ନାରୀର ମାନବାଧିକାରକୁ ପୂର୍ବବତ୍ ଗୁରୁତ୍ୱ ପ୍ରଦାନ କରାଯାଇ ପୁରୁଷର ଅଧିକାରକୁ ନ୍ୟୂନ କରାଯାଇଛି ବୋଲି କିଛି ବୁଦ୍ଧିଜୀବୀ ମତବ୍ୟକ୍ତ କରନ୍ତି। ଏପରି କି ନିଜ ପତ୍ନୀକୁ ଯୌନ ସମ୍ପର୍କ ପାଇଁ ବାଧ୍ୟ କରାଯାଇପାରିବ ନାହିଁ। କୋର୍ଟଙ୍କ ମତରେ ସ୍ୱାମୀସ୍ତ୍ରୀ ଛାଡପତ୍ର ମାଧ୍ୟମରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ନୂତନ ସାଥୀ ଚୟନ କରିପାରିବେ। ଏତଦ୍ୱାରା ଉଭୟଙ୍କ ମାନବାଧିକାର ସୁରକ୍ଷିତ ରହିପାରିବ। ନାରୀ କିମ୍ବା ପୁରୁଷଙ୍କୁ ସାଥୀ ଚୟନର ଅଧିକାର ଏଥିରେ ଦିଆଯାଇଛି। ମାତ୍ର ଏହା ଭାରତୀୟ ବୈବାହିକ ଜୀବନର ପରିପନ୍ଥୀ ବୋଲି ଅନେକ ବୁଦ୍ଧିଜୀବୀ ବିଚାର କରନ୍ତି।

ଅବଶ୍ୟ ନାରୀଙ୍କୁ ସମ୍ମାନ ଦେବା ଲାଗି ଭାରତୀୟ ନୀତିଶାସ୍ତ୍ରଗୁଡ଼ିକ ଦୃଢ଼ ମତପୋଷଣ କରନ୍ତି। ଆମ ପୃଥିବୀ ଈଶ୍ୱରଙ୍କର ଏକ ପୁଷ୍ପୋଦ୍ୟାନ ଏବଂ ଏଥିରେ ପ୍ରସ୍ଫୁଟିତ ସୁଲଳିତ କୋମଳ ପୁଷ୍ପ ସମ୍ଭାର ହେଉଛନ୍ତି ବାଳିକାମାନେ। ପୁଷ୍ପୋଦ୍ୟାନକୁ ସଯତ୍ନେ ସମାଦରରେ ସୁରକ୍ଷିତ ରଖିଲେ ଉଦ୍ୟାନର ଶୋଭାବର୍ଦ୍ଧନ ହେବ। ଅନ୍ୟଥା ସେଗୁଡିକୁ ବୃନ୍ତଚ୍ୟୁତ କରି ଛିନ୍‌ଭିନ୍ କରିବା ଆସୁରିକ ପ୍ରବୃତ୍ତିର ପରିଚାୟକ। ମଧ୍ୟଯୁଗୀୟ ନାରୀ ପୁରୁଷର ଔଦ୍ଧତ୍ୟ ବିରୋଧରେ ସ୍ୱରୋତ୍ତୋଳନ କରି ନ ପାରି ନିଜ ଉପରକୁ ଆମନ୍ତ୍ରିତ କରୁଥିଲା ଅତ୍ୟାଚାରର ଅଭେଦ୍ୟ ପ୍ରାଚୀର। ବାଲ୍ୟବିଧବାର ଦାରୁଣ ସ୍ଥିତି ଅବା ସତୀଦାହର ଅମାନୁଷିକତାର ଖୋଳପା ଭିତରୁ ମୁକ୍ତିଲାଭ କରିଥିବା ସେଦିନର ସେ ଅସୂର୍ଯ୍ୟଂପଶ୍ୟା ନାରୀର ନିଃସନ୍ଦେହରେ ସାମାଜିକ ବିକାଶ ସାଧିତ ହୋଇଛି। ଆଧୁନିକା ନାରୀ ସେ ବର୍ବରତାରୁ ମୁକ୍ତ ହୋଇଛି, ଏହା ସମାଜ ପାଇଁ ଏକ ଶୁଭସୂଚନା। ମାତ୍ର ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତାରେ ପରିଣତ କରି ଆଦିମ ନଗ୍ନତାକୁ ଗ୍ରହଣ କରିନେବା କେତେଦୂର ଯୁକ୍ତିଯୁକ୍ତ? ପୁରୁଷ ହେଉ ବା ନାରୀ ପ୍ରତିପକ୍ଷର ମାନବିକ ଅଧିକାରର ସୁରକ୍ଷା ପାଇଁ ପ୍ରୟାସୀ ହେବା ବାଞ୍ଛନୀୟ। ପୋଷାକ ବଦଳାଇବା ପରି ପାଶ୍ଚାତ୍ୟ ନାରୀ କିମ୍ବା ପୁରୁଷ ହୁଏତ ଜୀବନ ସାଥୀ ବଦଳାଇ ପାରେ ମାତ୍ର ଭାରତୀୟ ପରମ୍ପରା ନାରୀ ଓ ପୁରୁଷ ପ୍ରତି କିଛି ଲକ୍ଷ୍ମଣରେଖା ଆଙ୍କିଛି; ଯାହାକୁ ଅତିକ୍ରମ କଲେ ଉଭୟ ଗୌରବ ହରାଇବାର ଆଶଙ୍କା ରହିଛି।

ଜଘନ୍ୟ ଅପରାଧୀର ମୃତ୍ୟୁଦଣ୍ଡ ହିଁ ଏକମାତ୍ର ବିକଳ୍ପ। ଏହାଦ୍ୱାରା ମାନବିକ ଅଧିକାର ହନନ ହେଲା ବୋଲି ବିଚାର କରା ନ ଯାଉ। ମାନବିକ ଅଧିକାର ସୁରକ୍ଷା ଆଳରେ ଦଣ୍ଡ କୋହଳ କରାଗଲେ, ଆପରାଧିକ ମାନସିକତା ବୃଦ୍ଧି ପାଇବା ହିଁ ସାରହେବ। ବିରଳରୁ ଅତି ବିରଳ ଅପରାଧ ପାଇଁ କଠିନ ଦଣ୍ଡ ହିଁ ନୂତନ ଅପରାଧକୁ ନିରୁତ୍ସାହିତ କରିବ। ନାରୀ, ପୁରୁଷ ନିର୍ବିଶେଷରେ ଏଥିପାଇଁ ଲୋଡା ଐକାନ୍ତିକ ଇଚ୍ଛାଶକ୍ତି ଓ ପ୍ରେରଣା।

ସିଦ୍ଧଳ, ଜଗତ୍‌ସିଂପୁର, ମୋ-୯୯୩୭୪୫୦୫୪୦



# ଶୀତ ପରେ ବସନ୍ତ

ଉପେନ୍ଦ୍ର ବିଶ୍ୱାଳ

'ଧାରେ ହସ' ଶୀର୍ଷକ ମୋର ପ୍ରବନ୍ଧଟିଏ ପାଠକଲା ପରେ କଲ୍ୟାଣୀ ନାମ୍ନୀ ଶିକ୍ଷୟିତ୍ରୀ କହିଲେ ''ଭଗବାନ ଯାହା ଓଠରୁ ସବୁଦିନ ପାଇଁ ହସ ଲିଭାଇ ଦେଇଛନ୍ତି, ସେ ବା ହସିବ କେମିତି?'' ଅବଶ୍ୟ ବେଦନାଭରା ଥିଲା ତାଙ୍କ ଜୀବନ କାହାଣୀ। ଦୁର୍ଭାଗ୍ୟର କଳାବାଦଲ ଘୋଟିଆସିଛି ତାଙ୍କ ଜୀବନରେ। ପ୍ରଥମେ ମା'ଙ୍କୁ ଓ ପରେ ବାପାଙ୍କୁ ହରାଇ ଦିଗହରା ହେଲେ। ଏକମାତ୍ର ଭାଇ ହିଁ ସାହାରା ସାଜି ଭଉଣୀର ବିବାହ କରାଇଦିଏ। ମାତ୍ର ନିୟତି ନିଷ୍ଠୁର ସାଜିଥିଲା। ସ୍ୱାମୀଙ୍କ ନିର୍ଯାତନା ଥିଲା ତାଙ୍କ ପାଇଁ ଆହୁରି ଅସହ୍ୟ। ଜୀବନ ବଞ୍ଚାଇବାକୁ ଯାଇ ଭଉଣୀଟି ଫେରିଆସେ ଭାଇର ଆଶ୍ରାରେ। ବିବାହ ପରେ ଭାଇ ମଧ୍ୟ ହାତ ଛାଡ଼ିଦିଏ। ତା'ପରେ ଚାରିଦିଗ ଅନ୍ଧାର।

ସ୍ୱାଭାବିକ ଭାବେ ମଣିଷ ସ୍ୱପ୍ନବିଭୋର ଓ ଆନନ୍ଦ ଆଶାୟୀ। ସ୍ୱପ୍ନ ଦେଖେ ସୁଖ ସାଉଁଟିବାକୁ। ଦେଖୁଥିବା ସୁନେଲି ସ୍ୱପ୍ନ ବଦଳରେ ଦୁଃଖ ଦେଖାଦେଲେ ସେ ଭାଙ୍ଗିପଡ଼େ। ନିରାଶାର ଅନ୍ଧକାର ଖେଳିଯାଏ ତା' ଜୀବନରେ। ଦୁଃଖ ବା ଯନ୍ତ୍ରଣାକୁ ସହଜେ ହଜମ କରିପାରେନା। ଭାବେ 'ମୁଁ ହେଉଛି ପୃଥିବୀର ସବୁଠୁ ଦୁଃଖୀ ମଣିଷ। ଯାବତୀୟ ଯାତନାକୁ ଭଗବାନ ମୋ ଉପରେ ଲଦି ଦେଇଛନ୍ତି। ଭଗବାନ ମୋ ପ୍ରତି ଅନ୍ୟାୟ କରିଛନ୍ତି।' ବାସ୍ତବରେ ଭଗବାନ କାହା ପ୍ରତି ଅନ୍ୟାୟ କରନ୍ତି ନାହିଁ। ବୁଝିବାରେ ଭୁଲ ରହିଯାଏ ଆମର। ନିଜ ତରାଜୁରେ ସବୁକିଛି ନିଜେ ତଉଲି ନେଉ। ଭୁଲିଯାଉ ବାସ୍ତବତାକୁ। ସୁଖ-ଦୁଃଖ ଜୀବନର ଦୁଇଟି ପାର୍ଶ୍ୱ। ଉଦୟ ପରେ ଅସ୍ତ ପରି ସୁଖ ପରେ ଦୁଃଖ ଓ ଦୁଃଖ ପରେ ସୁଖ ଆସେ। ଅମା ଅନ୍ଧାର ପରେ ତ ଆସେ ପୂର୍ଣ୍ଣିମୀର ଚାନ୍ଦିନୀ ରାତି। ପୃଥିବୀରେ ଏମିତି କେହି ନାହାନ୍ତି, ଯାହାଙ୍କ ଜୀବନରେ କେବେ ଦୁଃଖ ଆସିନି। ଦୁଃଖକୁ ଦୟଣାମାଳ କରି, ତାହାକୁ ଈଶ୍ୱରଙ୍କ ଆଶୀର୍ବାଦ ମନେକରି ଯେ ବାଟ ଚାଲିଛି ସେ ହିଁ ଲେଖିଛି ଜୀବନର ଜୟଗୀତି, ପିନ୍ଧିଛି ଜୟମାଲ୍ୟ। ଏକମାତ୍ର ପୁତ୍ରକୁ ହରାଇ ଭାଙ୍ଗିପଡ଼ିଥିବା ମା' କିସା ଗୌତମୀକୁ ଭଗବାନ ବୁଦ୍ଧ ମଧ୍ୟ ସେଦିନ ବତାଇଥିଲେ ଜୀବନର କଠୋର ସତ୍ୟ। ମୃତ ପୁତ୍ରକୁ ନେଇ ଭଗବାନଙ୍କ ପାଦତଳେ ଶୁଆଇ ଦେଇ କାତର ପ୍ରାର୍ଥନା କରିଥିଲେ ପୁଅର ଜୀବନ ଫେରାଇ ଦେବାକୁ। ମମତାମୟୀ ମା'ର ମନୋଭାବ ବୁଝି ଗୌତମୀକୁ ପରାମର୍ଶ ଦେଲେ ମୁଠାଏ ସୋରିଷ ସଂଗ୍ରହ କରି ନେଇ ଆସିବାକୁ, ଯାହା ଘରୁ କେହିବି କେବେ ମରି ନ ଥିବେ, ତାଙ୍କ ଘରୁ। ପୁତ୍ରମୋହରେ ପାଗଳପ୍ରାୟ ଦୌଡ଼ି ଚାଲିଲେ ଗୌତମୀ ଏଘରୁ ସେଘର, ଏ ଗାଁରୁ ସେ ଗାଁ। କିନ୍ତୁ କୌଣସି ଘର ପାଇଲେ ନାହିଁ, ଯେଉଁଠି ମୃତ୍ୟୁଜନିତ ଶୋକ ସ୍ପର୍ଶ କରିନାହିଁ। ଶେଷରେ ନିରାଶ ହୋଇ ଫେରିଆସି ଲୋଟିପଡ଼ିଲେ ଭଗବାନଙ୍କ ପାଦତଳେ। ସେଇଠୁ ଆଦରିନେଲେ 'ବୁଦ୍ଧଂ ଶରଣଂ ଗଚ୍ଛାମି'ର ଶାଶ୍ୱତ ସତ୍ୟକୁ।

ଦୁଃଖରେ ଭାରାକ୍ରାନ୍ତ ଥିଲା ଭଗବାନ ଶ୍ରୀରାମଙ୍କ ତମାମ ଜୀବନ। ଜୀବନର ଶେଷ ପର୍ଯ୍ୟାୟରେ ଯଦୁବଂଶ ଧ୍ୱଂସର ପଦଚିହ୍ନ ଦେଖି ଦୁଃଖାଭିଭୂତ ହୋଇପଡ଼ିଥିଲେ ଭଗବାନ ଶ୍ରୀକୃଷ୍ଣ। ଦୁଃଖଯାତନାରେ ଜର୍ଜରିତ ଥିଲା ପ୍ରଭୁ ଯିଶୁ ଓ ରସୁଲ ମହମ୍ମଦଙ୍କ ଜୀବନ। ଦ୍ରୌପଦୀ, କୁନ୍ତୀ, ଅହଲ୍ୟା, ମୀରା, ସୀତା, ସାବିତ୍ରୀ ଆଦିଙ୍କ ଜୀବନ ତ ଥିଲା ଦୁଃଖଭରା। ବହିବନ୍ଧାଳିରୁ ବୈଜ୍ଞାନିକ ହୋଇଥିବା ମାଇକେଲ ଫାରାଡେଙ୍କଠୁ ନେଲସନ୍ ମଣ୍ଡେଲାଙ୍କ ପର୍ଯ୍ୟନ୍ତ, ଆବ୍ରାହମ୍ ଲିଙ୍କନ୍, ଆମ୍ବେଦକରଙ୍କଠାରୁ ଅବଦୁଲ୍ କଲାମ୍‌ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଥିଲା ଦୁଃଖ ଓ ଯନ୍ତ୍ରଣାମୟ। କିନ୍ତୁ ଏମାନେ ଏମିତି ଦୁଃଖରେ ଭାଙ୍ଗିଯାଇ ନ ଥିଲେ। ବରଂ ଦୁଃଖ ତାଙ୍କୁ ଦେଖାଇଥିଲା ବଞ୍ଚିବାର ବାଟ, ବଢ଼ିବାର ବାଟ। ଦୁଃଖ ତାଙ୍କଠାରେ ଅଭିଶାପ ନୁହେଁ ବରଂ ଆଶୀର୍ବାଦ ରୂପେ ଉଭା ହୋଇଥିଲା। ଦୁଃଖ ଓ ଲାଞ୍ଛନା ତ ମୋହନ ଦାସଙ୍କୁ ମହାତ୍ମାରେ ପରିଣତ କରିପାରିଥିଲା। ଦୁଃଖ ତ କାଳିଦାସଙ୍କୁ ମହାକବିରେ ପରିଣତ କରିଥିଲା। ଦୁନିଆରେ ଏମିତି କେହି ମହାପୁରୁଷ ନ ଥିବେ ଯିଏ କି ଜୀବନରେ କେବେ ଦୁଃଖ ବା ଝଡ଼ଝଞ୍ଜାକୁ ସାମ୍ନା କରି ନ ଥିବେ। ଦୁଃଖ ଆମ ଭିତରେ ସୃଷ୍ଟି କରିଥାଏ ସହନଶୀଳତା, ସମ୍ବେଦନଶୀଳତା। ଦୁଃଖ ଆମକୁ ନାନା ଶିକ୍ଷା ଦିଏ ଓ ସଚେତନ କରାଏ। ସଂଯମ ଓ ସଂସ୍କାର ଶିଖାଏ। ସୁଖ ଆମକୁ ବିଳାସୀ ବା ବିକାରଗ୍ରସ୍ତ କରିବାକୁ ଆସୁଥିବାବେଳେ ଦୁଃଖ ଆସେ ଆମକୁ ଅଧିକ ବିଚାରବନ୍ତ, ଉଦାର ଓ ନମ୍ର କରିବାକୁ। ଦୁଃଖ ଆମକୁ ନୂତନ ଜ୍ଞାନ, ଅନୁଭୂତି, ଦିଗ୍‌ଦର୍ଶନ ଦେଇଥାଏ। ଦୁଃଖ ବତାଏ ବଞ୍ଚିବା ଓ ବଢ଼ିବାର ବାଟ। ଯେ ପର୍ଯ୍ୟନ୍ତ ଜୀବନ ଅଛି, ସେ ପର୍ଯ୍ୟନ୍ତ ଦୁଃଖ ଅଛି, ଯନ୍ତ୍ରଣା ଅଛି। ଜୀବନରେ ଦୁଃଖ-କଷ୍ଟ, ବାଧା-ବିଘ୍ନ, କଠିନତା, ପ୍ରତିକୂଳତା ଆସିବ ହିଁ ଆସିବ। ମାତ୍ର ସେଥିରେ ବିଚଳିତ ଓ ଧୈର୍ଯ୍ୟଚ୍ୟୁତ ହେବା ସ୍ପୃହଣୀୟ ନୁହେଁ। ନିଆଁର ଜ୍ୱାଳାକୁ ସହିଲେ ହିଁ ମାଠିଆଟି ଟାଣ ହୁଏ, ଦୀର୍ଘସ୍ଥାୟୀ ହୁଏ। ପ୍ରକୃତିର ନିୟମ ଅନୁଯାୟୀ ପିଣ୍ଡରେ ଦିନେ ପ୍ରାଣ ସଞ୍ଚାର ହୋଇଛି ମାନେ ଦିନେ ନା ଦିନେ ସେହି ପିଣ୍ଡରୁ ପ୍ରାଣ ଉଡ଼ିଯିବ। ଜୀବନରେ ଗୋଟିଏ ଦ୍ୱାର ଯଦି ବନ୍ଦ ହୋଇଯାଇଛି ତ କେଉଁଠି ନା କେଉଁଠି ଆଉ ଗୋଟିଏ ଦ୍ୱାର ଆମ ପାଇଁ ମେଲା ରହିଛି। ଅତଏବ ଦୁଃଖରେ ବିବ୍ରତ ହେବା, ଭାଙ୍ଗିପଡ଼ିବା ଉଚିତ ନୁହେଁ। ତାକୁ ସାହସ ଓ ଧୈର୍ଯ୍ୟର ସହିତ ସାମ୍ନା କରିବା ଉଚିତ। ସୁଖ ବା ଦୁଃଖ ଚିରସ୍ଥାୟୀ ନୁହେଁ। ଅତଏବ ମନକୁ ବିଚଳିତ ନ କରି ସ୍ଥିର ରଖିବା ଉଚିତ। ଶୀତ ପରେ ବସନ୍ତ ଆସିବା ପରି କଲ୍ୟାଣୀଙ୍କ ଦୁଃଖ ହୁଏତ ଆଗାମୀ ଦିନରେ ଦୂର ହୋଇପାରେ, ଏଇ ଆଶା ରଖି ଜୀବନଯୁଦ୍ଧରେ ଆଗେଇ ଚାଲିବା ଉଚିତ।

ନୀଳଗିରି, ବାଲେଶ୍ୱର, ମୋ- ୯୪୩୭୪୩୬୦୭୩,
ଇ-ମେଲ: unbiswal05@gmail.com

## ଏଇ ଭାରତରେ

କେତେକେ ଜୀବନ ଧାରଣ ପାଇଁ ଯେଭଳି କଷ୍ଟ ବରଣ କରିଥାଆନ୍ତି ତାହା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏଭଳି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ତ୍ରିପୁରାର ରାଜଧାନୀ ଅଗରତାଲାରେ ରିକ୍ସା ଚଳାଉଥିବା ସୋମା ଚକ୍ରବର୍ତ୍ତୀ। ସେ ଝିଅକୁ କପଡାରେ ବାନ୍ଧି ଛାତିରେ ଧରିବା ସହିତ ପେଟ ପୋଷିବା ପାଇଁ ଦିନସାରା ରାଜରାସ୍ତାରେ ରିକ୍ସା ଟାଣନ୍ତି। ତାଙ୍କ ପ୍ରତି ସହାନୁଭୂତି ଦେଖାଇ ଅନେକେ ଅଧାବାଟରୁ ରିକ୍ସାରୁ ଓହ୍ଲାଇ ପଡନ୍ତି ତ ଆଉ କେହି ଆବଶ୍ୟକ ପାଉଣାଠାରୁ ଅଧିକ ବି ଦେଇଥାଆନ୍ତି। ସୋମାଙ୍କ ଏଭଳି ଜୀବନଶୈଳୀ ଯେ କେହି ବି ଦେଖିଲେ ତାଙ୍କ ମନରେ ଦୟା ଆସିବ ନିଶ୍ଚୟ। ସବୁ ବାଧା ପ୍ରତିବନ୍ଧକକୁ ଏଡାଇ ସେ ପେଟ ପୋଷିବା ପାଇଁ ଏଭଳି ପେସା ଆବୋରି ନେଇଛନ୍ତି। ଘରେ ତାଙ୍କର ଅନ୍ୟ ୪ଟି ପିଲା ଅଛନ୍ତି। ତେବେ ସବୁଠାରୁ ଛୋଟ ପିଲାକୁ ସୋମା ନିଜ ସାଥିରେ ନେଇ ଆସନ୍ତି। ପିଲା ପାଇଁ କ୍ଷୀର ବୋତଲ ବି ଆଣିଥାଆନ୍ତି। ସୋମା ନିଜ ଝିଅକୁ ଯେଉଁ ଢଙ୍ଗରେ ଧରି ରିକ୍ସା ଚଳାନ୍ତି ତାହାର ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଛି।

## ଚିରନ୍ତନୀ

ଲୁକ୍କାୟିତ ବିଶ୍ୱ ମଧ୍ୟେ ମାନବ-ପ୍ରାଣର ଆଶା ଆଦି
ଏ ପାଷାଣ ନିମ୍ନେ ହୋଇ ସ୍ତୂପୀକୃତ ଲଭିଛି ସମାଧି,
ବିରହ ବିଧୁରା କୋଟି ଯୁବତୀ ଗୁହାରି,
ସନ୍ତାନହୀନାର କେତେ ଶୋକ-ଅଶ୍ରୁ ବାରି,
ହୋଇଅଛି ଏଥି ଘନୀଭୂତ,
ଅନ୍ତରର ବାସନା ଅଯୁତ,
କେତେ ନିରାଶ୍ରୟ
ଲୋଡ଼ିଛି ଅଭୟ
ସଂଗୋପନେ
ଆଶାମନେ!

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ଜାଣି ଅଜଣା

ମହାଶୟ,

ଢେଙ୍କାନାଳର ବାଲଟିକିରିଠାରେ ଏକ ମିଶନାରୀ ସଂସ୍ଥା ଅନେକ ନିରାଶ୍ରୟ ଝିଅପୁଅଙ୍କୁ ଆଶ୍ରୟ ଦେଇ ଯୌନଶୋଷଣ, ଧର୍ମାନ୍ତରୀକରଣ ଏବଂ ବାହାର ରାଜ୍ୟକୁ ଚାଲାଣ କରୁଥିଲା। ସଂସ୍ଥାର ମୁଖ୍ୟଙ୍କ ସହିତ ପରିଚାଳକଙ୍କର ମନୋମାଳିନ୍ୟ ହୋଇ ନ ଥିଲେ ଏ କେଲେଙ୍କାରୀର ପର୍ଦ୍ଦାଫାଶ ହୋଇ ନ ଥାନ୍ତା। ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଏହି ମିଶନାରୀ ସଂସ୍ଥାର ୨୬ଟି ବ୍ରାଞ୍ଚ ରହିଛି। ମନେହୁଏ ଆମ ସରକାରଙ୍କର ବିଭାଗୀୟ ସଂସ୍ଥା ସବୁ ଜାଣି ନ ଜାଣିଲା ପରି ରହୁଥିଲା କିମ୍ବା ନିଜର କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରୁ ନ ଥିଲା। ତେଣୁ ଏହି ମିଶନାରୀ ସଂସ୍ଥାର ମୁଖ୍ୟ ଏବଂ ଏହା ସହିତ ସଂଶ୍ଳିଷ୍ଟ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ବିଭାଗୀୟ କର୍ମଚାରୀ ଏବଂ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ପିଠା ଯୋଜନା ମାଧ୍ୟମରେ ଭତ୍ତା ବଣ୍ଟନ

ପିଠା ଯୋଜନାରେ ଏଣିକି ପ୍ରତିମାସ ୧୫ରୁ ୨୦ ତାରିଖ ମଧ୍ୟରେ ବିଭିନ୍ନ ଶିବିର ଖୋଲାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ପେନ୍‌ସନ ବଣ୍ଟନ କରାଯିବ। କିନ୍ତୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ହିତାଧିକାରୀମାନଙ୍କୁ ଯେଉଁ ପରିମାଣର ଭତ୍ତା ବଣ୍ଟନ କରାଯାଉଛି, ତାହା ଅତ୍ୟନ୍ତ ସାମାନ୍ୟ ଏବଂ ତାହା ସେମାନଙ୍କର ମାସିକ ଖୋରାକ ପାଇଁ ନିଅଣ୍ଟ ହେଉଛି। ତେଣୁ ସେହି ଭତ୍ତାର ପରିମାଣ ଅଧିକ ହେବା ଆବଶ୍ୟକ। ସରକାର ତାହା ବିଚାର କରିବା ଦରକାର।

ହେମଲତା ଦାସ, ବେପାରିସାହି, ବାରିପଦା

### ଆନ୍ଦୋଳନ ଓ ରାସ୍ତାରୋକୋ

ଗଣତନ୍ତ୍ରରେ ପ୍ରତିବାଦ କରିବାର ଅଧିକାର ଥିଲେ ମଧ୍ୟ ଏବେ ଏହାର ସ୍ୱରୂପ ବଦଳିଗଲାଣି। ସାମାନ୍ୟ କଥାରେ ରାସ୍ତାରୋକୋ ସହ ଭଙ୍ଗାରୁଜା ହେଉଛି। ଏହାଦ୍ୱାରା କେତେ ଯେ ସରକାରୀ ସମ୍ପତ୍ତି କ୍ଷତି ହେଉଛି ତାକୁ କେହି ହୃଦୟଙ୍ଗମ କରୁନାହାନ୍ତି। କେବଳ ଫାଇଦା ପାଇଁ ଏହା କରାଯାଉଥିବା ବେଳେ ଭବିଷ୍ୟତରେ ଏହା କେଉଁ ରୂପ ନେବ ତାକୁ ଉପଲବ୍ଧି କରିବା କଥା।

ସଚ୍ଚିଦାନନ୍ଦ ମିଶ୍ର, ଗଡହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅଭିଯୋଗ ଶୁଣାଣି

ଡାବୁଗାଁ,୧୭।୧୨ (ଡି.ଏନ.ଏ.)

ଡାବୁଗାଁ ବ୍ଲକ କାର୍ଯ୍ୟାଳୟରେ ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ଯୋଗ ଦେଇ ମୋଟ ୮ଟି ଅଭିଯୋଗ ର ଶୁଣାଣୀ କରିଥିଲେ । ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ସାଉଥକୋ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ କେ. ମୋହନ ପାତ୍ର, ଡିଇଓ ଚନ୍ଦ୍ର ଶେଖର ପାଣିଗ୍ରାହୀ, ଜିଲା କୃଷି ଉପ ନିର୍ଦ୍ଦେଶକ ପ୍ରସାଦ କୁମାର ନାୟକ, ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଲିଙ୍ଗରାଜ କନ୍ଧପାନ, ଜିଲା ମତ୍ସ୍ୟ ଅଧିକାରୀ କୁଆଁର ମରାଣ୍ଡି, ତହସିଲଦାର ନରସିଂହ ଗାଦବା, ବିଡିଓ ଗୌରହରି ପାତ୍ର, ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପି.ଓ.ଟେକନିସିଆନ ଉପସ୍ଥିତ ଥିଲେ । ଡାବୁଗାଁ ନୂଆଗୁଡା ଗ୍ରାମର ରାମା ମନ୍ଦିର ମିଶନ କ୍ଷମତା ଏସଏସଜିର ସଦସ୍ୟାଙ୍କୁ ୨୦ ହଜାର ଟାଙ୍କର ସହାୟତା ରାଶି ଓ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ତରଫରୁ ଡାବୁଗାଁର ଡି. ଭେଙ୍କେଟ ରାଓଙ୍କୁ କୃତ୍ରିମ ଗୋଡ ଜିଲାପାଳ ପ୍ରଦାନ କରିଥିଲେ ।

■ ଗୋପବନ୍ଧୁ ଗ୍ରାମୀଣ ଯୋଜନା ବାଟବଣା

# ଘରୋଇ ଜମିରେ ରାସ୍ତା ନିର୍ମାଣ

ନବରଙ୍ଗପୁର,୧୭।୧୨( ବି.ପ୍ର.)

ନବରଙ୍ଗପୁର ଜିଲାର ଅନେକ ଗାଁ ଓ ପଡାକୁ ରାସ୍ତା ନାହିଁ। ସେଥିପାଇଁ ବିଭିନ୍ନ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ ରାସ୍ତା ନିର୍ମାଣ ବେଳେ ଏହା ସରକାରୀ ଜମି କି ଘରୋଇ ଜମିରେ ନିର୍ମାଣ ହେଉଛି ସେଥିପ୍ରତି କେହି ଦୃଷ୍ଟି ଦେଉ ନାହିଁ। ଏକ ଘରୋଇ ଜମିରେ ରାସ୍ତାର ଉନ୍ନତିକରଣ ପାଇଁ ଗତ ୧୫ ବର୍ଷ ମଧ୍ୟରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ଏବେ ପୁଣି ଉକ୍ତ ସ୍ଥାନରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୮ ଲକ୍ଷ ଟଙ୍କା ବ୍ୟୟ କରି ଗାର୍ଡୱାଲ, ପୋଲ ଓ ମାଟି ପକାଇ ରାସ୍ତା ନିର୍ମାଣ କରାଯାଉଛି । ୨୦୧୬-୧୭ ବର୍ଷର ଅନୁଦାନର ଅର୍ଥ ଏବେ ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟୟ କରାଯାଉଛି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗାଁ ପଞ୍ଚାୟତ ଅଧିନ ନୂଆକୋର୍ଟ-ଦଳେଇଗୁଡା ରାସ୍ତା ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୮ ଲକ୍ଷ ଟଙ୍କା ବ୍ୟୟ କରାଯାଇ ରାସ୍ତା ଓ ପୋଲ ନିର୍ମାଣ ହୋଉଛି। ଯେଉଁ ସ୍ଥାନରେ ରାସ୍ତା ନିର୍ମାଣ ହେଉଛି ଉକ୍ତ ଜମି ହେମଲତା ପଣ୍ଡା ସ୍ୱାମୀ ରାମନାଥ ପଣ୍ଡାଙ୍କ ନାମରେ ରହିଛି। ଖତିୟାନ ନମ୍ବର ୭୩୩, ସିନ୍ଧିଗୁଡା ମୌଜା, ପ୍ଲଟ ନମ୍ବର ୧୭୯୪,୧୭୫୧,୧୭୫୨,୧୭୫୩ ଓ ୧୭୫୪ ଭାବେ ୫ଟି ପ୍ଲଟ ୨ ଏକର ୭୫୦ ଡିସିମିଲ ରହିଛି। ଏହି ଜମିର ମଧ୍ୟ ଭାଗରେ ରାସ୍ତା ନିର୍ମାଣ, ଗାର୍ଡୱାଲ ଓ ପୋଲ ତିଆରି ହୋଇଛି । ଫଳକରେ ଦଳେଇଗୁଡା ଠାରୁ ନୂଆକୋର୍ଟ ବିଲଡିଂ ରାସ୍ତା ନିର୍ମାଣ ବୋଲି ଉଲ୍ଲେଖ ରହିଛି । କାର୍ଯ୍ୟନିର୍ବାହୀଙ୍କ ନାମ ଏମ. ଏଫ. ନାଗ ବୋଲି ଲେଖାଯାଇଛି । ଯେଉଁ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ତାହା ମଧ୍ୟ ଉପଯୁକ୍ତ ସ୍ଥାନରେ ହୋଇ ନାହିଁ ଯେଉଁ ସ୍ଥାନରୁ ପାଣି ଗଡି ଆସି ତଳମୁଣ୍ଡକୁ ଖସିବ ତାହାର ଉପର ମୁଣ୍ଡରେ ପୋଲ ନିର୍ମାଣ କରାଯାଇଛି । ଏନେଇ ରାମନାଥ ପଣ୍ଡାଙ୍କ ପୁଅ ସ୍ୱାଧିନ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଉକ୍ତ ଜମି ଆମ ପରିବାରର। ସେଠାରେ ରାସ୍ତା ନିର୍ମାଣ ପାଇଁ ମନା କରିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଆଗେଇ



ଘରୋଇ ଜମିରେ ତିଆରି ହେଉଥିବା ରାସ୍ତା ।

### ୮ ଲକ୍ଷ ବ୍ୟୟ ଅଟକଳ

ଚାଲିଛି । ରାସ୍ତା ନିର୍ମାଣ ତଥା ଉନ୍ନୟନ କାର୍ଯ୍ୟ ଘରୋଇ ଜମିରେ କରାଯାଉଛି ଅଭିଯୋଗ ପରେ ମଧ୍ୟ ପ୍ରଶାସନର ନିଘା ନାହିଁ ବୋଲି କହିଛନ୍ତି । ଏନେଇ ନନ୍ଦାହାଣ୍ଡି ବିଡିଓ କର୍ଣ୍ଣଦେବ ସମାଦ୍ଦାରଙ୍କୁ ପଚାରିବାରୁ ସେ କହିଥିଲେ କୌଣସି ଘରୋଇ ଜମିରେ ଉନ୍ନୟନ କାର୍ଯ୍ୟର ନିୟମ ନାହିଁ । ସ୍ୱାଧିନ ପଣ୍ଡା ଅଭିଯୋଗ କରିଥିଲେ । ଏକ ଲିଖିତ ଅଭିଯୋଗ ଦେବାକୁ କୁହାଯାଇଛି । ଯଦି ଘରୋଇ ଜମିରେ କାର୍ଯ୍ୟ ହୋଇଛି ତାହା ଭଙ୍ଗାଯିବ ବୋଲି କହିଛନ୍ତି। ଏହି କାମ ପୂର୍ବରୁ ଥିବା ବିଡିଓଙ୍କ ସମୟରେ ଆରମ୍ଭ ହୋଇଛି । ଏବେ ସେ ନୂଆରେ ଯୋଗ ଦେଇଛନ୍ତି। ଉକ୍ତ କାମର ବିଲ ପୈଠ ହୋଇନଥିବା କହିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଘରୋଇ ଜମିରେ ଉନ୍ନୟନ କାର୍ଯ୍ୟ କରାଯିବା ଓ ଅଭିଯୋଗ ପରେ ଭଙ୍ଗାଯିବା କଥା ଉଠୁଛି । ଏହାଦ୍ୱାରା ସରକାରୀ ଅର୍ଥ ଅପଚୟ ହେଉଛି।

# ଜାତୀୟ ଶିଶୁ ଅଧିକାର କମିଶନ ମୁଖ୍ୟ ସଚିବଙ୍କ ଡାବୁଗାଁ ବ୍ଲକ ଗସ୍ତ



ଛାତ୍ରୀମାନଙ୍କ ସହ ଜାତୀୟ ଶିଶୁ ଅଧିକାର କମିଶନଙ୍କ ମୁଖ୍ୟସଚିବ ଓ ଅନ୍ୟମାନେ ।

ଡାବୁଗାଁ, ୧୭।୧୨ (ଡି.ଏନ.ଏ.)-

ନବରଙ୍ଗପୁର ଜିଲା ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଭାରତ ସରକାରଙ୍କ ଜାତୀୟ ଶିଶୁ ଅଧିକାର କମିଶନ ଙ୍କ ମୁଖ୍ୟ ସଚିବ ଉତ୍ତମ କାଟୋଚ ସୋମବାର ଗସ୍ତ କରିଥିଲେ। ଏଥିରେ ମୁଖ୍ୟ ସଚିବ ବିଦ୍ୟାଳୟର ଅନ୍ତେବାସୀଙ୍କ ସୁରକ୍ଷା ଓ ପରିଚ୍ଛନ୍ନତା ଆଦି ବିଷୟରେ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କର ହାତ ତିଆରି କଳାକୃତି ଦେଖି ଛାତ୍ରୀମାନଙ୍କୁ ପ୍ରଶଂସା କରିଥିଲେ। ଏହି ଗସ୍ତ ସମୟରେ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଅଧକ୍ଷ ସୁକାନ୍ତ କୁମାର ସ୍ୱାଇଁ ଓ ଜିଲା ଶିଶୁ ସୁରକ୍ଷା ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବର୍ଷା: ଜନଜୀବନ ଅସ୍ତବ୍ୟସ୍ତ

ଚନ୍ଦାହାଣ୍ଡି/ପାପଡାହାଣ୍ଡି/ ତେନ୍ତୁଲିଖୁଣ୍ଟି,୧୭।୧୨(ଡି.ଏନ୍.ଏ.)-

ସାମୁଦ୍ରିକ ଝଡ଼ ପେଥାଇ ପ୍ରଭାବରେ ଚନ୍ଦାହାଣ୍ଡି ବ୍ଲକରେ ତୁହାକୁ ତୁହା ବର୍ଷା ଓ ପବନ ରବିବାରଠାରୁ ଲାଗି ରହିଛି । କୁଇଣ୍ଟାଲ କୁଇଣ୍ଟାଲ ଧାନ ଚାଷୀଙ୍କ ଖଳାରେ ପଡିରହିଛି । ବର୍ଷା ଯୋଗୁ ତାହା ଭିଜିବାରେ ଲାଗିଛି । ଧାନକୁ ଚାଷୀ ଜରି ଘୋଡାଉଥିବା ଦେଖିବାକୁ ମିଳୁଛି । ପୂର୍ବରୁ କମ୍ ବର୍ଷା ଯୋଗୁ ଚନ୍ଦାହାଣ୍ଡି ବ୍ଲକରେ ଧାନ ଏବଂ ମକା, ବିରି ଫସଲ ନଷ୍ଟ ହୋଇଥିବା ବେଳେ ଏବେ ଅଦିନିଆ ବର୍ଷା ଯୋଗୁ ହରଡ଼, ଶିମ୍ବ ଏବଂ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଜଣାପଡିଛି । ସୋମବାର ଅପରାହ୍ନ ୫ଟା ସୁଦ୍ଧା ଚନ୍ଦାହାଣ୍ଡି ବ୍ଲକରେ ମୋଟ ୫୮ ମିମି ବର୍ଷା ହୋଇ ଥିବାର ରେକର୍ଡ କରାଯାଇଛି । ଦୁଇଦିନ ଧରି ବର୍ଷା ଏବଂ କୋହଲା ପାଗ ଯୋଗୁ ଲୋକେ ଘରୁ ବାହାରି ପାରୁ ନାହାନ୍ତି। ସେହିପରି ପାପଡାହାଣ୍ଡି ବ୍ଲକର ରବିବାର ବିଳମ୍ବିତ ରାତ୍ରିରୁ ଝିପ ଝିପ ବର୍ଷା ଆରମ୍ଭ ହୋଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଅମଳ ଧାନ ଘରକୁ ଚାଲିଆସିଥିବା ବେଳେ ପନିପରିବା ଫସଲ ପ୍ରଭାବିତ ଦେଖାଦେଇଛି । ସେହିପରି ତେନ୍ତୁଳିଖୁଣ୍ଟି ବ୍ଲକରେ ମଧ୍ୟ ବର୍ଷା ହେବା ସହ ପାଗ କୋହଲା ରହିଛି। ଧାନ ଓ ମକା ସୁରକ୍ଷିତ ରହିବା ଚିନ୍ତା ଏବେ ଚାଷୀଙ୍କୁ ଘାରିଛି।

# ୪୧୯୨ ନୂତନ ହିତାଧିକାରୀଙ୍କୁ ଦିଆଯିବ ଭତ୍ତା

ନବରଙ୍ଗପୁର,୧୭।୧୨(ବି.ପ୍ର)-

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଡିସେମ୍ବରରୁ ଫେବୃୟାରୀ ୩ ମାସ ଧରି ପିଠା ଯୋଜନା ନବରଙ୍ଗପୁର ଜିଲାରେ କାର୍ଯ୍ୟକାରୀ କରାଯିବ । ମିଶନଶକ୍ତି ହଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଡଃ.ଅଜିତ କୁମାର ମିଶ୍ର ଯୋଗଦେଇ କହିଥିଲେ ଯେ, ମଧୁବାବୁ ପେନସନ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯିବା ସହ ଶ୍ରମିକ ହିତାଧିକାରୀ ଓ ନୂଆ ଭତ୍ତା ପ୍ରଦାନ କରାଯାଉଛି । ଜିଲାରେ ମୋଟ ୧୧ହଜାର ୫୨୨ ଜଣଙ୍କୁ ଭତ୍ତା ଦିଆଯାଉଛି । ଚଳିତ ଥର ଜିଲାର ମୋଟ ୪୧୯୨ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବ। ଏଥିସହ ୧୩୪ ଜଣଙ୍କୁ ଦୁଇ ମାସର କଳାକାର ଭତ୍ତା ୧୨ ଶହ ଟଙ୍କା ଲେଖାଏଁ ଚେକ ପ୍ରଦାନ କରାଯିବ । ପ୍ରତ୍ୟେକ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆସନ୍ତା ଫେବୃୟାରୀ ମାସରେ ୩ ଥର କରାଯିବ ବୋଲି କହିଥିଲେ । ଜିଲାର ସମସ୍ତ ୧୮୯ ପଞ୍ଚାୟତରେ ଏହି ଯୋଜନା କରାଯାଉଛି । ୧୫ ତାରିଖରୁ ଏହି କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲାରେ ଆରମ୍ଭ ହୋଇଛି । ୨ ଦିନ ମଧ୍ୟରେ ୬୩ ପଞ୍ଚାୟତରେ କାର୍ଯ୍ୟକ୍ରମ କରାଯାଇଛି । ଏହା ପ୍ରତି ମାସରେ କରାଯିବ । ଏଠାରେ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ମଧ୍ୟ କରାଯାଇ ପାରୁଥିବାବେଳେ ଏହି କାର୍ଯ୍ୟକ୍ରମ ଲୋକଙ୍କ ଗ୍ରହଣୀୟ ହୋଇ ପାରିଥିବା କହିଥିଲେ । ଏହା ସହ ନୂତନ ହିତାଧିକାରୀଙ୍କ ଠାରୁ ମାଗଣା ବିଦ୍ୟୁତ ସଂଯୋଗ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ବିଦ୍ୟୁତ ସଂଯୋଗ ସମେତ ଦୁଇଟି ଏଇଇଡି ବଲବ ମଧ୍ୟ ପ୍ରଦାନ କରାଯିବ। ଆବେଦନକାରୀଙ୍କ ଘରେ ଆସନ୍ତା ଜାନୁୟାରୀ ମାସରେ ବିଦ୍ୟୁତ ସଂଯୋଗ କରାଯିବ। ରାଜ୍ୟ ସରକାରଙ୍କର ବହୁ ଜନହୀତକର ଯୋଜନା ସମ୍ପର୍କରେ ବ୍ୟାପକ ସଚେତନ କରାଯାଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ଜିଲାସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ , ରାଜେଶ ପଟ୍ଟନାୟକ ପ୍ରମୂଖ ଉପସ୍ଥିତ ଥିଲେ।

### ପିଠା ଯୋଜନା



ଜିଲାପାଳ ପିଠା ଯୋଜନା ସମ୍ପର୍କରେ ସୂଚନା ଦେଉଛନ୍ତି ।

### ୟୁଏନଡିପି କୋଅର୍ଡିନେଟରଙ୍କୁ ଜିଲାପାଳଙ୍କ ଚିଠି

# ୨ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଉ

ନବରଙ୍ଗପୁର,୧୭।୧୨(ବି.ପ୍ର)-

ୟୁଏନଡିପି ପକ୍ଷରୁ ତେନ୍ତୁଳିଖୁଣ୍ଟି ବ୍ଲକ ଠାରେ ନିୟୋଜିତ ବ୍ଲକ ପ୍ରୋଜେକ୍ଟ କୋର୍ଡିନେଟର (ବିପିଏ ) ରାଜିଆ ବାନୁ ଓ ବ୍ଲକ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ (ବିପିଏ) ଗୁରୁପ୍ରସାଦ ପଣ୍ଡାଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ଜିଲାପାଳ ଅଜିତ କୁମାର ମିଶ୍ର ୟୁଏନଡିପି ରାଜ୍ୟ କୋଡିନେଟରଙ୍କୁ ୧୨ ତାରିଖରେ ଚିଠି ନମ୍ବର ୪୭୮୯ ମାଧ୍ୟମରେ ଜଣାଇଛନ୍ତି। ଜିଆରଏସମାନେ ଆନ୍ଦୋଳନରେ ରହିଥିବାରୁ ଉନ୍ନୟନମୂଳକ କାର୍ଯ୍ୟରେ ବ୍ଲକର ବିଭିନ୍ନ କର୍ମଚାରୀଙ୍କୁ ପର୍ଯ୍ୟାୟ କ୍ରମେ ଦାୟିତ୍ୱ ଦିଆଯାଇଥିବା ନେଇ ଇମେଲ ଓ ଚିଠି କରାଯାଇଥିଲା । ଉକ୍ତ ଦାୟିତ୍ୱକୁ ସେମାନେ ତୁଲାଇ ପାରିନଥିଲେ । ଏପରିକି ଇମେଲ ମଧ୍ୟ ଦେଖିନଥିଲେ । ଏନେଇ ବିପିସି ଓ ବିପିଏଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲା । ୩ ଦିନ ମଧ୍ୟରେ ଏହାର ଉତ୍ତର ଦେବା ପାଇଁ ନିର୍ଦ୍ଦେଶ ଥିଲା । ଏହାର ଉତ୍ତର ମଧ୍ୟ ସଠିକ ସମୟରେ ଦେଇ ପାରିନଥିଲେ । ଏହା ଦ୍ୱାରା ତେନ୍ତୁଳିଖୁଣ୍ଟି ବ୍ଲକର ଗ୍ରାମୀଣ ଆବାସ ଯୋଜନାର ଗୃହ ନିର୍ମାଣ କାର୍ଯ୍ୟ ଗୁଡିକର ଅଗ୍ରଗତି ହୋଇ ପାରିନଥିଲା। କାର୍ଯ୍ୟରେ ଅବହେଳା ଓ କୈଫତ ମଗାଯିବା ପରେ ସନ୍ତୋଷ ଜନକ ଉତ୍ତର ମିଳିନଥିବାରୁ କାର୍ଯ୍ୟରୁ ଅନ୍ତର କରାଯିବାକୁ ଚିଠି କରାଯାଇଛି।

### ଟ୍ରାନ୍ସଫର୍ମର ଲୋକାର୍ପିତ

ଚନ୍ଦାହାଣ୍ଡି,୧୭।୧୨ (ଡି.ଏନ୍.ଏ.)-

ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ହଳଦୀ ଗ୍ରାମର ତାରିଣୀସାହିରେ ରବିବାର ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲୋକାର୍ପଣ ହୋଇଛି । ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଏହାକୁ ଉଦ୍‌ଘାଟନ କରିଥିଲେ । ବିଜୁ ଗ୍ରାମଜ୍ୟୋତି ଯୋଜନାରେ ଉକ୍ତସାହିକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଟିକମସିଂ ନାୟକ, ମନ୍ତ୍ରୀ ପ୍ରତିନିଧି ରୁଦ୍ର ବାଘ, ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ପାରୀ, ସମିତି ସଭ୍ୟା ସନ୍ଧ୍ୟାରାଣୀ ନାୟକ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଦାଦନ ଶ୍ରମିକ ଉଦ୍ଧାର

ଚନ୍ଦାହାଣ୍ଡି, ୧୭।୧୨(ଡି.ଏନ.ଏ)-

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଗୁଲିପାଟଣା ସାହିର ଚଉବନ ନାୟକ ସେହି ବ୍ଲକର ଜଣେ ଦାଦନ ଶ୍ରମିକଙ୍କ ସହ ବାଙ୍ଗାଲୋର କାମ ଅନ୍ୱେଷଣରେ ଯାଇ ହଜିଯାଇଥିଲେ। କିଛିଦିନ ତଳେ ସେ ବାଙ୍ଗାଲୋରର ରାଜରାସ୍ତାରେ ଭିକ ମାଗୁଥିବା ଏବଂ ଘରକୁ ଯିବା ପାଇଁ ଆକୁଳ ନିବେଦନ କରୁଥିବା, ସେଠାକୁ ଯାଇଥିବା କେହି ଓଡିଆ ଭିଡିଓ କରି ଭାଇରାଲ କରିଥିଲେ। ଏହା ପରେ ପ୍ରଶାସନ ପାଖରେ ଖବର ପହଞ୍ଚିଥିଲା । ସୋମବାର ଭୁବନେଶ୍ୱରଠାରେ ହଠାତ କେହି ଜଣେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ସାନଭାଇ ପ୍ରକାଶ ଚନ୍ଦ୍ର ମାଝିଙ୍କୁ ଉମରକୋଟର ଚଉବନ ଭୁବନେଶ୍ୱରରେ ଭିକମାଗି ବୁଲୁଥିବା ଖବର ଦେଇଥିଲେ। ପ୍ରକାଶ ମାଝି ତୁରନ୍ତ ସେଠାରେ ପହଞ୍ଚି ତାକୁ ଉଦ୍ଧାର କରି ଭୁବନେଶ୍ୱରରେ ଥିବା ମନ୍ତ୍ରୀ ରମେଶ ଚନ୍ଦ୍ରମାଝିଙ୍କ ବାସଭବନକୁଆଣିଖାଇବାକୁ ଦେଇଥିଲେ। ସେ ଅସୁସ୍ଥ ଥିବା ବେଳେ ତାଙ୍କୁ ଚିକିତ୍ସା କରାଯାଇ ବସ୍ ଯୋଗେ ତାଙ୍କ ଘରକୁ ପଠାଯିବ ବୋଲି ପ୍ରକାଶ ମାଝି କହିଛନ୍ତି। ମନ୍ତ୍ରୀଙ୍କ ବାସଭବନରେ ତାଙ୍କୁ ରହିବା ପାଇଁ ବ୍ୟବସ୍ଥା କରାଯାଇଛି ।

OFFICE OF THE EXECUTIVE ENGINEER
RWS&S DIVISION, BALASORE
Tel.: 06782 - 262249, Fax: 262931,
Email: eerwss_bls@nic.in, eerwssbls@gmail.com
No.1175-O

NATIONAL COMPETITIVE BIDDING THROUGH e-Tendering

Identification No.28 Dt.12.12.2018

1. Nos. of work : 12 Nos. of RPWS in Balasore district
2. Estimated cost : Rs.47.92 lakh & Rs.99.88 lakh
3. Period of completion : 180 days to 270 days
4. Availability of bid document in portal : Dt.20.12.2018 at 10.00 hours to 29.12.2018 upto 17.00 hours through online
5. Seeking of clarification : Dt.20.12.2018 at 10.00 hours to Dt.28.12.2018 upto 15.00 hours
6. Date of opening of bid : Dt.31.12.2018 at 11.00 hours in the O/O EE, RWSS Division, Balasore
7. Name and address of the Officer Inviting Tender : Executive Engineer, RWS&S Division, Balasore

Bid cost & Bid security will be receipt through electronic payment by NEFT / RTGS.
Further details can be seen from the e-Procurement portal: **http://tendersodisha.gov.in**.

25013/11/0028/1819 **Sd./- Executive Engineer RWS&S Division, Balasore**

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KORAPUT
DISTRICT SURVEILLANCE UNIT, KORAPUT
NATIONAL HEALTH MISSION
Ph. No.: 06852 - 252061, Email Id: dsukoraput@gmail.com

CORRIGENDUM

Letter No. 595/NCD Dtd.14.12.18
No.668-E: In partial modification to the tender enquiry no.586/ NCD/KPT dtd.06.12.18 for BMW management, the average annual turnover for last three financial year is revised as Rs.1.00 crore per annum instead of Rs.3.00 crores.
The other terms & conditions remain unchanged.

10077/11/0025/1819 **Sd./- CDM & PHO, Koraput**

ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER, LIFT IRRIGATION DIVISION, JALESWAR
No.CAD-1141:- e - Procurement Notice
Bid Identification No: 03/18-19 /DT.07/12/2018

1. The Executive Engineer, Lift Irrigation Division, Jaleswar on behalf ODISHA LIFT IRRIGATION CORPORATION LIMITED, BHUBANESWAR Invites percentage Rate bids in online mode for Installation / Revival of defunct L.I Projects in Turn-key basis from reputed Contractors/Firms having valid D & C Class Civil contractor license from State PWD/PHED/ RWSS/ Irrigation/ Rural works or equivalent grade of CPW/ Railway along with valid HT license issued by E.L.B.O, Odisha with experience in similar nature of (i) work drilling and installation of Tube well by Mud rotary method, (ii) for the work Erection of 11 KV line, L.T. line with AB Cable & Commissioning of S/S for power supply to lift Irrigation projects with installation of motor, starter and its energisation Including supply of all materials (iii)Construction of Distribution system in L.I. Projects. The proof of registration and experience from the appropriate authority shall be enclosed along with the Bid. All the documents to be submitted should be self attested. In case one agency does not have both valid Civil & H.T. license then a joint venture of the tenderer with the civil or H.T. licensed contractor to supervise the work will be accepted provided both the contractors have valid PAN, GST, experience in similar nature of work etc. A Civil Contractor entering into Joint venture with another Civil Contractor & an Electrical Contractor entering with joint venture with another Electrical contractor will not be entertained. The joint affidavit should be registered before the appropriate registration authority of the Government of Odisha. The P.A. Holders of any SC/ST bidders should belongs to SC/ST category only otherwise their bids will be rejected (As per Instructions of Deptt. Authorities). Upon approval of the rates both; the Civil & Electrical Contractors entering into the Joint venture have to submit an affidavit under Joint Signature that they both will be liable for completing the work within the stipulated time failing which action as dim fit will be initiated upon both of them. This affidavit will be a part of the f-2 agreement to be executed by approved contractor with the Odisha Lift Irrigation Corporation Limited. The default agencies or agencies making in ordinate delay in completing the works in time will not be allowed to participate in the tender. The list of such Contractors is presented in the DTCN.
2. Upon enforcement of GST, all rates should be quoted accordingly and the GST will be collected from the bills as per Govtt. Decision in force, GST shall be paid extra.
3. The authority reserves the right to increase or decrease the quantity of work accept or reject any or all the Tenders without assigning any reason thereof.

1. Name of the District-Balasore
2. Name of the Block- Bhogarai, Basta & Baliapal
3. No. of LI.Projects:- 05 Nos.
4. Cost of Tender varies from Rs. 871401/- to Rs.1250406/-
5. E.M.D.to be deposited (1% of Tender value) on line
6. Cost of Tender paper to be deposited Rs. 4000/- to Rs. 6000/- on line.

The GST @5% on Tender paper will be paid by the buyer directly against GSTIN-21AAACO5986GIZF & the copy of the deposit challan made by them should be enclosed alongwith the bid document.

7. Date & Time of publication: 22.12.2018 at 11.00 AM
8. Closing Date & Time:- 31.12.2018 at 4 PM
9. Opening Date & TIme-
   (a) Technical Bid- 04.01.2019 at 11 AM
   (b) Financial Bid- 07.01.2019 at 11 AM
10. Class of Contractor- "D & C" with Electrical H.T. License (as detailed in DTCN )
11. Completion period-90 days.

The details are available in the Government Tender Website i.e. www.tenderorissa.gov.in and other related documents are available in the DTCN for bidding.

**32140/11/0005/1819 Sd./- Er. Jagabandhu Behera, Executive Engineer, L.I. Division, Jaleswar**

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, GAJAPATI, PARLAKHEMUNDI
e-mail : rwd_gajapati@yahoo.co.in
No.1187-O

NATIONAL COMPETITIVE BIDDING THROUGH e-Procurement

Identification No. Online Tender 02/GJP/2018-19

1. Name of the work : Road work
2. Total No. Work : 2 (Two) nos. of Road works
3. Estimated Cost : Rs. 44.20 lakhs
4. Class of Contractor : 'B' & 'A' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 20.12.2018 at 10.00 AM to 31.12.2018 upto 5.00 PM
7. Date and Time of opening of tender : 03.01.2019 at 11.30 AM
8. Place of opening : As per Annexure

Further details can be seen from the website **www.tenderorissa.gov.in**.

25158/11/0008/1819 **EXECUTIVE ENGINEER R.W. DIVN., GAJAPATI**

OFFICE OF THE
REGULATED MARKET COMMITTEE, SARGIPALI, SUNDARGARH

INVITATION OF BIDS THROUGH E-PROCUREMENT
TENDER CALL NOTICE NO. 1621 OF 2018-19, DATED 15.12.2018
BID IDENTIFICATION NO. 01

The office of the R.M.C., Sargipali, Sundargarh invites percentage rate bids on online mode from eligible contractors for execution of the different works under RMC Sargipali. The details of which are available at e-Procurement portal www.tenderorissa.gov.in. The interested tenderers are advised to visit the above website for submission of e-tender.
Tender will be closed at 17.00 hours on 27.12.2018.

*Sd./- Collector, Sundargarh-cum-Chairman R.M.C., Sargipali, Sundargarh*

OFFICE OF THE DEAN & PRINCIPAL
MAHARAJA KRISHNA CHANDRA GAJAPATI MEDICAL COLLEGE
BERHAMPUR-760004, GANJAM, ODISHA
**No.8053/MCB-2018/Welfare/Dated, Berhampur the 15th December, 2018**

TENDER CALL NOTICE

No.671-E: Sealed Tenders are invited from the Registered firms for **"Supply of Equipment/Instrument"** for Strengthening and up-gradation of State Government Medical Colleges of MKCG Medical College, Berhampur for increase in PG Seats in two bid system (Technical & Financial) so as to reach the office of the undersigned within Twenty One days from the date of publication of the advertisement till 5 P.M. The detailed Tender paper, Terms & Conditions, list of Equipment/Instrument, specifications can be obtained from the office of the undersigned on payment of Rs.5000/- cash (non-refundable) at the Accounts Section. The details are also available in the website **mkcgmch.org**. Those who will download the tender documents from Website should enclose a DD for Rs.5000/- towards cost of Tender paper in favour of Dean & Principal, MKCG Medical College, Berhampur payable at the S.B.I, MCC Branch, Berhampur.
The undersigned reserves the right to cancel of the Tender in full or parts at any time without assigning any reason thereof.

10013/11/0014/1819 **Sd./- Dean & Principal M.K.C.G. Medical College, Berhampur**

DISTRICT LABOUR OFFICER, MALKANGIRI
No. 3749 Date: 15.12.2018

TENDER CALL NOTICE - 2018-19

Sealed tenders are invited from the intending firms / authorised dealers / rate contract holders / agencies / reputed manufacturers to quote their rates for supply of following items with specification, terms and conditions, **(Available in the website www.malkangiri.nic.in / Office Notice Board)** which should reach to the Office of the undersigned from **17.12.2018 to 05.01.2019 (Upto 1.00 PM) Through Registered Post / Speed Post / Courier Service) only, which will be opened on 07.01.2019 at 10.00 AM by the tender committee**.

| Sl. No. | Name of article | Specification | Unit required |
|---|---|---|---|
| 1 | Working Tools Masson Kit Carpenter Kit Painter Kit | Details of Kit placed at Section-II | Approximately 10000 beneficiaries |
| 2 | Safety Equipment Kit | Details of Kit placed at Annexure-II | |

Bids submitted beyond the manner prescribed in the tender documents shall be rejected.
**The detail terms & conditions, bid documents can be available in the website www.malkangiri.nic.in.**
**Sd./- District Labour Officer, Malkangiri**

Government of Odisha
"e" Procurement Notice
OFFICE OF THE EXECUTIVE ENGINEER
DHENKANAL (R&B) DIVISION, DHENKANAL
No.1023-B
Bid Identification No. – 31 of 2018-2019

1. Name of the work: Building work – 01 No.
2. Estimate cost: Rs.21,24,399.00
3. Period of completion: 04 (Four Calendar Months)
4. Date & time of availability of the Bid documents in the portal: 10.00 AM of 20.12.2018 to 5.00 PM of 29.12.2018
5. Last date / Time of receipt of the bid in Portal: 29.12.2018 up to 5.00 PM.
6. Date of Opening: 03.01.2019 at 11.00 AM.
7. Name and Address of the Officer: Office of the Executive Engineer, Dhenkanal (R&B) Division, Dhenkanal

Further details can be seen from the e – procurement Portal **"https://tendersorissa.gov.in**.

34016/11/0030/1819 **Executive Engineer Dhenkanal (R&B) Division**

DISTRICT LABOUR OFFICER, MALKANGIRI
**No. 3750 Date: 15.12.2018**
**TENDER CALL NOTICE- /2018-19**

Sealed tenders are invited from the intending firms/ Authorised dealers/ Rate contract holders/ Agencies/ reputed manufacturers of Malkangiri district to quote their rates for supply of Bi-Cycles with specification, terms and conditions, **(Available in the Website www.malkangiri.nic.in / Office Notice Board)** which should reach to the Office of the undersigned from **17.12.2018** to **05.01.2019 (Up to 1.00 PM) (Through Registered Post/ Speed Post/ Courier service) only, which will be opened on 07.01.2019 at 10.00 AM by the Tender Committee.**

| Sl. No. | Name of Article | Specification | Unit Required |
|---|---|---|---|
| 1 | Bi-Cycle | Details of Bi-Cycles placed at Section-2 | Approximately 10000 beneficiaries |

Bids submitted beyond the manner prescribed in the tender documents shall be rejected.
**The detail terms & conditions, Bid documents can be available in the website www.malkangiri.nic.in.**
**Sd./- District Labour Officer Malkangiri**

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହସ ହସ ହୋଇ କହୁଛି କଥା,**
**ଛିଣ୍ଡେଇ ଦଉଛି ମରମ;**
**ଭିତରେ ଭିତରେ ଯାହା ହେଉଅଛି,**
**ସାକ୍ଷୀ ଅଛି ଏକା ଧରମ ।**

ପରିହାସଯୁକ୍ତ କଟୁକ୍ତି ଦେହ ଓ ମନକୁ ଆକ୍ତାମାକ୍ତା କରିଦେଇଥାଏ। ଏହା ଯେ କେତେ ଯନ୍ତ୍ରଣାଦାୟକ ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଅନ୍ୟର ମର୍ମଭେଦୀ କଥା ଶୁଣି କାହା ଆଗରେ ବ୍ୟକ୍ତ କରିପାରୁ ନ ଥିବା ବ୍ୟକ୍ତି ଭିତରେ ଭିତରେ ଅନ୍ତର୍ଦାହରେ ଜଳିଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ହଟହଟିଆ କଖାରୁ ଫୁଲିଆ ନାଗର !**
**ସଙ୍କେତ ଦେଇ କା'ପୁରେ ରହିଲା,**
**ରାତି ହେଲି ଉଜାଗର ।**

କଥା ଦେଲେ କଥା ରଖିବାକୁ ପଡ଼ିଥାଏ। ଯିଏ କଥା ଦେଇ କଥା ରଖି ନ ପାରେ ତା'ଠରୁ ମନ ଛାଡ଼ି ଯାଇଥାଏ। ଏପରିସ୍ଥଳେ ଗୋପନରେ ମିଳିତ ହେବା ନେଇ ପ୍ରତିଶ୍ରୁତି ଦେଇ ପୂରଣ କରିପାରୁ ନ ଥିବା ପ୍ରେମୀ ପ୍ରତି ମନରେ କ୍ଷୋଭ ଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବଦଳିଲେ ୧୪୮ ଏସ୍ଆଇ

**କଟକ ଅଫିସ, ୧୭।୧୨**

ଓଡ଼ିଶା ପୋଲିସର ଏସ୍ଆଇ ସ୍ତରରେ ଏକ ବଡଧରଣର ଅଦଳବଦଳ ହୋଇଛି। ମୋଟ ୧୪୮ ଜଣଙ୍କ ବଦଳି ହୋଇଥିବା ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। କମିଶନରେଟ ପୋଲିସରୁ ସର୍ବାଧିକ ୧୬, ରାୟଗଡାରେ ୧୪, କୋରାପୁଟରେ ୯ ଜଣଙ୍କ ସମେତ ସମସ୍ତ ପୋଲିସ ଜିଲାରୁ ବଦଳି ହୋଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଅଦଳବଦଳ କରାଯାଇଥିବା କୁହାଯାଉଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ■ ଗୁଜରାଟରେ ଓଡ଼ିଶା ମହୋତ୍ସବ

# 'ବାପୁଙ୍କ ଜନ୍ମସ୍ଥାନକୁ ଆସି ବହୁତ ଖୁସି'

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

ବାପୁଙ୍କ ଜନ୍ମସ୍ଥାନ ଗୁଜରାଟକୁ ଆସିଥିବାରୁ ମୁଁ ବହୁତ ଖୁସି। ବାପୁଜୀ ଥିଲେ ଅହିଂସାର ପୂଜାରୀ। ତାଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଅହିଂସାକୁ ଆମ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦେଲେ ତାହା ବାପୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁରଟଠାରେ ଅନୁଷ୍ଠିତ ଓଡ଼ିଶା ମହୋତ୍ସବରେ ଯୋଗଦେଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅହିଂସା ସହ ଶାନ୍ତି ଏବଂ ଶାନ୍ତି ସହ ବିକାଶର ସମ୍ପର୍କ ରହିଛି। ବିକାଶ ହିଁ ଓଡ଼ିଶାର ପରିଚୟ। ଓଡ଼ିଆଙ୍କ ଦକ୍ଷତା ହିଁ ଓଡ଼ିଶାର ପରିଚୟ। କଳା, ସଂସ୍କୃତି ନୁହେଁ, ମାନବ ସମ୍ବଳ ହିଁ ଓଡ଼ିଶାର ପରିଚୟ। ରାଜ୍ୟର ବିକାଶ ଓ ଗୌରବରେ ପ୍ରତିଟି ଓଡ଼ିଆର ଅବଦାନ ରହିଥିବା ନବୀନ ପଟ୍ଟନାୟକ କହିଛନ୍ତି। ସୁରଟରେ ରହୁଥିବା ଓଡ଼ିଆ ବିଶେଷକରି ଛାତ୍ରୀଛାତ୍ରଙ୍କ ପାଇଁ ଖୁବ୍‌ଶୀଘ୍ର ଯୁକ୍ତ ଦୁଇ କଲେଜ ଖୋଲିବା ପାଇଁ ବ୍ୟବସ୍ଥା କରାଯାଉଛି। ସ୍ଥାନୀୟ ଛାତ୍ରୀଛାତ୍ର ଯେପରି ଓଡ଼ିଆରେ ମାଟ୍ରିକ୍ ପରୀକ୍ଷା ଦେଇପାରିବେ, ସେନେଇ ବିଚାର କରାଯାଉଥିବା ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଏଥିସହିତ ପିଲାମାନଙ୍କୁ ଓଡ଼ିଆ ପୁସ୍ତକ ଯୋଗାଣ କରାଯିବା ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। ସୁରଟରେ ରହୁଥିବା ଓଡ଼ିଆଙ୍କ ସାଂସ୍କୃତିକ ମନୋରଞ୍ଜନ ନିମିତ୍ତ ଗୋଷ୍ଠୀ କେନ୍ଦ୍ର ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯିବା କଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏଥିସହ ଉକ୍ତ ସାଂସ୍କୃତିକ ଗୋଷ୍ଠୀ କେନ୍ଦ୍ର ପାଇଁ ୧୦ କୋଟି ଟଙ୍କାର ଅନୁଦାନ ମଧ୍ୟ ଘୋଷଣା କରାଯାଇଛି, ଯାହା ସେଠାରେ ରହୁଥିବା ଓଡ଼ିଆଙ୍କୁ ଉତ୍ସାହିତ କରିଛି। ସେହିପରି ବ୍ରହ୍ମପୁର-ସୁରଟକୁ ସିଧାସଳଖ ରେଳ ଚଳାଚଳ ଏବଂ ଭୁବନେଶ୍ୱର-ସୁରଟ ବିମାନ ଚଳାଚଳ ଦାବିକୁ ମୁଖ୍ୟମନ୍ତ୍ରୀ ଓଡ଼ିଶା ମହୋତ୍ସବରେ ଦୋହରାଇଛନ୍ତି।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଯେପରି ଦେଶର ଯେ କୌଣସି ସ୍ଥାନରେ ରହୁଥିବା ପ୍ରତିଟି ଓଡ଼ିଆ ପାଖରେ ପହଞ୍ଚିବ, ସେନେଇ ରାଜ୍ୟ ସରକାର ପଦକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସୁରଟରେ ରହି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସୁବିଧା ପାଇହେବ। ଏହି ଯୋଜନା ଦ୍ୱାରା ଦାରିଦ୍ର୍ୟ ସୀମାରେଖା ତଳେ ଏବଂ ଉପରେ ଥିବା ବ୍ୟକ୍ତିମାନେ ଉପକୃତ ହୋଇପାରିବେ। ପରିବାର ପାଇଁ ୫ ଲକ୍ଷ ଏବଂ ମହିଳାଙ୍କ ଲାଗି ୭ ଲକ୍ଷ ଟଙ୍କାର ବାର୍ଷିକ ଚିକିତ୍ସା ସହାୟତା ରହିଛି। ବୟନ ଓ ହସ୍ତଶିଳ୍ପ ଉତ୍ପାଦରୁ ଜିଏସ୍‌ଟି ହ୍ରାସ କରିବା ପାଇଁ ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ନିକଟରେ ସମାପ୍ତ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ରାଜ୍ୟ ପାଇଁ ସୁଯୋଗ ସୃଷ୍ଟି କରିବ। ପ୍ରସ୍ତାବିତ ପୁଞ୍ଜିନିବେଶ ଦ୍ୱାରା ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ତେଣୁ ସମସ୍ତେ ଓଡ଼ିଶା ମା'ର ଗୌରବ ବୃଦ୍ଧି କରିବା ଲାଗି କାର୍ଯ୍ୟ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୁରଟରେ ଆୟୋଜିତ ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ମହୋତ୍ସବରେ ଏକ ଲକ୍ଷରୁ ଅଧିକ ଓଡ଼ିଆଙ୍କ ସମାଗମ ହୋଇଥିଲା। ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ, ସଂଖ୍ୟାଧିକ ବିଧାୟକ ଏବଂ କିଛି ଅଧିକାରୀ ଏହି ମହୋତ୍ସବରେ ଯୋଗଦେଇଛନ୍ତି।



ଓଡ଼ିଶା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

**ସାଂସ୍କୃତିକ କେନ୍ଦ୍ର ପାଇଁ ୧୦ କୋଟି ଅନୁଦାନ**

## ■ ଉଜ୍ଜ୍ୱଳା ଯୋଜନାର ବିସ୍ତାରକୁ ମଞ୍ଜୁରି

# ସବୁ ଗରିବ ପାଇବେ ମାଗଣା ସିଲିଣ୍ଡର

**ନୂଆଦିଲ୍ଲୀ,୧୭।୧୨:** ଉଜ୍ଜ୍ୱଳା ଯୋଜନାର ବିସ୍ତାର ଲାଗି କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଣିକି ଦେଶର ପ୍ରତ୍ୟେକ ଗରିବ ନାଗରିକଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଫଳରେ ସେମାନେ ମାଗଣାରେ ଏଲ୍‌ପିଜି ସିଲିଣ୍ଡର ପାଇବେ। ଏ ସଂକ୍ରାନ୍ତରେ ସୋମବାର ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ନିଷ୍ପତ୍ତି ନେଇଛି। ୨୦୧୬ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ପ୍ରଥମେ ବିପିଏଲ୍ କାର୍ଡଧାରୀଙ୍କୁ ମାଗଣାରେ ଗ୍ୟାସ୍ ସଂଯୋଗ ଦିଆଯାଉଥିଲା।

କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଉଜ୍ଜ୍ୱଳା ଯୋଜନା ପରିସରକୁ ବଢ଼ାଇବା ଲାଗି କ୍ୟାବିନେଟ ନିଷ୍ପତ୍ତି ନେଇଛି। ତଦନୁଯାୟୀ ସରକାରୀ ଯୋଜନାର ଲାଭାର୍ଥୀ ହୋଇ ନ ଥିବା ତଥା ଗ୍ୟାସ ସଂଯୋଗ ନ ଥିବା ଗରିବ ପରିବାରକୁ ଉକ୍ତ ଯୋଜନାରେ ସାମିଲ କରାଯିବ। ସରକାରଙ୍କ ଏହି ପଦକ୍ଷେପ ଯୋଗୁ ୧୦୦ ପ୍ରତିଶତ ଘରେ ଏଲ୍‌ପିଜି ସଂଯୋଗ ପହଞ୍ଚିପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ସୂଚନାଥାଉ କି, ସରକାର ଉକ୍ତ ଯୋଜନାରେ ବିପିଏଲ କାର୍ଡଧାରୀଙ୍କୁ ମାଗଣାରେ ଏଲ୍‌ପିଜି ଯୋଗାଣ ଲାଗି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଙ୍କୁ ୧୬୦୦ ଟଙ୍କା ସବ୍‌ସିଡି ଦେଉଛନ୍ତି। ସିଲିଣ୍ଡର ସିକ୍ୟୁରିଟି ଫି ତଥା ଫିଟିଙ୍ଗ ଚାର୍ଜ ବାବଦରେ ଏହି ଅର୍ଥ ଦିଆଯାଉଛି। ଲାଭାର୍ଥୀ କେବଳ ଗ୍ୟାସ୍ ଷ୍ଟୋଭକୁ କିଣିବେ। ତେବେ ଷ୍ଟୋଭ ଓ ପ୍ରଥମ ମାସିକ ସିଲିଣ୍ଡର ରିଫିଲ୍ ବାବଦ ମୂଲ୍ୟକୁ କିସ୍ତି ଆକାରରେ ପରିଶୋଧ କରିପାରିବାର ସୁବିଧା ରହିଛି। ପୂର୍ବେ ୨୦୧୧ର ଆର୍ଥିକ-ସାମାଜିକ ଜାତି ଗଣନା ଆଧାରରେ ପ୍ରସ୍ତୁତ ତାଲିକା ଅନୁଯାୟୀ ସିଲିଣ୍ଡର ବଣ୍ଟନ କରାଯାଉଥିଲା। ପରେ ଏହାକୁ ଏସ୍‌ସି/ଏସ୍‌ଟି, ଜଙ୍ଗଲରେ ବାସ କରୁଥିବା ଅଧିବାସୀ, ଅତି ପଛୁଆ ବର୍ଗ, ଦ୍ୱୀପରେ ରହୁଥିବା ପରିବାର, ପରିଭ୍ରମଣକାରୀ ଆଦିବାସୀ ତଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଯୋଜନାର ଲାଭାର୍ଥୀଙ୍କୁ ଏଥିରେ ସାମିଲ କରାଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## ସ୍ଥଳଭାଗ ଛୁଇଁଲା...

ବେଗରେ ପବନ ବହିବ । ଆସନ୍ତା ୧୮ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରିଦିଆଯାଇଛି। ବାତ୍ୟାଜନିତ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଚାଷୀମାନଙ୍କୁ ଏ ନେଇ ସଚେତନ କରାଇବା ପାଇଁ ପଦକ୍ଷେପ ନେବା ସକାଶେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମଣ୍ଡିରେ ଥିବା ଧାନକୁ ସୁରକ୍ଷିତ ରଖିବାକୁ କୁହାଯାଉଛି।

## ସଜ୍ଜନ କୁମାରଙ୍କୁ ଆଜୀବନ...

ହତ୍ୟା କରାଯିବା ଏବଂ ସେଠାରେ ଥିବା ଏକ ଗୁରୁଦ୍ୱାରାକୁ ଜାଳିଦିଆଯିବା ମାମଲାରେ ସଜ୍ଜନ କୁମାର ଏବଂ ଅନ୍ୟ ୫ ଜଣଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ଦଣ୍ଡବିଧାନ କରିଛନ୍ତି। ସେମାନଙ୍କୁ ଡିସେମ୍ବର ୩୧ ସୁଦ୍ଧା ଆତ୍ମସମର୍ପଣ କରିବାକୁ ଏବଂ ଦିଲ୍ଲୀ ଛାଡି ନ ଯିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାରେ ଅଭିଯୁକ୍ତମାନଙ୍କ ବିରୋଧରେ ୨୦୧୦ରୁ ଶୁଣାଣି ଆରମ୍ଭ ହୋଇଥିଲା ଏବଂ ୩ ବର୍ଷ ପରେ ୫ ଜଣଙ୍କୁ ତଳକୋର୍ଟ ଦୋଷୀ ସାବ୍ୟସ୍ତ କରିଥିବାବେଳେ ସଜ୍ଜନ କୁମାରଙ୍କୁ ଦୋଷମୁକ୍ତ କରିଥିଲେ। ତଳକୋର୍ଟଙ୍କ ଏହି ରାୟ ବିରୋଧରେ ମୃତକଙ୍କ ସମ୍ପର୍କୀୟ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ। ଜଷ୍ଟିସ ଏସ୍. ମୁରଲୀଧର ଏବଂ ବିନୋଦ ଗୋଏଲଙ୍କୁ ନେଇ ଗଠିତ ଖଣ୍ଡପୀଠ କଂଗ୍ରେସ ନେତାଙ୍କୁ ଅପରାଧ ଷଡଯନ୍ତ୍ର, ଧର୍ମ ନାମରେ ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା ଏବଂ ହତ୍ୟା ଅପରାଧ ଘଟାଇବା ପାଇଁ ବାଧ୍ୟ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ତିନି ଜଣ ସାକ୍ଷୀ ଜଗଦୀଶ କୌର, ତାଙ୍କ ଭାଇ ଗଜଶେର ସିଂ ଏବଂ ନିରପ୍ରୀତ କୌରଙ୍କ ସାହସିକତା ପାଇଁ ନ୍ୟାୟ ମିଳିପାରିଲା ବୋଲି ଖଣ୍ଡପୀଠ କହିଛନ୍ତି। ଜଗଦୀଶଙ୍କ ସ୍ୱାମୀ କେହର ସିଂ, ପୁଅ ଗୁରପ୍ରୀତ ସିଂ ଏବଂ ସମ୍ପର୍କୀୟ ଭାଇ ରଘୁବିନ୍ଦର ସିଂ, ନରେନ୍ଦର ପାଲ ସିଂ ଓ କୁଲଦୀପ ସିଂଙ୍କୁ ହତ୍ୟା କରାଯାଇଥିଲା। ସେହିପରି ଗୁରଦ୍ୱାରା ପୋଡ଼ି ଘଟଣାରେ ନିରପ୍ରୀତ କୌର ସାକ୍ଷୀ ଥିଲେ। ମାମଲାର ୫ ଅଭିଯୁକ୍ତ ପୂର୍ବତନ କଂଗ୍ରେସ କାଉନସିଲର ବଲୱାନ ଖୋଖର, ଅବସରପ୍ରାପ୍ତ ନୌସେନା ଅଧିକାରୀ କ୍ୟାପଟେନ ଭାଗମଲ, ଗିରିଧାରୀ ଲାଲ ଏବଂ ପୂର୍ବତନ ବିଧାୟକ ମହେନ୍ଦର ଯାଦବ ଓ କିଶନ ଖୋଖରଙ୍କୁ ତଳକୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲା ବେଳେ ହାଇକୋର୍ଟ ଏହାକୁ କାଏମ ରଖିଛନ୍ତି। ୨୦୧୩ରେ ତଳକୋର୍ଟ ଖୋଖର, ଭାଗମଲ ଏବଂ ଲାଲଙ୍କୁ ଆଜୀବନ ଏବଂ ଯାଦବ ଓ କିଶନ ଖୋଖରଙ୍କୁ ତିନି ବର୍ଷ ଜେଲ୍‌ଦଣ୍ଡ ଦେଇଥିଲେ। ହାଇକୋର୍ଟ ୩ ଅଭିଯୁକ୍ତଙ୍କ ଆଜୀବନ ଜେଲଦଣ୍ଡକୁ କାଏମ୍ ରଖିଥିବାବେଳେ ଅନ୍ୟ ଦୁଇ ଜଣଙ୍କ ଜେଲଦଣ୍ଡ ୧୦ ବର୍ଷକୁ ବୃଦ୍ଧି କରିଛନ୍ତି।

କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ୧୯୪୭ରେ ଦେଶ ବିଭାଜନ ବେଳେ ଭୟାବହ ରକ୍ତପାତ ହୋଇଥିଲା। ଏହାର ୩୭ ବର୍ଷ ପରେ ଦେଶକୁ ପୁଣି ଥରେ ଏଭଳି ଗଣହତ୍ୟା ଦେଖିବାକୁ ମିଳିଥିଲା। ଏହି ଦଙ୍ଗାରେ କେବଳ ଦିଲ୍ଲୀରେ ୨୭୩୩ ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଅନେକ ଶିଖ୍‌ଙ୍କ ଘର ଜାଳିଦିଆଯିବା ଫଳରେ କେତେଜଣ ଜୀବନ୍ତ ଦଗ୍ଧ ହୋଇଥିଲେ। ଦେଶର ଅନ୍ୟ ଭାଗରେ ମଧ୍ୟ ବହୁସଂଖ୍ୟାରେ ଶିଖ୍‌ଙ୍କୁ ହତ୍ୟା କରାଯାଇଥିଲା। ଏହି ଗଣହତ୍ୟାରେ ସଂପୃକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ରାଜନୈତିକ ସୁରକ୍ଷା ମିଳୁଥିଲା ଏବଂ ପୋଲିସ ପ୍ରଶାସନର ସ୍ଥାଣୁତା ସେମାନଙ୍କୁ ଅପରାଧ ଘଟାଇବାରେ ସହାୟକ ହୋଇଥିଲା ବୋଲି କୋର୍ଟ କହିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଳ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ
35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

BUSINESS
SURYA କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

ନବବର୍ଷ ଧମାକା!!!
କୁବେର ଫାଇନାନ୍ସ
ଖର୍ଚ୍ଚ ଋଣରୁ କଟିବ (ପଞ୍ଜୀକୃତ)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍
ସମସ୍ତ ଋଣ ୧% ସୁଧ, ୪୦% ରିହାତି
9354181401
8375014500
41/14, ସେକ୍ଟର-1, ପୁଷ୍ପ ବିହାର, ଦିଲ୍ଲୀ-110017

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ
45% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

ବାବା ବଙ୍ଗାଳୀ
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଲେଶ, ବ୍ୟବସାୟରେ ବାଧା । A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୭୮୫୪୮
୩୯, ପଟେଲ ନଗର, ଆଶିଷ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

!!! ଋଣ ଋଣ ଋଣ !!!
କ୍ୟାପିଟାଲ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନ୍, ପ୍ରପର୍ଟି
(1ରୁ 5 ଲକ୍ଷ) ଋଣ ଉପଲବ୍ଧ
ଯୋଗାଯୋଗ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

SMS JOB
PTJ କମ୍ପାନୀରେ SMS JOB ପାଇଁ ୩୧୦ ଯୁବକ, ଯୁବତୀ ଘରେବସି Part/Full Time JOB କରି ୧୪୦୦୦/- ରୁ ୪୨୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop Printer FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9135595515
7870216361

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
9718753233
7838556518
Block Chack, Balasore-756027

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

ଶ୍ରୀରାମ ଫାଇନାନ୍ସ
ଶ୍ରୀରାମ ଫାଇନାନ୍ସ ପ୍ରଦାନ କରୁଛି ପ୍ରପର୍ଟି, ପର୍ସନାଲ, ବ୍ୟବସାୟ ଋଣ ୨% ସୁଧ ୪୦% ରିହାତି।
7310624603
9411551525
୧୩, ମହାତ୍ମା ଗାନ୍ଧୀ ରୋଡ୍, ସିଆଲଦା,ବୈଠକଖାନା, କୋଲକାତା, ପଶ୍ଚିମବଙ୍ଗ - ୭୦୦ ୦୦୯


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଯଦି ଯୁବପୀଢ଼ି ଯୁବକମାନଙ୍କୁ ନିଯୁକ୍ତି ମିଳିବ ଏବଂ ଚାଷୀଙ୍କୁ ସେମାନଙ୍କ ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ମିଳିବ ତେବେ କୋଟା ଆନ୍ଦୋଳନକୁ ଓହରିଯିବି ।
- ହାର୍ଦ୍ଦିକ ପଟେଲ, ପାଟିଦାର ନେତା

## ସଂକ୍ଷେପରେ

### ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ସୁପାରିସ

ନୂଆଦିଲ୍ଲୀ,୧୭।୧୨(ପି.ଟି.)- ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଜାରି ଲାଗି କେନ୍ଦ୍ର ସରକାର ସୁପାରିସ କରିଥିବା ଜଣାପଡ଼ିଛି। ଆସନ୍ତା ୧୯ ତାରିଖରେ ସେଠାରେ ରାଜ୍ୟପାଳ ଶାସନର ୬ ମାସ ଅବଧି ପୂରଣ ହେଉଥିଲା ବେଳେ ଏହା ପରେ ରାଷ୍ଟ୍ରପତି ଶାସନ ଲାଗୁ ହେବ। ରାଜ୍ୟପାଳ ସତ୍ୟପାଲ ମଲିକ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ କେନ୍ଦ୍ରକୁ ସୁପାରିସ କରିଥିଲେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତାଙ୍କ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଘୋଷଣାନାମା ଜାରି କରିବା ପରେ ପାର୍ଲାମେଣ୍ଟ ରାଜ୍ୟ ବିଧାନସଭା କ୍ଷମତାର ଉପଯୋଗ କରିବ। ଗତ ଜୁନ୍ ମାସରେ ମେହବୁବା ମୁଫ୍ତି ସରକାରରୁ ଭାଜପା ସମର୍ଥନ ପ୍ରତ୍ୟାହାର କରିନେବା ପରେ ସେଠାରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। ଏହା ପରେ ସେଠାରେ ସ୍ୱତନ୍ତ୍ର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ୬ ମାସ ପାଇଁ ରାଜ୍ୟପାଳ ଶାସନ ଜାରି ହୋଇଥିଲା।

### ମାଲଦ୍ୱୀପକୁ ଭାରତର ୧.୪ ବିଲିୟନ ଡଲାର ସହାୟତା

ନୂଆଦିଲ୍ଲୀ,୧୭।୧୨(ପି.ଟି.)-ମାଲଦ୍ୱୀପକୁ ୧.୪ ବିଲିୟନ ଡଲାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଘୋଷଣା କରିଛନ୍ତି। ନୂଆଦିଲ୍ଲୀ ଗସ୍ତରେ ଆସିଥିବା ମାଲଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲିହଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ପରେ ଦୁଇ ଦେଶ ମଧ୍ୟରେ ୪ଟି ରାଜିନାମା ସ୍ୱାକ୍ଷର ହୋଇଛି। ଭାରତ ମହାସାଗର ଅଞ୍ଚଳରେ ସାମରିକ ସହଯୋଗକୁ ସୁଦୃଢ଼ କରିବା ଲାଗି ଉଭୟ ନେତା ନିଷ୍ପତ୍ତି ନେଇଥିଲେ। ମାଲଦ୍ୱୀପ ରାଷ୍ଟ୍ରପତିଙ୍କ ସହ ଆଲୋଚନା ସଫଳ ହୋଇଛି ଏବଂ ଭାରତ ମହାସାଗର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ଦିଗରେ ଉଭୟ ରାଷ୍ଟ୍ର ଏକାଠି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ତିନିଦିନିଆ ଗସ୍ତରେ ରବିବାର ଏଠାରେ ପହଞ୍ଚିଥିବା ମାଲଦ୍ୱୀପ ରାଷ୍ଟ୍ରପତି ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସହ ମଧ୍ୟ ବିଭିନ୍ନ ଦ୍ୱିପାକ୍ଷିକ ଏବଂ ଆଞ୍ଚଳିକ ପ୍ରସଙ୍ଗରେ ଆଲୋଚନା କରିଥିଲେ।

### ଖଣିରେ ଗ୍ୟାସ୍ ଲିକ୍ ୩ ଶ୍ରମିକ ମୃତ

କୋରବା/ଛତିଶଗଡ଼,୧୭।୧୨(ପି.ଟି.)- ଛତିଶଗଡ଼ ରାଜ୍ୟ କୋରବା ଜିଲ୍ଲାସ୍ଥିତ ସାଉଥ୍ ଇଷ୍ଟର୍ନ କୋଲଫିଲ୍ଡ ଲିମିଟେଡ୍ (ଏସ୍‌ଇସିଏଲ୍)ର ବାଗଡ଼େୱା କୋଇଲା ଖଣିରୁ ଗ୍ୟାସ ଲିକ୍ ହୋଇ ୩ ଶ୍ରମିକ ମୃତ ହୋଇଛନ୍ତି। ପୋଲିସ ସୂତ୍ରାନୁଯାୟୀ, ରବିବାର ସନ୍ଧ୍ୟାରେ ଖଣିର ଏକ ଅଣ୍ଡରଗ୍ରାଉଣ୍ଡ ଟନେଲ ମଧ୍ୟକୁ ଜଣେ ଶ୍ରମିକ ଯାଉଥିଲାବେଳେ ବିଷାକ୍ତ ଗ୍ୟାସ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ୨ ଶ୍ରମିକ ଟନେଲ ମଧ୍ୟକୁ ଯାଇ ଅଟେଡ଼୍ ହୋଇଯାଇଥିଲେ। ଏ ନେଇ ଆଲର୍ଟ ଜାରି କରାଯିବା ପରେ ଉଦ୍ଧାରକାରୀ ଦଳ ମୃତପ୍ରାୟ ଅବସ୍ଥାରେ ୩ ଶ୍ରମିକଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଛତିଶଗଡ଼ ରାଜ୍ୟ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ମୃତକମାନଙ୍କ ପରିବାର ଲୋକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ଘୋଷଣା କରିଛନ୍ତି।

# ତିନି ମୁଖ୍ୟମନ୍ତ୍ରୀ ଶପଥ ନେଲେ

ଜୟପୁର/ଭୋପାଳ/ରାୟପୁର, ୧୭।୧୨(ପି.ଟି.)



ଦେଶର ତିନୋଟି ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସ ବିଜୟ ପରେ ସୋମବାର ତିନି ମୁଖ୍ୟମନ୍ତ୍ରୀ ଶପଥ ନେଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ଅଶୋକ ଗେହଲଟଙ୍କୁ ରାଜ୍ୟପାଳ କଲ୍ୟାଣ ସିଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲା ବେଳେ ସଚିନ ପାଇଲଟ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଆଲବର୍ଟ ହଲ୍‌ରେ ଅନୁଷ୍ଠିତ ଏହି ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, କଂଗ୍ରେସ ଏବଂ ଏହାର ସହଯୋଗୀ ଦଳର ନେତାମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ଏଲ୍‌ଜେଡି ନେତା ଶରଦ ଯାଦବ, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ଆରଜେଡି ନେତା ତେଜସ୍ୱୀ ଯାଦବ, ଡିଏମ୍‌କେ ନେତା ଏମ୍.କେ. ଷ୍ଟାଲିନ୍, ଜେଏମ୍ଏମ୍ ନେତା ହେମନ୍ତ ସୋରେନ, ଜେଭିଏମ୍ ନେତା ବାବୁଲାଲ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ କଂଗ୍ରେସ ନେତା କମଲନାଥଙ୍କୁ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ ଶପଥ ପାଠ କରାଇଥିଲେ। ଏହି ଉତ୍ସବରେ ରାହୁଲଙ୍କ ସମେତ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଫାରୁକ ଅବଦୁଲ୍ଲା, ଶରଦ ଯାଦବ, ଶରଦ ପାୱାର, ପ୍ରଫୁଲ୍ଲ ପଟେଲ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ, ଚନ୍ଦ୍ରବାବୁ ନାଇଡୁ, ତୃଣମୂଳ କଂଗ୍ରେସରୁ ଦିନେଶ ତ୍ରିବେଦୀ, ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ଏବଂ ତେଜସ୍ୱୀ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବିଏସ୍‌ପି ଅଧ୍ୟକ୍ଷା ମାୟାବତୀ ଏବଂ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଉକ୍ତ ସମାରୋହରେ ଯୋଗ ଦେଇ ନ ଥିଲେ। ଏଥିଯୋଗୁ ରାଜ୍ୟ ସଭା ଆରମ୍ଭ ହେବାର ଅନ୍ୟମାନଙ୍କ ମଧ୍ୟରେ ମନମୋହନ ସିଂ, କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ, ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ସିଂ ହୁଡ୍ଡା ଏବଂ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସାମୀ ପ୍ରମୁଖ ଉପସ୍ଥିତ ଥିଲେ। ତିନି ପୂର୍ବତନ ଭାଜପା ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, କୈଳାସ ଜୋଷୀ ଏବଂ ବାବୁଲାଲ ଗୌର ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ସୋମବାର ସନ୍ଧ୍ୟାରେ ଛତିଶଗଡ଼ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭୂପେଶ ବଘେଲ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଦୁର୍ଗ ଜିଲାର ପାଟନ ଆସନରୁ ପ୍ରତିନିଧିତ୍ୱ କରୁଥିବା ବଘେଲଙ୍କୁ ରାଜ୍ୟପାଳ ଆନନ୍ଦୀବେନ ପଟେଲ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ ସମାରୋହରେ ରାହୁଲ, ମନମୋହନଙ୍କ ସମେତ ଅନ୍ୟ ନେତାମାନେ ଯୋଗ ଦେଇଥିଲେ। ୨୦୧୪ରେ ରାଜ୍ୟ କଂଗ୍ରେସର ମଙ୍ଗ ଧରିଥିବା ବଘେଲ କଂଗ୍ରେସକୁ କ୍ଷମତାକୁ ଆଣିବାରେ ପ୍ରମୁଖ ଭୂମିକା ନେଇଥିଲେ। ମୁଖ୍ୟମନ୍ତ୍ରୀ ପଦ ଲାଗି ୪ ଦାବିଦାର ଥିବାବେଳେ ବହୁ ଆଲୋଚନା ପରେ କଂଗ୍ରେସ ନେତୃତ୍ୱ ବଘେଲଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି ନିଷ୍ପତ୍ତି ନେଇଥିଲା।

### ପ୍ରତିଶ୍ରୁତି ରଖିଲେ କମଲନାଥ
## କୃଷି ଋଣ ଛାଡ଼ ଘୋଷଣା

ଭୋପାଳ,୧୭।୧୨(ପି.ଟି.)

ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ଭାଜପାର ଗଡ଼ ଭୁଶୁଡ଼ାଇଥିବା ମଧ୍ୟପ୍ରଦେଶରେ ୧୮ତମ ମୁଖ୍ୟମନ୍ତ୍ରୀ ଭାବେ ସୋମବାର ଶପଥ ଗ୍ରହଣ କରିଥିବା କଂଗ୍ରେସର ବରିଷ୍ଠ ନେତା କମଲ ନାଥ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ଼ ଘୋଷଣା କରିଛନ୍ତି। ନିର୍ବାଚନ ପ୍ରଚାର ସମୟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାକୁ ଯାଇ ସେ କୃଷି ଋଣ ସଂକ୍ରାନ୍ତ ଫାଇଲରେ ଦସ୍ତଖତ କରିଛନ୍ତି। ଫଳରେ ରାଜ୍ୟ କୃଷି ବିକାଶ ବିଭାଗ ପକ୍ଷରୁ ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ସ୍ୱଳ୍ପ ମିଆଦ ସୂତ୍ରରେ ଜାତୀୟ ଏବଂ ସମବାୟ ବ୍ୟାଙ୍କ ତରଫରୁ ଦିଆଯାଇଥିବା କୃଷି ଋଣ ଛାଡ଼ କରାଯିବାକୁ ନିର୍ଦ୍ଦେଶ ଜାରି ହୋଇଛି। କଂଗ୍ରେସ କ୍ଷମତାକୁ ଆସିଲେ ୧୦ ଦିନ ମଧ୍ୟରେ କୃଷି ଋଣ ଛାଡ଼ କରାଯିବ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିର୍ବାଚନ ପ୍ରଚାର ବେଳେ କହିଥିଲେ।

# ଲୋକ ସଭାରେ ସମଲିଙ୍ଗୀ ବିଲ୍ ଗୃହୀତ

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ଲୋକ ସଭାରେ ସୋମବାର ପ୍ରବଳ ହଟ୍ଟଗୋଳ ମଧ୍ୟରେ ସମଲିଙ୍ଗୀ ବିଲ୍ ଗୃହୀତ ହୋଇଛି। ରାଫାଲ ଯୁଦ୍ଧ ବିମାନ ଚୁକ୍ତିରେ ଅନିୟମିତତାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବି ଓ କାବେରୀ ପ୍ରସଙ୍ଗରେ ବିରୋଧୀ ଦଳ କେନ୍ଦ୍ର ସରକାରଙ୍କୁ ପାର୍ଲାମେଣ୍ଟରେ ଘେରିଥିଲେ। ଫଳରେ ଲଗାତର

### ସଂଶୋଧିତ ତିନି ତଲାକ୍ ବିଲ୍ ଆଗତ



ଚତୁର୍ଥଦିନ ସଂସଦୀୟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। କାବେରୀ ନଦୀ ବିବାଦର ସ୍ଥାୟୀ ସମାଧାନକୁ ପ୍ରସଙ୍ଗ କରି ଡିଏମ୍‌କେ ଏବଂ ଏଆଇଏଡିଏମ୍‌କେ ସଦସ୍ୟମାନେ ବିରୋଧ ଓ ହୋହଲ୍ଲା କରିଥିଲେ। ଏଥିଯୋଗୁ ରାଜ୍ୟ ସଭା ଆରମ୍ଭ ହେବାର କିଛି ସମୟ ପରେ ମୁଲତବୀ ଘୋଷଣା କରାଯାଇଥିଲା। ଅନ୍ୟପଟେ, ଲୋକ ସଭା ମୁଲତବୀ ଘୋଷିତ ହେବା ପୂର୍ବରୁ ସମଲିଙ୍ଗୀ ଅଧିକାର ବିଧେୟକ ଗୃହୀତ ହେବା ସହ ମୁସଲିମ୍ ମହିଳାଙ୍କ ସୁରକ୍ଷା ଲାଗି ସଂଶୋଧିତ ତିନି ତଲାକ୍ ବିଲ୍ ଆଗତ କରାଯାଇଥିଲା। ଏଥିରେ ତଲାକ ତିନି ତଲାକକୁ ଦଣ୍ଡନୀୟ ଅପରାଧ ଦର୍ଶାଯାଇଥିବାବେଳେ ଦୋଷୀଙ୍କୁ ୩ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା କରାଯାଇଛି।

## ହସ୍ପିଟାଲରେ ନିଆଁ ଲାଗି ୬ ମୃତ

ମୁମ୍ବାଇ,୧୭।୧୨(ପି.ଟି.)

ମୁମ୍ବାଇର ପୂର୍ବ ଅନ୍ଧେରୀରେ ଥିବା ଇଏସ୍‌ଆଇସି କାମଗାର ହସ୍ପିଟାଲରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ୬ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ଶତାଧିକ ବିଲ୍ଡିଂରେ ଫସି ରହିଛନ୍ତି। ୫ ମହଲା ବିଶିଷ୍ଟ ଏହି ହସ୍ପିଟାଲର ତଳ ମହଲାରେ ନିଆଁ ଲାଗି ଏହା ସମୁଦାୟ ବିଲ୍ଡିଂକୁ ବ୍ୟାପିଯାଇଥିଲା। ରୋଗୀମାନେ ହସ୍ପିଟାଲ କରିଡର ଏବଂ ଛାତ ଉପରେ ରହିଯାଇଥିଲେ। ୧୦୮ ଜଣଙ୍କୁ ଉଦ୍ଧାର କରି ନିକଟସ୍ଥ ୩ଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ସୋମବାର ଅପରାହ୍ନ ୪ଟା ୨୦ ମିନିଟ୍ ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ସେତେବେଳେ ହସ୍ପିଟାଲରେ ୧୭୦ ଜଣ ରୋଗୀ ବିଭିନ୍ନ ବିଭାଗରେ ଚିକିତ୍ସିତ ହେଉଥିଲେ। ୧୦ଟି ଦମକଳକୁ ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ୧୬ଟି ଆମ୍ବୁଲାନ୍ସରେ ରୋଗୀମାନଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପାଖ ହସ୍ପିଟାଲଗୁଡ଼ିକୁ ଆଲର୍ଟ ରଖାଯାଇଛି। ବିଲ୍ଡିଂରୁ ପ୍ରବଳ ବେଗରେ ଧୂଆଁ ଉଠୁଥିବାରୁ ଉଦ୍ଧାର କାର୍ଯ୍ୟ ବିଳମ୍ବିତ ହୋଇଥିଲା।



## ଆଶ୍ରୟ ଗୃହରେ ଶାରୀରିକ ନିର୍ଯାତନା ଦିଆଯାଉଥିଲା

ନୂଆଦିଲ୍ଲୀ,୧୭।୧୨(ପି.ଟି.)

- ଏଚଆଇଭି ରୋଗୀଙ୍କୁ ଚିକିତ୍ସା କରାଯାଉ ନ ଥିଲା
- ମହିଳା କମିଶନଙ୍କ ରିପୋର୍ଟ


ପଶ୍ଚିମବଙ୍ଗ ଆଶ୍ରୟ ଗୃହର ଅନ୍ତେବାସୀଙ୍କୁ ଶାରୀରିକ ନିର୍ଯାତନା ଦିଆଯାଉଥିଲା। ଓଡ଼ିଶାର ଆଶ୍ରୟ ଗୃହରେ ଥିବା ଏଚଆଇଭି ରୋଗୀଙ୍କୁ ଚିକିତ୍ସା କରାଯାଉ ନ ଥିଲା। ସେହିପରି ଉତ୍ତରପ୍ରଦେଶର କେତେକ ଆଶ୍ରୟ ଗୃହରେ ଥିବା ମାନସିକ ବିକୃତ ମହିଳାମାନଙ୍କୁ ଚିକିତ୍ସା କରାଯାଉ ନ ଥିଲା। ଜାତୀୟ ମହିଳା କମିଶନଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। କମିଶନଙ୍କ ଦ୍ୱାରା ନିଯୁକ୍ତ ତଦନ୍ତ କମିଟି ଓଡ଼ିଶାର ୮ଟି, ପଶ୍ଚିମବଙ୍ଗର ୫, ଉତ୍ତରପ୍ରଦେଶର ୫ ଏବଂ କର୍ଣ୍ଣାଟକର ୮ଟି ଆଶ୍ରୟ ଗୃହ ପରିଦର୍ଶନ କରିବା ପରେ ଉପରୋକ୍ତ ରିପୋର୍ଟ ଦେଇଛନ୍ତି। ମୋଟ ୨୬ଟି ଆଶ୍ରୟ ଗୃହରୁ ମାତ୍ର ଗୋଟିଏ ଗାଇଡଲାଇନ୍ ଅନୁଯାୟୀ ଚାଲୁଥିବା ଜଣାପଡ଼ିଥିଲା।

କେତେକ ଆଶ୍ରୟ ଗୃହ କେନ୍ଦ୍ର ସରକାରଙ୍କ ପାଣ୍ଠିରେ ଚାଲୁଥିବାବେଳେ ଅନ୍ୟ କେତେକ ଏନ୍‌ଜିଓ ଦ୍ୱାରା ପରିଚାଳିତ ହେଉଛି। ସେଠାରେ ଅନ୍ତେବାସୀ ମହିଳାଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଉତ୍ତରପ୍ରଦେଶ ଆଶ୍ରୟ ଗୃହରେ ରହୁଥିବା ମାନସିକ ବିକୃତ ମହିଳାମାନଙ୍କୁ ଚିକିତ୍ସା କରାଯାଉ ନ ଥିଲାବେଳେ ତଦନ୍ତକାରୀ ଟିମ୍ ପହଞ୍ଚିବା ବେଳେ ସେମାନେ ତଳେ ଗଡୁଥିବା ଦେଖାଯାଇଥିଲା। ସେହିପରି ପଶ୍ଚିମବଙ୍ଗ ସ୍ୱଧାର ଗୃହର ଅନ୍ତେବାସୀ ଶାରୀରିକ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ କରିଥିଲେ। ସ୍ୱଧାର ଗୃହ ଜେଲଖାନା ଭଳି ଥିଲା। ପରିବେଶ ଅପରିଷ୍କାର ଏବଂ ଅସ୍ୱାସ୍ଥ୍ୟକର ବୋଲି କମିଶନ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେହିପରି ଓଡ଼ିଶାରେ ଜଣେ ଏଚଆଇଭି ରୋଗୀ ଏବଂ ତାଙ୍କ ସହ ରହିଥିବା ଶିଶୁକୁ ଚିକିତ୍ସା କରାଯାଉ ନ ଥିବା ଅଭିଯୋଗ ହୋଇଛି। ମହିଳା ଜଣକ ନିଜ ବାପାମା'ଙ୍କ ପାଖକୁ ଫେରିଯିବାକୁ ଚାହୁଁଥିଲେ ହେଁ ଏନ୍‌ଜିଓ କର୍ତ୍ତୃପକ୍ଷ ତାଙ୍କୁ ଛାଡୁ ନାହାନ୍ତି।

## ଫୁରସତ

### ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪,୭୦୪

ନୂଆଦିଲ୍ଲୀ:



ଚଳିତବର୍ଷ ଦିଲ୍ଲୀରେ ୪,୭୦୪ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଏବେ କି ଶୀତଋତୁରେ ମଶାବଂଶ ବୃଦ୍ଧି ପାଇଁ ପ୍ରତିକୂଳ ହୋଇଥିଲେ ସୁଦ୍ଧା ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ମ୍ୟୁନିସିପାଲ ରିପୋର୍ଟରୁ ସୂଚନା ମିଳିଛି। ଚଳିତ ବର୍ଷ ଡିସେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ଜଣେ ନାବାଳକ ସମେତ ଅନ୍ୟୂନ ୪ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ଦକ୍ଷିଣ ଦିଲ୍ଲୀ ପୌରନିଗମ ଦ୍ୱାରା ୩ ମୃତକଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ, ଅମନ ତିୱାରି(୧୩), ସଂସ୍କୃତି(୨୧) ଏବଂ ଗଗନ(୨୩)। ଡିସେମ୍ବର ୧୫ ସୁଦ୍ଧା ରାଜଧାନୀ ଦିଲ୍ଲୀରେ ସମୁଦାୟ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪,୭୦୪ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ କେବଳ ଡିସେମ୍ବରରେ ୧୧୨ଜଣଙ୍କୁ ଚିହ୍ନଟ କରାଯାଇଛି। ୨୦୧୭ ଡେଙ୍ଗୁ ରୋଗୀଙ୍କୁ ନଭେମ୍ବରରେ ଚିହ୍ନଟ କରାଯାଇଥିବା ବେଳେ ୧୧୧୪ ରୋଗୀଙ୍କୁ ଅକ୍ଟୋବରରେ ଚିହ୍ନଟ କରାଯାଇଥିବା ରିପୋର୍ଟ ମିଳିଛି। ଆହୁରି ମଧ୍ୟ ୪୭୩୧ ଜଣ ମ୍ୟାଲେରିଆରେ ଏବଂ ୧୬୪ ଚିକୁନ୍‌ଗୁନିଆରେ ଆକ୍ରାନ୍ତ ହୋଇଥିବା ରିପୋର୍ଟ ମିଳିଛି।

### କ୍ୟାଟ୍ରିଓନାଙ୍କୁ ମିସ୍ ୟୁନିଭର୍ସ ମୁକୁଟ

ବ୍ୟାଙ୍କକ୍:

ଏଠାରେ ଆୟୋଜିତ ବ୍ରହ୍ମାଣ୍ଡ ସୁନ୍ଦରୀ-୨୦୧୮ ପ୍ରତିଯୋଗିତାରେ ବିଶ୍ୱର ୯୩ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଫିଲିପାଇନ୍ସର କ୍ୟାଟ୍ରିଓନା ଏଲିସା ଗ୍ରେ ମିସ୍ ୟୁନିଭର୍ସ ମୁକୁଟ ବିଜୟିନୀ ହୋଇଛନ୍ତି। ରବିବାର ଆୟୋଜିତ ଏହି ପ୍ରତିଯୋଗିତାରେ ଲାଲ୍ ଗାଉନ୍ ପରିହିତା ଗ୍ରେଙ୍କୁ ମୁକୁଟ ପିନ୍ଧାଇଥିଲେ ୨୦୧୭ ବ୍ରହ୍ମାଣ୍ଡ ସୁନ୍ଦରୀ ବିଜୟିନୀ ତଥା ଦକ୍ଷିଣ ଆଫ୍ରିକୀୟ ତରୁଣୀ ଡେମି ଲିଉ୍ ନେଲ୍-ପେଟର୍ସ। ଏହି ପ୍ରତିଯୋଗିତାରେ ବିଚାରକ ମଣ୍ଡଳୀର ସମସ୍ତ ସଦସ୍ୟ ମହିଳା ଥିଲେ। ଭାରତୀୟ ତରୁଣୀ ନେହାଲ ଚୂଡାସାମା (୨୨) ଶ୍ରେଷ୍ଠ ୨୦ ସୁନ୍ଦରୀଙ୍କ ମଧ୍ୟରେ ରହି ନ ପାରିବାରୁ ଭାରତକୁ ନିରାଶ ହେବାକୁ ପଡ଼ିଛି। କାରଣ ୨୦୦୦ରେ ଶେଷଥର ଲାଗି ଭାରତର ଲାରା ଦତ୍ତ ବ୍ରହ୍ମାଣ୍ଡ ସୁନ୍ଦରୀ ଆଖ୍ୟା ଅର୍ଜନ କରିବାପରେ ଦୀର୍ଘ ୧୮ ବର୍ଷ ଧରି ଭାରତ ପାଇଁ ଏ କ୍ଷେତ୍ରରେ ଶୂନ୍ୟତା ସୃଷ୍ଟି ହୋଇଥିଲା।

ଦକ୍ଷିଣ ଆଫ୍ରିକାର ମେଡିକାଲ ଛାତ୍ରୀ ଟାମାରିନ୍ ଗ୍ରୀନ୍ ଏବଂ ଭେନେଜୁଏଲାର ଆଇନ ଛାତ୍ରୀ ଷ୍ଟେଫନି ଗୁଟେରେଜ୍ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର୍ସ-ଅପ୍ ହୋଇଛନ୍ତି। ଏ କ୍ଷେତ୍ରରେ ପ୍ରଥମ ଥର ପାଇଁ ସ୍ପେନ୍‌ର ଆଙ୍ଗେଲା ପୋନ୍ସ ଜଣେ କିନ୍ନର ଭାବରେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଇତିହାସ ସୃଷ୍ଟି କରିଛନ୍ତି।

ବ୍ରହ୍ମାଣ୍ଡ ସୁନ୍ଦରୀ ଗ୍ରେ ମ୍ୟୁଜିକ୍ ଥିଓରୀରେ ମାଷ୍ଟର ସାର୍ଟିଫିକେଟ ହାସଲ କରିଛନ୍ତି। ସେ ମଧ୍ୟ ଏଚ୍ଆଇଭି/ଏଡ୍ସ ସଚେତନତାର ପ୍ରମୁଖ ପ୍ରବକ୍ତା ଏବଂ ଜଣେ ଶିକ୍ଷୟିତ୍ରୀ ବୋଲି ମିସ୍ ୟୁନିଭର୍ସ ୱେବ୍‌ସାଇଟରୁ ସୂଚନା ମିଳିଛି।




### ଇତିହାସର ଆଇନାରେ
#### ଡିସେମ୍ବର ୧୮ର ପ୍ରମୁଖ ଘଟଣା

୧୯୯୯ ଡିସେମ୍ବର ୧୮ରେ ନାସା ପୃଥିବୀର କକ୍ଷପଥକୁ ପର୍ଯ୍ୟବେକ୍ଷଣକାରୀ ୫ଟି ଉପଗ୍ରହ ଲଞ୍ଚ କରିଥିଲା। ନାସା (ନ୍ୟାଶନାଲ୍ ଏରୋନୋଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ୍) ହେଉଛି ଆମେରିକାର ଏକ ସ୍ୱାଧୀନ ସଂସ୍ଥା। ଏହା ବେସାମରିକ ମହାକାଶ କାର୍ଯ୍ୟକ୍ରମ, ଏରୋନୋଟିକ୍ସ ଏବଂ ଏରୋସ୍ପେସ୍ ଗବେଷଣା ପାଇଁ କାର୍ଯ୍ୟ କରିଆସୁଛି। ୧୯୫୮ରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା।

୧୯୩୫ ଡିସେମ୍ବର ୧୮ରେ ଲଙ୍କା ସମ ସମାଜ ପାର୍ଟି ପ୍ରତିଷ୍ଠା କରାଯାଇଥିଲା। ଲଙ୍କା ସମ ସମାଜ ପାର୍ଟି ମଧ୍ୟ 'ଲଙ୍କା ଇକ୍ୱାଲ ସୋସାଇଟି ପାର୍ଟି' ଭାବରେ ପରିଚିତ। ୧୯୩୫ରେ ଉକ୍ତ ପାର୍ଟି ଗଠନ କରାଯାଇଥିଲା। ୧୯୪୦ରେ ଶ୍ରୀଲଙ୍କାର ସ୍ୱାଧୀନତା ଆନ୍ଦୋଳନରେ ଏହା ଏକ ବୃହତ୍ ରାଜନୈତିକ ବାହିନୀ ଭାବରେ ଉଭା ହୋଇଥିଲା। ୧୯୬୪ ନେଶ ସରକାରରେ ଏହା ମଧ୍ୟ ସାମିଲ ହୋଇଥିଲା।

## 'ପରିଶ୍ରମ କରିବାକୁ ପ୍ରେରଣା ଦିଏ ପୁରସ୍କାର'

ମୁମ୍ବାଇ: ପୁରସ୍କାର କଠିନ ପରିଶ୍ରମ କରିବାକୁ ପ୍ରେରଣା ଦିଏ ବୋଲି ମୋଷ୍ଟ ପ୍ରମିଜିଙ୍ଗ ନ୍ୟୁକମର ଆୱାର୍ଡ ପାଇବା ଅବସରରେ ବଲିଉଡ୍ ଅଭିନେତ୍ରୀ ରାଧିକା ମଦନ ପ୍ରକାଶ କରିଛନ୍ତି। ରବିବାର ସ୍ଥାର ସ୍କ୍ରିନ୍ ଆୱାର୍ଡ୍ସ ଉତ୍ସବରେ ରାଧିକାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ବିଶାଲ ଭରଦ୍ୱାଜଙ୍କ 'ପଟାଖା'ରେ ପ୍ରଥମକରି ଅଭିନୟ କରି ସେ ଏହି ପୁରସ୍କାର ଜିଣି ପାରିଛନ୍ତି। ପ୍ରତିକ୍ରିୟାରେ ସେ କହନ୍ତି, କେବେ ଆଶା କରି ନ ଥିଲି। ଏହି ପୁରସ୍କାର ଲାଭ କରିଥିବାରୁ କଠିନରୁ କଠିନ ପରିଶ୍ରମ କରି ଲୋକଙ୍କୁ ଆନନ୍ଦ ଦେବାପାଇଁ ଏହା ମୋତେ ପ୍ରୋତ୍ସାହିତ କରିବ। 'ପଟାଖା'ରେ ମନପ୍ରାଣ ଦେଇ କାର୍ଯ୍ୟ କରିଥିବା ସେ ପ୍ରକାଶ କରିଥିଲେ। ଏହି ଫିଲ୍ମ ବ୍ୟବସାୟିକ ଦୃଷ୍ଟିରୁ ନ ହେଲେ ମଧ୍ୟ କାହାଣୀ ଦୃଷ୍ଟିରୁ ଖୁବ୍ ଭଲ। ଏଥିରେ ଦୁଇ ଭଉଣୀଙ୍କ ଜୀବନ ସଂଗ୍ରାମ ବିଷୟ ବର୍ଣ୍ଣନା କରାଯାଇଥିବା ସେ ପ୍ରକାଶ କରିଥିଲେ।

'ମେରି ଆସିକ ତୁମ୍ ସେ ହି'ର ଅଭିନେତ୍ରୀ ରାଧିକା ମଧ୍ୟ ବସନ ବଳଙ୍କ ଫିଲ୍ମ 'ମର୍ଦ୍ଦ କୋ ଦର୍ଦ୍ଦ ନେହି ହୋତା'ରେ ଅଭିନୟ କରିଛନ୍ତି। ଏହା ଆସନ୍ତା ବର୍ଷ ରିଲିଜ ହେବାକୁ ଯାଉଛି।




### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବା ସମ୍ଭାବନା ଅଛି।


ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
| --- | --- | --- |
| ବାଲେଶ୍ୱର | ୨୧.୦ | ୧୪.୨ |
| ଚାନ୍ଦବାଲି | ୨୧.୮ | ୧୭.୫ |
| କଟକ | ୨୨.୦ | ୧୪.୫ |
| ପାରାଦ୍ୱୀପ | ୨୧.୩ | ୧୮.୪ |
| ଭୁବନେଶ୍ୱର | ୨୨.୦ | ୧୬.୪ |
| ଗୋପାଳପୁର | ୨୫.୬ | ୧୭.୦ |
| ପୁରୀ | ୨୩.୦ | ୧୭.୦ |
| ଅନୁଗୋଳ | ୧୯.୧ | ୧୨.୦ |
| ବାରିପଦା | ୨୪.୪ | ୧୪.୪ |
| ଝାରସୁଗୁଡ଼ା | ୧୭.୦ | ୧୩.୫ |
| କେନ୍ଦୁଝର | ୧୬.୭ | ୧୨.୮ |
| ସମ୍ବଲପୁର | ୧୭.୮ | ୧୨.୫ |
| ସୁନ୍ଦରଗଡ଼ | ୨୨.୦ | ୯.୦ |
| ହୀରାକୁଦ | ୧୮.୨ | ୧୩.୧ |
| ତାଳଚେର | ୨୪.୧ | ୧୬.୩ |
| ଭବାନୀପାଟଣା | ୧୭.୨ | ୧୪.୦ |
| ବଲାଙ୍ଗିର | ୧୭.୪ | ୧୩.୧ |
| କୋରାପୁଟ | ୧୬.୮ | ୧୨.୫ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୧୯.୮ | ୧୭.୨ |
| ସୋନପୁର | ୨୧.୨ | ୧୭.୬ |
| ଦାରିଙ୍ଗିବାଡ଼ି | ୧୭.୦ | ୧୧.୦ |
| ଡେଙ୍କାନାଳ | --- | --- |

ଡିଗ୍ରୀ ସେଲସିୟସ୍



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।



ଯେଉଁମାନେ କଥାରେ ଅସନ୍ତୋଷ ପ୍ରକାଶ କରନ୍ତି, ସେଇମାନେ ହିଁ ସାଧାରଣତଃ ଅଳସୁଆ।
- ହେନେରୀ ଫର୍ଡ

# ଟେଜିଲା ଦାବି, ବେଞ୍ଚ ପାଇଁ ବନ୍ଦ

ଜୟପୁର,୧୭।୧୨(ନି.ପ୍ର.)

ଜୟପୁର ସହର ଓଡ଼ିଶା ହାଇକୋର୍ଟଠାରୁ ୬ ଶହ କିମି ଦୂରରେ ରହିଛି। ଟ୍ରେନ୍ ତ ଦୂରର କଥା, ସିଧାସଳଖ ବସ୍ ମଧ ନାହିଁ। ଦୀର୍ଘ ବର୍ଷ ହେବ ଅବିଭକ୍ତ କୋରାପୁଟ ଜିଲାର ଜନସାଧାରଣ ଏଥିପାଇଁ ସମସ୍ୟା ଭୋଗି ଆସୁଛନ୍ତି। ଅଜ୍ଞତା ହେତୁ ଏ ଅଞ୍ଚଳର ବହୁ ଆଦିବାସୀ ଓ ଦଳିତ ଶ୍ରେଣୀର ଲୋକେ ହାଇକୋର୍ଟରେ ମାମଲା ଲଢ଼ି ନପାରି ନିଜ ଅଧିକାର ହରାଉଛନ୍ତି। ଓଡ଼ିଶାର ଯେଉଁ ସବୁ ସହରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଛି, ଜୟପୁର ତୁଳନାରେ ସେଗୁଡ଼ିକ କଟକର ନିକଟରେ ରହିଛି। ଆଦିବାସୀ ଅଧ୍ୟୁଷିତ, ମାଓବାଦୀ ପ୍ରବଣ ତଥା ଗମନାଗମନ କ୍ଷେତ୍ରରେ ଅବହେଳିତ ଏବଂ ସାକ୍ଷରତା ଦୃଷ୍ଟିରୁ ପଛରେ ରହିଥିବା ଏହି ଅଞ୍ଚଳକୁ ପ୍ରାଧାନ୍ୟ ଦେଇ ଜୟପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବା ପାଇଁ ଦାବି ହେଉଛି।

**ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି**

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି ହୋଇ ଆସୁଛି। ଏହାକୁ ନେଇ ରାଜ୍ୟ ସରକାର ପାଲ କମିଶନ ଗଠନ କରିଥିଲେ। ଜଶଓନ୍ତ ସିଂଙ୍କ ରିପୋର୍ଟ ଅନୁସାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଥିବା ସମସ୍ତ ସର୍ତ୍ତ ପୂରଣ କରୁଛି ଜୟପୁର। ବେଞ୍ଚ ପାଇ ଆବଶ୍ୟକ ଥିବା ଭିତ୍ତିଭୂମି ଏଠାରେ ରହିଛି।

**ମିଳୁଛି ସର୍ବଦଳୀୟ ସମର୍ଥନ**

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ପ୍ରଥମେ ଜିଲା କଂଗ୍ରେସ କମିଟି ସମର୍ଥନ ଦେବା ପରେ ଭାଜପା, ବିଜେଡି, ବିଏସ୍‌ପି ଭଳି ସମସ୍ତ ରାଜନୈତିକ ଦଳ ମଧ ସମର୍ଥନ ଜଣାଇଛନ୍ତି। ଏହାସହ ୩୦ଟି ସଂଗଠନ ସମର୍ଥନ ପତ୍ର ମଧ ଦେଇଛନ୍ତି।

**ଆନ୍ଦୋଳନ ପାଇଁ କୋର୍ଟ ଅଚଳ**

ବେଞ୍ଚ ଦାବିରେ ଆଇନଜୀବୀ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ଯୋଗୁଁ ଜୟପୁରରେ ଥିବା ୧୫ରୁ ଅଧିକ କୋର୍ଟ ସହ ଜିଲାର ସମସ୍ତ କୋର୍ଟ ବନ୍ଦ ରହିଛି। ପ୍ରତ୍ୟେକ ମାସର ଶେଷ ୨ ଦିନ କୋର୍ଟ ବର୍ଜନ କରି ଧାରଣା ଦେଉଛନ୍ତି ଆଇନଜୀବୀ। ଗତ ୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିବା ବେଳେ ମଙ୍ଗଳବାର ଏହା ୧୪ ଦିନରେ ପହଞ୍ଚିଛି। ଧାରଣା ଓ କୋର୍ଟ ବର୍ଜନ ଚାଲିଥିବା ବେଳେ ୧୮ ତାରିଖ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ାରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି।

## ସମର୍ଥନ ଦେଲା କୃଷକ କଲ୍ୟାଣ ମଞ୍ଚ

କୁନ୍ଦୁରା,୧୭।୧୨(ଡି.ଏନ୍.ଏ.)

କୋରାପୁଟ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିବା ଜିଲା ଓକିଲ ସଂଘକୁ ସମର୍ଥନ କରିଥିବା କୋରାପୁଟ ଜିଲା କୃଷକ କଲ୍ୟାଣ ମଞ୍ଚ ସଭାପତି ମଦନମୋହନ ସାମନ୍ତରାୟ କହିଛନ୍ତି। ଗତ ଦିନରେ ଚାଷୀଙ୍କର ବିଭିନ୍ନ ସମସ୍ୟା ସମୟରେ ଓକିଲ ସଂଘ ଚାଷୀଙ୍କ ପାଖରେ ଛିଡ଼ାହୋଇ ଚାଷୀଙ୍କ ଦୁଃଖରେ ସହଭାଗୀ ହୋଇଥିବା ବେଳେ ମଙ୍ଗଳବାର ୧୨ଘଣ୍ଟିଆ ଧର୍ମଘଟକୁ ସମର୍ଥନ ଜଣାଇବା ସହ କୋରାପୁଟ ଜିଲାର ପ୍ରମୁଖ ସହର ଜୟପୁରଠାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନିମନ୍ତେ ଦାବି ଜଣାଇଛି। କୋରାପୁଟଠାରୁ କଟକ ଯିବା ନିମନ୍ତେ ଜଣେ ସାଧାରଣ ଲୋକଙ୍କୁ ୬୦୦ କିମି ଯିବାକୁ ପଡୁଥିବା ବେଳେ ଯାତାୟାତ ବାବଦକୁ ୨ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏଭଳି ବିଭିନ୍ନ ସମସ୍ୟାକୁ ନେଇ କୃଷକ କଲ୍ୟାଣ ମଞ୍ଚ ଧର୍ମଘଟକୁ ସମର୍ଥନ ଜଣାଇଛି।

## ସଂକ୍ଷେପରେ



### ୩୨ ଅଭିଯୋଗ ଶୁଣିଲେ ଜିଲାପାଳ

ବିଡିଓଙ୍କ ଉପରେ ଅସନ୍ତୋଷ

**ଦଶମନ୍ତପୁର,୧୭।୧୨(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ପ୍ରକଳ୍ପ ନିର୍ଦ୍ଦେଶକ ଏମ୍. ଅବଦୁଲ୍ ଅଖତାର ଏବଂ ଜିଲା ଆରକ୍ଷୀ ଅଧିକାରୀ କେ.ଭି. ସିଂ ଉପସ୍ଥିତ ଥିଲେ। ସାମୂହିକ ୧୮ ଏବଂ ବ୍ୟକ୍ତିଗତ ୧୪ଟି ଅଭିଯୋଗର ଶୁଣାଣି ହୋଇଛି। ପୂର୍ବରୁ ପ୍ରତ୍ୟେକ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ବହୁ ସଂଖ୍ୟାରେ ଅଭିଯୋଗ ଆସୁଥିବାବେଳେ ସୋମବାର ୩୨ଟି ଆସିଥିଲା। ଏନେଇ ଜିଲାପାଳ ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ଅଭିଯୋଗ ଶୁଣାଣି ନେଇ ସଚେତନତା ସୃଷ୍ଟି କରାଯାଇ ନାହିଁ କି ବୋଲି ମଧ ପଚାରିଥିଲେ। ବିଡିଓ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାରୁ ଜିଲାପାଳ ତାଙ୍କୁ ତାଗିଦ୍ କରିଥିଲେ। ପୂର୍ବରୁ ବିଡିଓମାନେ ଗାଁ ଗାଁରେ ଏହି ଅଭିଯୋଗ ଶୁଣାଣି ନେଇ ଜନସାଧାରଣଙ୍କୁ ସୂଚନା ଦେଉଥିବାବେଳେ ବର୍ତ୍ତମାନ ଏଥିରେ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହୋଇଛି। ତେବେ କୁନ୍ତେଶଠାରୁ ତୋୟାପୁଟ ରାସ୍ତା, ଗିର୍ଲିଗୁମ୍ମା ପଞ୍ଚାୟତ ଜଟିଆଗୁଡାସ୍ଥିତ ମୁରାନ୍ ଡ୍ୟାମ୍‌ରେ ନୂତନ ପୋଲ ନିର୍ମାଣ, ମାଳିବିଶାଳି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପର୍ଶୁରାମ ନାୟକଙ୍କୁ ଅନ୍ୟତ୍ର ବଦଳି ପାଇଁ ଗ୍ରାମବାସୀ ଓ ଅଭିଭାବକମାନେ ଜିଲାପାଳଙ୍କୁ ଜଣାଇଥିଲେ। ଜାନୁୟାରୀ ସୁଦ୍ଧା ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଚକ୍ରବର୍ତ୍ତୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଥିବାବେଳେ ଏବିଡିଓ ରଜନୀକାନ୍ତ ଦାଶ ପରିଚାଳନା କରିଥିଲେ।

### ବିଜ୍ଞାନ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ କ୍ରୀଡ଼ା



**ଜୟପୁର,୧୭।୧୨(ଡି.ଏନ୍.ଏ.):** ଜୟପୁରସ୍ଥିତ ବିଜ୍ଞାନ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ରବିବାର ଘୋଡ଼ାଶାଳ ପଡ଼ିଆରେ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଅନୁଷ୍ଠିତ ଏହି କ୍ରୀଡ଼ାକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା କ୍ରୀଡ଼ାସଂଘର ଉପସଭାପତି ରବି ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ କୁନି କୁନି ଛାତ୍ରୀଛାତ୍ରଙ୍କ ଦୌଡ଼, ଲେମ୍ବୁ ଚାମଚ, ଦୌଡ଼ଡିଆଁ, ବସ୍ତାଦୌଡ଼, ବେଙ୍ଗ ଡିଆଁ ଖେଳାଯାଇଥିଲା। ପରିଚାଳନା କମିଟି ସଭାପତି ପ୍ରକାଶ ନାୟକ ଓ ସଂପାଦକ ପ୍ରଭାକର ପ୍ରଧାନ ଏଥିରେ ଉପସ୍ଥିତ ଥିଲେ। ଅଧକ୍ଷ ବିଶ୍ୱରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଓ ଶିକ୍ଷକ କ୍ରୀଡ଼ା ପରିଚାଳନା କରିଥିଲେ।

### ପତଞ୍ଜଳି ଯୋଗ ସମିତି ବୈଠକ



**ଜୟପୁର,୧୭।୧୨(ଡି.ଏନ୍.ଏ.):** ଜୟପୁରସ୍ଥିତ ବାବା ସାହେବ କଲ୍ୟାଣ ମଣ୍ଡପରେ ରବିବାର ପତଞ୍ଜଳି ଯୋଗ ସମିତି ପକ୍ଷରୁ ଏକ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲା ପ୍ରଭାରୀ ଅମ୍ବିକା ପ୍ରସାଦ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହରିଦ୍ୱାରରୁ କେନ୍ଦ୍ରିୟ ମାର୍ଗଦର୍ଶକ ଓମ୍‌ଦେବ ଜୀ ମହାରାଜ ଯୋଗଦେଇ ସମିତିର ଲକ୍ଷ୍ୟ ହେଉଛି ଦେଶକୁ ସମୃଦ୍ଧ ଓ ସଂସ୍କାରୀ ଭାବେ ଗଢ଼ିବା। ଏଥିପାଇଁ ସୁସ୍ଥ ମସ୍ତିଷ୍କ ଏବଂ ଶରୀର ଆବଶ୍ୟକ। ଯୋଗ ସାଧନା ଦ୍ୱାରା ହିଁ ଏହା ସମ୍ଭବ। ଅନ୍ୟମାନଙ୍କ ମଧରେ ଜିଲା ମହିଳା ପ୍ରଭାରୀ ଜାନକୀ ପାଣିଗ୍ରାହୀ, ଯୁବ ପ୍ରଭାରୀ ଦିନେଶ ପଣ୍ଡା, କିଶାନ ପ୍ରଭାରୀ, ମଦନ ମୋହନ ନାୟକ, ପୃଷ୍ଠପୋଷକ ଗୁରୁମୂର୍ତ୍ତି ମହାନ୍ତି, ଭାରତ ସ୍ୱାଭିମାନ ନ୍ୟାସର ଜିଲା ମୁଖ୍ୟ ହରିହର କରସୁଧା ପଟ୍ଟନାୟକ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ଦୋରା ସ୍ୱାଗତ କରିଥିବା ବେଳେ ଶେଷରେ ଯୁଧିଷ୍ଠିର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ବାବା ଓମ୍‌ଦେବ ଜୀ ଯୋଗ ପ୍ରଶିକ୍ଷଣ ଦେଇଥିବା ବେଳେ ସନ୍ଧ୍ୟାରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା।

# ରାଜସ୍ୱ ଅମଲା ସଂଘ ବୈଠକ




ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

କୋରାପୁଟ,୧୭।୧୨(ସ୍ୱ.ପ୍ର.)

ଓଡ଼ିଶା ରାଜସ୍ୱ ଅମଲା ସଂଘ କୋରାପୁଟର ସାଧାରଣ ସଦସ୍ୟ ବୈଠକ ରବିବାର ସ୍ଥାନୀୟ ଦକ୍ଷତା ବୃଦ୍ଧି କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଏଥିରେ ସଂଘର ୩ଟି ପ୍ରମୁଖ ଦାବି ଉପରେ ଆଲୋଚନା କରାଯାଇଛି। କୋରାପୁଟ ସଂଘ ସଭାପତି କାହ୍ନୁ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ କହିଥିଲେ, ଅମଲାମାନଙ୍କ ବିଭିନ୍ନ ଦାବି ଯଥାର୍ଥ। ରାଜ୍ୟ ସରକାରଙ୍କୁ ଦାବି ସମ୍ପର୍କରେ ଅବଗତ କରାଇବି। ବୈଠକରେ ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ରାଜ୍ୟ ଶୃଙ୍ଖଳା କମିଟି ଅଧକ୍ଷ ପ୍ରସନ୍ନ ନାୟକ, ନବରଙ୍ଗପୁର ଜିଲା ସଭାପତି କୈଳାସ ଦାସ, ସଂପାଦକ ତ୍ରିଲୋଚନ ସାହୁ, ରାୟଗଡ଼ା ଜିଲା ସଭାପତି ମନୋଜ ରଥ, ସଂପାଦକ ସହସ୍ରନାମ ପାଠି ଉପସ୍ଥିତ ଥିଲେ। ସରକାରୀ ବାସଗୃହ ଆବଣ୍ଟନ ରାଜସ୍ୱ ବିଭାଗକୁ ଦେବା, ବେଆଇନ ଭାବେ ରହୁଥିବା ଅନ୍ୟ ବିଭାଗ କର୍ମଚାରୀଙ୍କୁ ହଟାଇବା, ବ୍ଲକ ଓ ଉପଖଣ୍ଡ ସ୍ତରରେ ପଡ଼ିଥିବା ସିସିଆରଗୁଡ଼ିକୁ ପ୍ରତିବର୍ଷ ଏପ୍ରିଲ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କୁ ପଠାଇବା, ଦୁର୍ଗମ ଅଞ୍ଚଳରେ ବହୁଦିନ ଧରି ରହୁଥିବା କର୍ମଚାରୀଙ୍କୁ ବଦଳି ଉପରେ ଆଲୋଚନା ହୋଇଥିଲା। ଜିଲା ସଂପାଦକ ନିତ୍ୟାନନ୍ଦ ଭଦ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନ୍ତର୍ଜାତୀୟ ଭ୍ରାତୃତ୍ୱ ଶିବିର ଉଦ୍‌ଯାପିତ

■ ଦକ୍ଷିଣ ଓଡ଼ିଶା ସ୍ୱେଚ୍ଛାସେବୀଙ୍କୁ ପ୍ରଶଂସା

ସେମିଳିଗୁଡ଼ା,୧୭।୧୨(ସ୍ୱ.ପ୍ର.)

ପଞ୍ଜାବର ସୁଲତାନପୁରରେ ଜାତୀୟ ଯୁବ ଯୋଜନା ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସଦିଚ୍ଛା ଏବଂ ଭ୍ରାତୃତ୍ୱ ଶିବିରରେ ଦକ୍ଷିଣ ଓଡ଼ିଶା ଯୁବ ସ୍ୱେଚ୍ଛସେବୀ ଅଂଶଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଝାନ୍‌ସୀ ସିଂହଙ୍କ ନେତୃତ୍ୱରେ ଅବିଭକ୍ତ କୋରାପୁଟ ଜିଲାର ୩୨ ଜଣ ସ୍ୱେଚ୍ଛାସେବୀ ଉକ୍ତ ଶିବିରରେ ଯୋଗ ଦେଇଥିଲେ। ଗାନ୍ଧୀବାଦୀ ନେତା ଏସ୍‌ଏନ୍ ସୁବାରାଓ ଏନ୍‌ଏସ୍‌ଏସ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ଗୀତ, ଯୋଗ, ପ୍ରାଣାୟାମରୁ ଆରମ୍ଭ ହୋଇ ପରେ ବିଭିନ୍ନ ଦେଶର ସଂଗୀତ ଗାନ, ସ୍ୱଚ୍ଛତା, ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁ ନାନକଙ୍କ ଜନ୍ମବାର୍ଷିକୀ ମଧ ପାଳିତ ହୋଇଛି। ଏଥିରେ ଢେ଼ମ୍‌ସା ନୃତ୍ୟ, କଳିଙ୍ଗ ନୃତ୍ୟ ପରିବେଷଣ ହୋଇଥିଲା। ଶିବିରର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏସ୍‌ପିଏସ୍ ଓବରାଇ ଯୋଗଦେଇ ଭାରତୀୟ ସୈନିକଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ଝାନ୍‌ସୀ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅଧ୍ୟାପକ ପ୍ରକାଶ ପ୍ରଧାନ, ସୌମ୍ୟରଞ୍ଜନ ସ୍ୱାଇଁ, ସୁରେଶ ପାଇକରାୟ, ଶ୍ରୀଚନ୍ଦ୍ର ମାଢ଼ି, ଅମନ ହନ୍ତାଳ, କୋରାପୁଟ ଯୁବ ସଂଘ ସଭାପତି ରାଜେଶ ଯାଦବଙ୍କ ସମେତ ୬ ଜଣ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।




ଅନ୍ତର୍ଜାତୀୟ ଭ୍ରାତୃତ୍ୱ ଶିବିରରେ ଯୋଗଦେଇଥିବା ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଖଳାରେ ପଡ଼ିଛି ଧାନ, ଡରାଉଛି ବର୍ଷା

**ପେଥାଇ ପ୍ରଭାବ**

କୋରାପୁଟ/ନନ୍ଦପୁର, ୧୭।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ପେଥାଇ ପ୍ରଭାବରେ ସୋମବାର ଅପରାହ୍ନରୁ କୋରାପୁଟ ଜିଲାରେ ବର୍ଷାର ପରିମାଣ ବୃଦ୍ଧି ପାଇଛି। ଜିଲାରେ ମୋଟ ୨୪୭.୪ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ସୂଚନା ଦେଇଛି। ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁସାରେ କୋରାପୁଟ ବ୍ଲକରେ ୧୫.୨ ମିମି ବର୍ଷା ହୋଇଥିବାବେଳେ ଲମତାପୁଟରେ ୧୭, ପଟ୍ଟାଙ୍ଗିରେ ୪୭, ବନ୍ଧୁଗାଁରେ ୧୦.୨, ନନ୍ଦପୁରରେ ୨୪.୫, ଦଶମନ୍ତପୁରରେ ୩, ନାରାୟଣପାଟଣାରେ ୫୧.୪, ଲକ୍ଷ୍ମୀପୁରରେ ୩୦.୨, ସେମିଳିଗୁଡ଼ାରେ ୧୨.୬, ଜୟପୁରରେ ୧୦.୨, କୋଟପାଡ଼ରେ ୭.୩, କୁନ୍ଦୁରାରେ ୪, ବୋରିଗୁମ୍ମାରେ ୬.୮ ଓ ବୈପାରିଗୁଡ଼ାରେ ୮ ମିମି ବର୍ଷା ରେକର୍ଡ଼ ହୋଇଛି। ପେଥାଇ ପାଇଁ ଜିଲାର ସମସ୍ତ ତହସିଲଦାର, ବିଡିଓ ଓ ଯୋଗାଣ ଅଧିକାରୀଙ୍କୁ ସର୍ତକ ରହିବା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିବା ଜିଲା ଜରୁରିକାଳୀନ ଅଧିକାରୀ ଦେବବ୍ରତ କରାଟି କହିଛନ୍ତି। ଜିଲାର କେତେକ ସ୍ଥାନରେ ଚାଷୀ ଧାନ କାଟି ଖଳାରେ ଘୋଡ଼ାଇ ରଖିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଧାନ କଟା ନହୋଇ ଜମିରେ ରହିଛି। ଅନ୍ୟପକ୍ଷରେ ଏହି ଅଦିନିଆ ବର୍ଷା ଜିଲାର ପନିପରିବା ଚାଷ ଉପରେ ପ୍ରଭାବ ପକାଇଛି। ବର୍ଷା ଯୋଗୁଁ କୋରାପୁଟ ବସ୍‌ଷ୍ଟାଣ୍ଡରେ ଶତାଧିକ ଯାତ୍ରୀ ଅସୁବିଧା ଭୋଗିଛନ୍ତି। ଲଘୁଚାପ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ଚାଷୀମାନେ ଖଳାରେ ଧାନ ଗଦାକରି ମୁଣ୍ଡରେ ହାତଦେଇ ବସିଛନ୍ତି। ନନ୍ଦପୁର ବ୍ଲକର ଚାଷୀଙ୍କ ଧାନ ଖଳାରେ ଗଦା ହୋଇଛି। ବର୍ଷା ଆଉ କିଛି ଦିନ ଲାଗି ରହିଲେ ଧାନରେ ପାଣି ଲାଗିବାର ଆଶଙ୍କା ରହିଛି। ଏହାଦ୍ୱାରା ଧାନ ନଷ୍ଟ ମଧ ହୋଇପାରେ। ବର୍ଷା ସାଙ୍ଗକୁ ଥଣ୍ଡାପାଗ ଯୋଗୁଁ ଲୋକେ ଘରୁ ପଦାକୁ ବାହାରୁ ନାହାନ୍ତି। ବିଦ୍ୟୁତ ବିଭ୍ରାଟ ଯୋଗୁଁ ନନ୍ଦପୁର ଅଞ୍ଚଳର ଅନେକ ଗାଁ ଅନ୍ଧାରରେ ରହିଛି।



## ଚାଷୀଙ୍କୁ ଘାରିଲା ଫସଲ ଚିନ୍ତା

ସେମିଳିଗୁଡ଼ା,୧୭।୧୨(ସ୍ୱ.ପ୍ର.)

ବାତ୍ୟା ପେଥାଇ ପ୍ରଭାବରେ କୋହଲା ପାଗ ସହିତ ବର୍ଷା ଅଞ୍ଚଳବାସୀଙ୍କୁ ଛାନିଆ କରିଛି। ଖଳାରେ ଫସଲ ଥୋଇଥିବା ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ସେମିଳିଗୁଡ଼ା ବ୍ଲକର ୧୭ ଟି ପଞ୍ଚାୟତରେ ଚାଷୀଙ୍କ ଧାନ ଖଳାରେ ଗଦା ହୋଇ ରହିଛି। ପ୍ରଶାସନ ତରଫରୁ ଠିକ୍ ସମୟରେ ଧାନ କିଣା ଯାଇ ନ ଥିବାରୁ ଅମଳ କରି ଧାନ ଖଳାରେ ରଖିଛନ୍ତି ଚାଷୀ। ବର୍ଷା ମାତ୍ରା ଅଧିକ ହେଲେ ବର୍ଷକର ପରିଶ୍ରମ ପାଣିରେ ଭାସିଯିବା ଆଶଙ୍କାରେ ଅଛନ୍ତି ଚାଷୀ। ପୂର୍ବରୁ ତିତ୍‌ଲି ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାବେଳେ ଏବେ ପେଥାଇ ପୁଣି ଚାଷୀଙ୍କ ମୁଣ୍ଡରେ ଛନକା ଭରିଛି। ସେମିଳିଗୁଡ଼ା ଅଞ୍ଚଳରେ ପ୍ରଶାସନ ତରଫରୁ ଡାକବାଜି ଯନ୍ତ୍ର ସହାୟତାରେ ଚାଷୀଙ୍କୁ ସୂଚନା ଦିଆଯାଇ ନାହିଁ। ଏହାସହ ଧାନ ଘୋଡାଇବା ପାଇଁ କୌଣସି ସହାୟତା ଦିଆଯାଇ ନ ଥିବା ଚାଷୀମାନେ କହିଛନ୍ତି। ଦୁଧାରୀ ଖୁଡ଼ି, ସୋରିଷ ପଦର, ପାଖଜଳା, ଦଳେଇଗୁଡ଼ା ଅଞ୍ଚଳରେ ଚାଷୀ କୁଇଣ୍ଟାଲ କୁଇଣ୍ଟାଲ ଧାନ ଖଳାରେ ରଖିଛନ୍ତି।

# ୩ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ: ୩୭ଜଣଙ୍କୁ ମଧୁବାବୁ ଭତ୍ତା

ସେମିଳିଗୁଡ଼ା,୧୭।୧୨(ସ୍ୱ.ପ୍ର. )

ସେମିଳିଗୁଡ଼ା ବ୍ଲକ୍ ସୋରିଷ ପଦର, ରେଙ୍ଗା, ପିତାଗୁଡ଼ା ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଛି। ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ଟାକ୍ରି ସରକାରଙ୍କ ନିରାମୟ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ରେଙ୍ଗା ସରପଞ୍ଚ ପ୍ରତିମା ଜାନି ସରକାରଙ୍କ କଲ୍ୟାଣକାରୀ ଯୋଜନା ବିଷୟରେ କହିଥିଲେ। ମା' ତୁଳସୀ ଏସଏଚ୍‌ଜି ୫ ଶହ ପିଠା ଲୋକଙ୍କୁ ଖୁଆଇଥିଲେ। ଆଇସିଡିଏସ୍‌ର ସୁଶୀଳା ଦାସ, ସୁକାନ୍ତି ମହାପାତ୍ର, ସୋରିଷ ପଦର ବ୍ଲକ୍ ଅଧକ୍ଷ ଦିନେଶ ଖରା, ଜିପିଓ ମିସଙ୍ଗ ଏବଂ ସେମିଳିଗୁଡ଼ା ସିଡିପିଓ ସ୍ନେହାଙ୍ଗିନୀ ସୋରେନ୍, ଦଳେଇଗୁଡ଼ା, ସୋରିଷ ପଦର ପିଇଓ ଉପସ୍ଥିତ ଥିଲେ। ୩୭ ଜଣଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ମା' ମୌଳି ଏସ୍‌ଏଚ୍‌ଜି ୫ଶହ, ବହିନୀ ଏସ୍‌ଏଚ୍‌ଜି ୧୫୦ ଏବଂ ନିଶାଣିମୁଣ୍ଡା ପିଠା ପ୍ରସ୍ତୁତି କରିଥିଲା। ପିତାଗୁଡ଼ାରେ ପିଠା କାର୍ଯ୍ୟକ୍ରମରେ ବିଡିଓ ତ୍ରିନାଥ ମାଝି, ପିଇଓ କିଶୋର ମିଶ୍ର, ସରପଞ୍ଚ ଗୀତାଞ୍ଜଳି ଚପାଡ଼ି ଯୋଗ ଦେଇଥିଲେ।



ସେମିଳିଗୁଡ଼ା ଅଞ୍ଚଳରେ ଆୟୋଜିତ ପିଠା କାର୍ଯ୍ୟକ୍ରମରେ ଲୋକମାନଙ୍କୁ ପିଠା ବଣ୍ଟନ କରାଯାଉଛି।

## ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

ଜୟପୁର,୧୭।୧୨(ଡି.ଏନ୍.ଏ.)

ପେଥାଇ ପ୍ରଭାବରେ ସୋମବାର ଜୟପୁର ସହରରେ ବର୍ଷା ସହ ପ୍ରବଳ ଥଣ୍ଡା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମଧ୍ୟାହ୍ନରେ ସହର ଓ ଆଖପାଖ ଅଞ୍ଚଳର ତାପମାତ୍ରା ୧୪.୫ ଡିଗ୍ରୀ ରହିଥିଲା। ରାତିରେ ୫ ଡିଗ୍ରୀକୁ ଖସିବା ଆଶଙ୍କା ରହିଛି। ବ୍ୟସ୍ତବହୁଳ ଜୟପୁର ସହରର ମୁଖ୍ୟରାସ୍ତା ଶୂନଶାନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ମଧ କମ୍ ରହିଛି।

# ବିନା ଯାଞ୍ଚରେ ଉଠିଲା ଧାନ

## ଆରଏମ୍‌ସିର ଅବ୍ୟବସ୍ଥା ମୁଖ୍ୟ କାରଣ

ଜୟପୁର,୧୭।୧୨(ଡି.ଏନ୍.ଏ.)

କୋରାପୁଟ ଜିଲାରେ ପଡ଼ିରହିଥିବା ହଜାର ହଜାର କୁଇଣ୍ଟାଲ ଧାନକୁ ରବିବାର ଯୁଦ୍ଧକାଳୀନ ଭିତ୍ତିରେ କିଣାଯାଇ ମଣ୍ଡିରୁ ଉଠାଯାଇଛି। ବିଭିନ୍ନ ମଣ୍ଡିରେ ଭିତ୍ତିଭୂମିର ଅଭାବ ଯୋଗୁଁ ଧାନ ଘୂର୍ଣ୍ଣିବାତ୍ୟା ଜନିତ ବର୍ଷାରେ ନଷ୍ଟ ହେବା ଆଶଙ୍କା ରହିଥିଲା। ଆଞ୍ଚଳିକ ବଜାର କମିଟି (ଆରଏମ୍‌ସି) ଭିତ୍ତିଭୂମିର ଦାୟିତ୍ୱରେ ଥିବା ସହ ଖରିଫ ଓ ରବି ଅମଳ ଧାନ ବିକ୍ରି ପାଇଁ ମଣ୍ଡି ପରିଚାଳନା ଲାଗି କୋଟି କୋଟି ଟଙ୍କା ଆୟ କରୁଛି। କିନ୍ତୁ ଏହାସତ୍ତ୍ୱେ ମଣ୍ଡିର ଭିତ୍ତିଭୂମି ପାଇଁ କୌଣସି ସୁବ୍ୟବସ୍ଥା କରୁ ନଥିବା ଯୋଗୁଁ ମଣ୍ଡିରେ ବିକ୍ରି ନିମନ୍ତେ ଆସିଥିବା ଚାଷୀଙ୍କ ଧାନ ପଡ଼ିରହିଥିଲା। ଏହା ପ୍ରଶାସନର ମଣ୍ଡବ୍ୟଥା ସାଜିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନିକ ଅଧିକାରୀ ଓ ଯୋଗାଣ ବିଭାଗ ଅଧିକାରୀ ମିଲ ମାଲିକଙ୍କୁ ତୁରନ୍ତ ମଣ୍ଡିରେ ପଡ଼ିରହିଥିବା ଧାନ କଷ୍ଟମ ମିଲିଂ ନିମନ୍ତେ ଉଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ଧାନଗୁଡ଼ିକର ଯାଞ୍ଚ କିମ୍ବା ଉଳେଇ କରାଯାଇ ନଥିଲା। ଶେଷରେ ମିଲର୍ସଙ୍କ ପକ୍ଷରୁ ପ୍ରଶାସନର ନିର୍ଦ୍ଦେଶ ମାନି ବିନା ଯାଞ୍ଚରେ ତରବରିଆ ଭାବେ ବିଭିନ୍ନ ଟ୍ରକ, ପିକ୍‌ଅପ୍ ଭ୍ୟାନ୍‌ରେ ଧାନ ଉଠାଇବା ବ୍ୟବସ୍ଥା କରାଯାଇଥିଲା। ରବିବାର ମଣ୍ଡି ଛୁଟି ଥିଲେ ମଧ ପୂର୍ବରୁ ବିକ୍ରି ପାଇଁ ଆସିଥିବା ଧାନ ଉଠାଯାଇଥିଲା। ବୋରିଗୁମ୍ମା ବ୍ଲକ କାଠରଗଡ଼ା, କୁମୁଲି, ତରାଭଙ୍ଗା, କୁନ୍ଦୁରା ବ୍ଲକର ଡଙ୍ଗରଛିଞ୍ଚି, ବୈପାରୀଗୁଡ଼ା ଓ ଜୟପୁର ବ୍ଲକର ବିଭିନ୍ନ ମଣ୍ଡିରୁ ୪୦ ହଜାର କୁଇଣ୍ଟାଲ ଧାନକୁ ଜୟପୁର, ବୋରିଗୁମ୍ମାରେ ରହିଥିବା ମିଲ ପକ୍ଷରୁ ଗୋଟିଏ ଦିନରେ ଉଠାଯାଇଛି। ସେହିପରି ମଣ୍ଡିର ଭିତ୍ତିଭୂମି ପାଇଁ ଆରଏମ୍‌ସି ଧାନ କ୍ରୟର ୨ ପ୍ରତିଶତ ଭାବେ କୋଟି କୋଟି ଟଙ୍କା ବାର୍ଷିକ ଆୟ କରିଥିଲେ ସୁଦ୍ଧା ଧାନ ଘୋଡ଼ାଇବାକୁ ପଲିଥିନ୍ ବ୍ୟବସ୍ଥା ସୁଦ୍ଧା କରାଯାଇ ନଥିଲା। ଚାଷୀମାନେ ପଲିଥିନ କିଣି ଧାନ ଘୋଡ଼ାଇଥିଲେ। ସେହିପରି ଆରଏମ୍‌ସି ପକ୍ଷରୁ କଙ୍କ୍ରିଟ୍ ପିଣ୍ଡି ଏବଂ ଛାତର ବ୍ୟବସ୍ଥା କରାଯାଇ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

# ସୁବର୍ଣ୍ଣ ଜୟନ୍ତୀ ପାଳିଲା କାକିରିଗୁମ୍ମା ହାଇସ୍କୁଲ



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିମାନେ।



ବିଦ୍ୟାଳୟର ଛାତ୍ରୀଛାତ୍ର ଓ ପୂର୍ବତନ ଛାତ୍ରୀଛାତ୍ର ମଶାଲ ନେଇ ଗ୍ରାମ ପରିକ୍ରମା କରୁଛନ୍ତି।

ଲକ୍ଷ୍ମୀପୁର,୧୭।୧୨

ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଉଚ୍ଚବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଡିସେମ୍ବର ୧୬ ଓ ୧୭ ତାରିଖ ପାଳିତ ହୋଇଛି। ମା' ବଡ଼ଦେବତା, ଠାକୁରାଣୀ ଏବଂ ବାଲିଦେବତା ମନ୍ଦିରରେ ପୂଜାର୍ଚ୍ଚନା ପରେ ଛାତ୍ରୀଛାତ୍ର ଏବଂ ପୂର୍ବତନ ଛାତ୍ରୀଛାତ୍ର ମଶାଲ ନେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ବିଦ୍ୟାଳୟର ପ୍ରଥମ ସଭାପତି ସଦାଶିବ ବିଶୋଇ ଉକ୍ତ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ଚାରୋଟି ପର୍ଯ୍ୟାୟରେ ଅତିଥି ଭାବେ ବିଦ୍ୟାଳୟ ସଭାପତି ମୀନକେତନ ନାୟକ, ପୂର୍ବତନ ପ୍ରଧାନଶିକ୍ଷକ ଡାଳବନ୍ଧୁ ମହାକୁଡ଼ ଏବଂ ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବିଶୋଇ ମଞ୍ଚାସୀନ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ତଥା ଏହି ବିଦ୍ୟାଳୟର ପୂର୍ବତନ ଛାତ୍ର ଭାସ୍କର ଚନ୍ଦ୍ର ଦୁରୁକ ପିଲାମାନଙ୍କୁ ଗଠନମୂଳକ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ବିଦ୍ୟାଳୟର ସ୍ମରଣିକା 'କାକରଶ୍ରୀ' ଉନ୍ମୋଚିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଏବଂ ଗବେଷକ ଡକ୍ଟର ପ୍ରଦୀପ ମିଶ୍ର, ସାହିତ୍ୟିକ ଡକ୍ଟର ଅଜାମ୍ବର ମଲ୍ଲ, ନନ୍ଦପୁର ମହାବିଦ୍ୟାଳୟ ଅଧ୍ୟାପକ ରବି ଶତପଥୀ, ଲକ୍ଷ୍ମୀପୁର ମହାବିଦ୍ୟାଳୟ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ସେନାପତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷକ, ପୂର୍ବତନ ଛାତ୍ରୀଛାତ୍ର, ୫୦ ବର୍ଷରେ ବିଦ୍ୟାଳୟ ପ୍ରତି ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ତଥା ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ଦୁରୁକ ଏବଂ ଡାକ୍ତର ଗୋପାଳ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୧୯୬୮ରୁ ୨୦୧୮ ପର୍ଯ୍ୟନ୍ତ ୫୦ ବର୍ଷ ମଧରେ ଛାତ୍ରୀଛାତ୍ର, ଶିକ୍ଷକଙ୍କୁ ନେଇ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗୀୟ ସଭାସୁନ୍ଦର ନାୟକଙ୍କୁ ସ୍ମରଣ କରାଯାଇଥିଲା। କୋଣାର୍କ ନାଟ୍ୟକଳା ପରିଷଦର ଓଡ଼ିଶୀ ନୃତ୍ୟ ଏବଂ ଭୁବନେଶ୍ୱରର ନିଉ ଡିଭାଇନ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ସଭାସ୍ଥଳ ଦୁଲୁକି ଉଠିଥିଲା। ବିଦ୍ୟାଳୟର ପୂର୍ବତନ ଛାତ୍ର ହେମନ୍ତ କୁମାର ବିଶୋଇ, ସଞ୍ଜୀବ କୁମାର ବିଶୋଇ ଓ କାଞ୍ଚନବାଳା ସାହୁ ମଞ୍ଚ ପରିଚାଳନା କରିଥିଲେ।

ଧରିତ୍ରୀ Exam Mate
Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 2

## CLASS-X (SOCIAL SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

1. ***The question paper has 28 questions in all. All questions are compulsory.***
2. ***Questions from serial number 1 to 7 are very short answer questions. Each question carries one mark.***
3. ***Questions from serial number 8 to 18 are 3 marks questions. Answer of these questions should not exceed 80 words each.***
4. ***Questions from serial number 19 to 25 are 5 marks questions. Answer of these questions should not exceed 100 words each.***
5. ***Questions 26 and 27,28 are map questions of 2 and 3 marks from History and Geography.***
6. ***After completion, attach the maps inside your answer book.***

1. What are Chawls ?

**OR**

How did Britain use "Trade surpluses" with India ?

2. Name the conference held in 1944 in New Hampshire in the U.S.

**OR**

What is 'Rinderpest' ?

3. What is dam ?
4. What is the meaning of democracy ?
5. What does the concept of patriarchy refer to ?
6. Define the term Infant Mortality Rate.
7. What does life expectancy at birth denote ?
8. Explain the concept of garden city. Who developed this system in London ?

**OR**

Explain the contribution of Munshi Prem Chand in the field of novel.

9. Why did French policy makers wanted to educate the people of Vietnam ? Explain.

**OR**

Why was a conflict started in Vietnam against French colonizers in all areas of life ? Explain.

10. Multi-purpose projects and large dams have faced resistance from people. What are the causes of the resistance ?
11. What type of soil is found in the river deltas of the eastern coast ? Give main features of this type of soil.
12. How do pressure groups and movements influence politics ? Explain with examples.
13. "No party system is ideal for all countries and in all situations." Analyze the statement.
14. Explain three major challenges before the countries of the world regarding democracy.
15. Explain why primary sector is also known as agriculture and related sector with examples.
16. Describe any three public facilities needed for the development.
17. Mention a few factors which cause exploitation of consumers.
18. Explain the limitations of using Average Income in measuring the development of a nation.
19. What were the effects of the spread of print culture for poor people in the 19th century of India.

**OR**

Write a short note on the development of Print in India between mid 16th and 19th centuries.

**OR**

Explain any five usage that the novels served in India.

20. Describe the role of industrialization in shaping the modern cities in England.

**OR**

What problems were faced by Indian cotton weavers in 19th century ? Describe.

21. Explain any four merits of pipeline transport in India.
22. Explain four points of importance of industries.

**OR**

Explain measures to control industrial pollution in India.

23. "Democratic government is legitimate government". Support the statement with arguments.
24. Explain any five features of federalism.

**OR**

Why was federalism succeeded in India ? What policies adopted by India has ensured this success ?

25. How is Government of India trying to attract more foreign investment ? Explain with examples.

**OR**

Describe the major problems created by the globalization for a large number of small producers and workers.

26. Locate and label the following on the given political map of India.

The place where no-tax campaign took place.

27. Locate and label the following on the given political map of India.

Kheda where the peasant Satyagraha took place.


28. Locate and label the following on the given political map of India:

(a) Raja Sansi International Airport.

(b) Bhakra Nangal Dam

(c) Bokaro Steel Plant.

**Map for Q. No. 26, 27 and 28**




Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

ଫ୍ୟାଶନ

# ଉଲେନ୍ କୁର୍ତ୍ତି

**ଶୀତଦିନେ ଉଲେନ୍ କୁର୍ତ୍ତିର କ୍ରେଜ୍ ଅଧିକ । ଏହାର ଷ୍ଟାଇଲ୍, କଲର ଏବଂ ଡିଜାଇନ୍‌ର ରହିଛି ବେଶ୍ ଡିମାଣ୍ଡ୍...**



■ଶୀତଦିନେ ପାର୍ଟି ଡ୍ରେସ୍ ଉପରେ ସ୍ୱେଟର କିମ୍ବା ଜ୍ୟାକେଟ୍ ପିନ୍ଧିଲେ ଆପଣଙ୍କ ଡ୍ରେସ ପଛରେ ଲୁଚି ଯାଇ ଲୁକ୍ ବିଗିଡ଼ିଯାଏ । ଏହି ଅସୁବିଧାକୁ ଦୂରେଇ ଦେଇଛି ଉଲେନ୍ କୁର୍ତ୍ତି । ଆପଣ ଚାହିଁଲେ କୌଣସି ପାର୍ଟିକୁ ବି ଏହାକୁ ପିନ୍ଧି ଯାଇପାରିବେ । ଥଣ୍ଡାରୁ ବର୍ତ୍ତିବା ସହ ଷ୍ଟାଇଲିସ୍ ବି ଲାଗିବେ ।

■ ଉଲେନ୍ କୁର୍ତ୍ତି ସହ ଉଲେନ୍ ପ୍ଲାଜୋ ଆପଣାନ୍ତୁ । ଏହି କମ୍ବିନେଶନ୍‌ର ବେଶି ଡିମାଣ୍ଡ୍ ରହିଛି । ବିଭିନ୍ନ କଲରର ଉଲେନ୍ ପ୍ଲାଜୋ ମିଳୁଛି । ଏହି କୁର୍ତ୍ତିଗୁଡ଼ିକୁ ଉଲେନ୍ ଲେଗିଙ୍ଗ୍‌ସ ଏବଂ ଉଲେନ୍ ସ୍କାର୍ଫ୍ ସହ ବି ପିନ୍ଧିପାରିବେ ।

■ ଏବେ ଉଲେନ୍ କୁର୍ତ୍ତି ଟେଲ୍ କଟ୍, ଅପ ଆଣ୍ଡ୍ ଡାଉନ୍, ଏ ଲାଇନ୍ ଏବଂ ଫ୍ରକ୍ ଷ୍ଟାଇଲ୍‌ର ମିଳୁଛି । କୁର୍ତ୍ତିର ଆଗ ଏବଂ ପଛରେ ଅଲଗା ଅଲଗା ପ୍ରିଣ୍ଟ୍ ତଥା ଡିଜାଇନର ବି ଡିମାଣ୍ଡ୍ ରହିଛି ।

■ ଷ୍ଟାଣ୍ଡ୍ କଲାର୍ ଏବଂ ଚାଇନିଜ୍ କଲାର୍‌ଠାରୁ ଆରମ୍ଭ କରି ମାର୍କେଟ୍‌ରେ ଡିଫରେଣ୍ଟ୍ ନେକ୍ ଡିଜାଇନ୍ ମଧ୍ୟ ମିଳୁଛି । ଜ୍ୟାକେଟ୍ ଷ୍ଟାଇଲ କୁର୍ତ୍ତିର କ୍ରେଜ୍ ବି ଅଧିକ ରହିଛି । କୁର୍ତ୍ତି ଉପରେ ଏପରି ଡିଜାଇନ୍ ବି ରହୁଛି ଯାହାକି ଜ୍ୟାକେଟ୍ ଭଳି ନଜର ଆସେ ।

ସୌନ୍ଦର୍ଯ୍ୟ

# ଶୀତଦିନେ ତ୍ୱଚାର ଯତ୍ନ



**ଶୀତଦିନେ ତ୍ୱଚା ଫାଟିବା ଏକ ସାଧାରଣ ସମସ୍ୟା । ଏଥିପାଇଁ ଏହି ଦିନେ ଏକ୍ସଟ୍ରା କେୟାର ନେବାକୁ ପଡ଼ିଥାଏ । ଜାଣନ୍ତୁ କିଛି ଘରୋଇ ଟିପ୍ସ ଯାହାଦ୍ୱାରା ତ୍ୱଚାକୁ ସୁସ୍ଥ ଓ କୋମଳ ରଖିପାରିବେ...**

❖ଶୀତଦିନେ ତ୍ୱଚା ଫାଟିଥାଏ । ଏଥିପାଇଁ ଭିଟାମିନ୍ ଇ ଯୁକ୍ତ ମଇଶ୍ଚରାଇଜର ଦିନକୁ ୩-୪ ଥର ଲଗାନ୍ତୁ ।

❖ଏହିଦିନେ ଅନେକେ ଗରମ ପାଣିରେ ଗାଧୋଇବାକୁ ପସନ୍ଦ କରନ୍ତି । ମାତ୍ର ଧ୍ୟାନ ରଖନ୍ତୁ ଯେପରି କି ପାଣି ହାଲ୍‌କା ଉଷୁମ ହୋଇଥିବ ନ ହେଲେ ତ୍ୱଚା ଡ୍ରାଏ ହୋଇଯାଏ ।

❖ସାବୁନ୍‌ର ବ୍ୟବହାର କମ୍ କରନ୍ତୁ । ତ୍ୱଚା ଡ୍ରାଏ ହୋଇଥିଲେ ସ୍କ୍ରବ୍ ବି କରନ୍ତୁ ନାହିଁ । କାରଣ ଏହାଦ୍ୱାରା ତ୍ୱଚାରେ ଥିବା ପୋର୍ସ ଖୋଲିଥାଏ ସତ କିନ୍ତୁ ତ୍ୱଚା ଅଧିକ ଡ୍ରାଏ ଦେଖାଯାଏ । ତୈଳାକ୍ତ ତ୍ୱଚା ହୋଇଥିଲେ ସ୍କ୍ରବ୍ କରନ୍ତୁ ।

❖ଥଣ୍ଡାରୁ ରକ୍ଷା ପାଇବା ପାଇଁ ଅନେକେ ସୂର୍ଯ୍ୟକିରଣରେ



ବସିଥାନ୍ତି । ଏହାଦ୍ୱାରା ତ୍ୱଚାରେ ଟ୍ୟାନିଂ ହୋଇଥାଏ । ତେଣୁ ଶୀତଦିନେ ବି ସନ୍‌ସ୍କ୍ରିନ୍‌ର ବ୍ୟବହାର କରିବାକୁ ଆଦୌ ଭୁଲନ୍ତୁ ନାହିଁ ।

❖ ପାଣି ପ୍ରଚୁର ମାତ୍ରାରେ ପିଅନ୍ତୁ । ଏହାଦ୍ୱାରା ତ୍ୱଚା ନମନୀୟ ହେବା ସହ ଗ୍ଲୋ ବି କରିବ ।

❖ ଗାଧୋଇବାର ୧ ଘଣ୍ଟା ପୂର୍ବରୁ ନଡ଼ିଆ ତେଲ ଲଗାନ୍ତୁ । ଦେଖିବେ ତ୍ୱଚା କୋମଳ ରହିବ ।

❖ ଗ୍ଲିସେରିନ୍, ଲେମ୍ବୁ ଏବଂ ୩-୪ ବୁନ୍ଦା ଗୋଲାପଜଳ ମିଶାଇ ରାତିରେ ଶୋଇବା ପୂର୍ବରୁ ତ୍ୱଚାରେ ଲଗାନ୍ତୁ । ସକାଳେ ହାଲ୍‌କା ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

❖ ଶୀତଦିନେ ଲେମ୍ବୁ ଏବଂ ଚିନି କିମ୍ବା ମହୁ ଏବଂ ଲେମ୍ବୁର ମିଶ୍ରଣକୁ ହାତରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ । କିଛିଦିନ ଏପରି କଲେ ଫରକ୍ ଅନୁଭବ କରିବେ ।

❖ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ । କମଳା, ଗାଜର, ପାଳଙ୍ଗ, ମେଥି ଆଦିକୁ ଖାଦ୍ୟରେ ସାମିଲ କରନ୍ତୁ । ଜୁସ୍ ପିଅନ୍ତୁ ।

## ଉଲ୍ କପଡ଼ାରୁ ଦାଗ ଛଡ଼ାଇବାକୁ ହେଲେ...

◆ଉଲ୍ କପଡ଼ାରେ ଦାଗ ଲାଗିଗଲେ ପାଣିରେ ଇଜି ପକାଇ କିଛି ସମୟ ବୁଡ଼ାଇ ରଖନ୍ତୁ । ପରେ ଏହାକୁ ଧୀରେ ଧୀରେ ରଗଡ଼ି ଛଡ଼ାନ୍ତୁ । ଧ୍ୟାନ ରଖନ୍ତୁ ଯେପରି କି ଏହା ଗରମ ପାଣି ହୋଇ ନ ଥିବ ।

◆ଉଲ୍ କପଡ଼ାରେ ଚା' କିମ୍ବା ପନିପରିବା ରସ ଲାଗିଗଲେ ତୁରନ୍ତ ସେହି ଜାଗାକୁ ପାଣିରେ ଧୋଇ ଦିଅନ୍ତୁ । ବ୍ୟସ୍ତତା ଭିତରେ ଥାଇ ସଫା କରି ନ ଥିଲେ ଏହା ଉପରେ କିଛି ପାଉଡର ଲଗାନ୍ତୁ । ଦେଖିବେ ପରେ ସଫା କଲାବେଳେ ଦାଗ ପୂରା ଛାଡ଼ିଯିବ ।



◆ଏହି କପଡ଼ାକୁ ଧୋଇବା ପୂର୍ବରୁ ଓଲଟାଇ ସଫା କଲେ ଏଥିରେ ବବ୍‌ଲିଂ ହୁଏ ନାହିଁ ।

◆କେବେ ବି ଅଧିକ ଷ୍ଟ୍ରଙ୍ଗ୍ ସାବୁନ ବା ସର୍ଫ ବ୍ୟବହାର କରନ୍ତୁ ନାହିଁ । ମାଇଲ୍ଡ୍ ଲିକ୍ୱିଡ ସୋପ୍ ଓ ସର୍ଫ ବ୍ୟବହାର କରନ୍ତୁ ।

◆ବେବି ଶାମ୍ପୋରେ ବି ଏହାକୁ ସଫା କରିପାରିବେ । କିନ୍ତୁ ଭୁଲ୍‌ରେ ଏହି କପଡ଼ାକୁ ଡ୍ରାୟର ଦିଅନ୍ତୁ ନାହିଁ ।

ଖାଦ୍ୟରୁଚି

## ପନିର ଭୁର୍ଜି ଗ୍ରେଭି



**ଆବଶ୍ୟକ ସାମଗ୍ରୀ:** ତିନି ଚାମଚ ତେଲ, ଗୋଟିଏ ତେଜପତ୍ର, ୨ଟି ଶୁଖିଲା ଲଙ୍କା, ୩ଟି ଲବଙ୍ଗ, ୧/୨ ଇଞ୍ଚ ଡାଲଚିନି, ୩ଟି ଗୋଲମରିଚ, ୧/୨ ଇଞ୍ଚ ଅଦା ଓ ୨ ପାଖୁଡ଼ା ରସୁଣର ପେଷ୍ଟ, ଗୋଟିଏ କଞ୍ଚା ଲଙ୍କା, ୩ଟି ଟମାଟୋ, ୨୦୦ ଗ୍ରାମ୍ ପନିର, ୧ ଚାମଚ ଜିରା, ୧/୨ କପ୍ କଟା ପିଆଜ, ୧ ଚାମଚ ଲଙ୍କାଗୁଣ୍ଡ, ୧ ଚାମଚ ଧନିଆ ଗୁଣ୍ଡ, ୧ ଚାମଚ ଜିରାଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ୧/୩ କପ୍ କଟା କ୍ୟାପ୍‌ସିକମ୍, ୨ ଚାମଚ କ୍ରିମ୍, ୧/୨ ଚାମଚ ଗରମ ମସଲା, ୧ ଚାମଚ କସ୍ତୁରି ମେଥି, ୨ ଚାମଚ ଧନିଆପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପ୍ୟାନ୍‌ରେ ତେଲ ଗରମ କରନ୍ତୁ । ଏଥିରେ ତେଜପତ୍ର, ଶୁଖିଲା ଲଙ୍କା, ଲବଙ୍ଗ, ଗୋଲମରିଚ, ଡାଲଚିନି ପକାନ୍ତୁ । ଏବେ ଛୋଟ ଛୋଟ କଟାଯାଇଥିବା କଞ୍ଚାଲଙ୍କା ଏବଂ ଅଦା ରସୁଣ ପେଷ୍ଟ ପକାନ୍ତୁ । କିଛି ସମୟ ପରେ କଟାଯାଇଥିବା ଟମାଟୋ ପକାନ୍ତୁ । ଟମାଟୋ ନରମ ହେବା ପରେ ଗ୍ୟାସ୍ ବନ୍ଦ କରନ୍ତୁ । ଏହା ଥଣ୍ଡା ହେବା ପରେ ଗ୍ରାଇଣ୍ଡରରେ ପେଷ୍ଟ ପ୍ରସ୍ତୁତ କରନ୍ତୁ । ପନିରକୁ ହାତରେ ଚକଟନ୍ତୁ । ତେଲ ଗରମ କରି ଜିରା ପକାନ୍ତୁ । ଏଥିରେ କଟାଯାଇଥିବା ପିଆଜ ପକାନ୍ତୁ । ପିଆଜ ଭାଜି ହୋଇଗଲେ ଗ୍ରାଇଣ୍ଡିଂ କରିଥିବା ଟମାଟୋ ପକାନ୍ତୁ । ଏଥିରେ ଲଙ୍କାଗୁଣ୍ଡ, ହଳଦୀ, ଧନିଆ ପାଉଡର, ଜିରା ପାଉଡର ଓ ସ୍ୱାଦ ଅନୁସାରେ ଲୁଣ ଗୋଳାଇ ଢାଙ୍କୁଣି ଦିଅନ୍ତୁ । କିଛି ସମୟ ପରେ ଏଥିରେ କ୍ୟାପ୍‌ସିକମ୍ ପକାନ୍ତୁ । ଏବେ ସାମାନ୍ୟ ପାଣି ପକାଇ ଫୁଟାନ୍ତୁ । ପରେ ଗରମ ମସଲା ଏବଂ କସ୍ତୁରି ମେଥି ପକାନ୍ତୁ । ଏବେ ପନିରକୁ ଏଥିରେ ମିଶାଇ ଗୋଳାନ୍ତୁ । ଏଥିରେ କ୍ରିମ୍ ମିଶାନ୍ତୁ । ଗ୍ୟାସ୍ ବନ୍ଦ କରି କଟା ଧନିଆ ପତ୍ର ପକାନ୍ତୁ । ପ୍ରସ୍ତୁତ ହୋଇଗଲା ପନିର ଭୁର୍ଜି । ଗରମ ଗରମ ଏହାକୁ ରୁଟି ସହ ପରଷନ୍ତୁ ।

DSPL-303
प्रधान मंत्री आवास योजना-ग्रामीण
ଆମ ଗାଁ ଆମ ବିକାଶ
ବିଜୁ ପକ୍କାଘର ଓଡ଼ିଶା ସରକାର
ପିଠା
PEETHA
(Peoples' Empowerment - Enabling Transparency and Enhancing Accountability on Odisha Initiatives)
ଗ୍ରାମୀଣ ଗୃହ ନିର୍ମାଣ ଯୋଜନା
୧. ଡିସେମ୍ବର ମାସ ଠାରୁ ପ୍ରତି ମାସର ୧୫ ରୁ ୨୦ ତାରିଖ ମଧ୍ୟରେ ପ୍ରତି ଗ୍ରାମ ପଞ୍ଚାୟତ ସ୍ତରରେ ପିଠା ଶିବିର ପାଳନ କରାଯିବ ।
୨. ୪ ମାସରେ ଏବଂ ୬ ମାସରେ ଗୃହ ନିର୍ମାଣ ଶେଷ କରିଥିବା ୧ ଲକ୍ଷ ହିତାଧିକାରୀଙ୍କୁ ୨୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ଏହି ମାସରେ ପ୍ରଦାନ କରାଯିବ ।
୩. ଭୌଗୋଳିକ ଅବସ୍ଥିତିକୁ ନଜରରେ ରଖି, ରାଜ୍ୟ ସରକାର ନିର୍ମାଣ କରିଥିବା ନୂତନ ଗୃହ ନିର୍ମାଣ ପଦ୍ଧତି ସମ୍ପର୍କରେ ପ୍ରତ୍ୟେକ ହିତାଧିକାରୀଙ୍କୁ ସଚେତନ କରାଯିବ ।
୪. ଗୃହ ନିର୍ମାଣରେ ହିତାଧିକାରୀ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହେଉଥାନ୍ତି, ବ୍ଲକ କର୍ମଚାରୀ ଏହାର ଆଶୁ ସମାଧାନର ପନ୍ଥା ନିରୂପଣ କରିବେ ।
ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ
ଓଡ଼ିଶା ସରକାର
19001/13/0024/1819

“୧୦୦ ସିସି ବର୍ଗରେ ଅପଡେଟେଡ୍ ପ୍ଲାଟିନା ଗ୍ରାହକଙ୍କୁ ପ୍ରିମିୟମ ଅନୁଭୂତି ପ୍ରଦାନ କରିବ ବୋଲି ଆଶାବାଦୀ।
– ଏରିକ ଭାସ୍, ସଭାପତି, ବଜାଜ ଅଟୋ ଇଣ୍ଡିଆ



“ଖୋଲା ବଜାରରେ ବିକ୍ରି ହେଉଥିବା ଏକ ଚତୁର୍ଥାଂଶ କୀଟନାଶକର ମାନ ଅତି ଖରାପ।
– କ୍ରିଷନ ବୀର ଚୌଧରୀ, ସଭାପତି, ଭାରତୀୟ କୃଷକ ସମାଜ



## ସଂକ୍ଷେପରେ

### ଅଗଷ୍ଟ ସୁଦ୍ଧା ୫ଜି ସ୍ପେକ୍ଟ୍ରମ ନିଲାମ

**ନୂଆଦିଲ୍ଲୀ,୧୭-୧୨:** ଆସନ୍ତାବର୍ଷ ଅଗଷ୍ଟ ସୁଦ୍ଧା ୫ଜି ସ୍ପେକ୍ଟ୍ରମ ନିଲାମୀ କାର୍ଯ୍ୟ ଶେଷ ହେବ ଏବଂ ପଞ୍ଚମ ପିଢ଼ିର ମୋବାଇଲ ସେବା ୨୦୨୦ ସୁଦ୍ଧା ଆରମ୍ଭ ହୋଇଯିବ ବୋଲି ଟେଲିକମ୍ ବିଭାଗ(ଡିଓଟି)ଆଶାବ୍ୟକ୍ତ କରିଛି। ଡିଓଟି ସଚିବ ଅରୁଣା ସୁନ୍ଦରରାଜନ ସୋମବାର କହିଛନ୍ତି ଯେ, ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ(ଟ୍ରାଇ) ପକ୍ଷରୁ ପ୍ରାରମ୍ଭିକ ସୁପାରିସଗୁଡିକର ଏକ ସେଟ୍ ଦିଆଯାଇଛି ଏବଂ ଏହାକୁ ଡିଓଟିର କାର୍ଯ୍ୟକାରୀ କମିଟି ସମୀକ୍ଷା କରୁଛି। ଉଲ୍ଲେଖଥାଉ କି, ଦେଶର ସର୍ବବୃହତ୍ ଟେଲିକମ୍ ଅପରେଟର ଭୋଡାଫୋନ ଆଇଡିଆ ପକ୍ଷରୁ ଡିଓଟିକୁ ପତ୍ର ଲେଖି ଭାରତରେ ୨୦୨୦ ସୁଦ୍ଧା ସ୍ପେକ୍ଟ୍ରମ ନିଲାମୀ ହେବା ଅନୁଚିତ ବୋଲି ଦର୍ଶାଇଥିଲା। ୫ଜି ପାରିପାର୍ଶ୍ୱିକ ସ୍ଥିତି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହେବା ପରେ ସ୍ପେକ୍ଟ୍ରମର ଆବଶ୍ୟକତା ଦେଖାଦେବ।

### ମାଲ୍ୟାଙ୍କୁ ପଳାତକ ଘୋଷଣା

### ୨୬ରେ ମାମଲାର ରାୟ

**ମୁମ୍ବାଇ,୧୭-୧୨:** ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପଳାତକ ଆର୍ଥିକ ଅପରାଧୀ ଘୋଷଣା କରିବା ନେଇ ଆଗତ ମାମଲାର ରାୟ ଆସନ୍ତା ୨୬ରେ ପ୍ରକାଶ ପାଇବ। ପଳାତକ ଆର୍ଥିକ ଅପରାଧୀ ଆଇନ ଅଧୀନରେ ମାଲ୍ୟାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ସ୍ୱତନ୍ତ୍ର ଅଦାଲତରେ ମାମଲା ଆଗତ କରାଯାଇଥିଲା। ସୋମବାର ଶୁଣାଣି ଶେଷ ପରେ ପିଏମ୍ଏଲ୍ଏ ବିଚାରପତି ଏମ୍.ଏସ୍.ଆଜମୀ ଉକ୍ତ ଦିନ ରାୟ ପ୍ରକାଶ କରାଯିବ ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ମାଲ୍ୟା କିଙ୍ଗଫିଶର ଏୟାର ଲାଇନ୍ସ ପକ୍ଷରୁ ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ପରିଶୋଧ କରିବା ବଦଳରେ ଲଣ୍ଡନ ପଳାଇ ଯାଇଛନ୍ତି। ସେଠାକାର ୱେଷ୍ଟ ମିନିଷ୍ଟର କୋର୍ଟ ତାଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ରାୟ ଶୁଣାଇ ସାରିଛନ୍ତି।

### ସିଆଇସିଙ୍କ ନିର୍ଦ୍ଦେଶ

### ୫୦୦, ୨୦୦୦ ଟଙ୍କିଆ ନୋଟ୍ ପ୍ରିଣ୍ଟ୍ ତଥ୍ୟ ଦିଅ

**ନୂଆଦିଲ୍ଲୀ,୧୭-୧୨:** ବିମୁଦ୍ରୀକରଣ ପରେ ଛପା ଯାଇଥିବା ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ସମ୍ବନ୍ଧୀୟ ତଥ୍ୟ ପ୍ରକାଶ କରିବାକୁ କେନ୍ଦ୍ରୀୟ ସୂଚନା ଆୟୋଗ(ସିଆଇସି) ରିଜର୍ଭ ବ୍ୟାଙ୍କର ସହଯୋଗୀ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ୍ ମୁଦ୍ରଣ ପ୍ରାଇଭେଟ ଲିମିଟେଡକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଥ୍ୟ ପ୍ରକାଶ କରିବା ଦେଶ ହିତ ବିରୋଧୀ ଜଣାଇବାକୁ ଆୟୋଗ କହିଛନ୍ତି। ଉଲ୍ଲେଖଥାଉ କି, ଆର୍‌ବିଆଇ ସହଯୋଗୀ କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ, ଟଙ୍କା ଛାପିବା ସଂକ୍ରାନ୍ତୀୟ ଗୋପନ ତଥ୍ୟକୁ ଦେଶ ହିତରେ ସାର୍ବଜନିନ କରାଯାଇପାରିବ ନାହିଁ। ଏହାଦ୍ୱାରା ଜାଲ୍ ନୋଟ୍ କାରବାର ବୃଦ୍ଧିକୁ ରୋକାଯାଇପାରିବ ନାହିଁ ଏହାଦ୍ୱାରା ଆର୍ଥିକ ସମସ୍ୟା ଉପୁଜିବ। ହରିନ୍ଦ୍ର ଧିଙ୍ଗରାଙ୍କ ଆବେଦନ ଉପରେ ସୂଚନା କମିଶନର ସୁଧୀର ଭାର୍ଗବ ଏହାର ଶୁଣାଣି କରୁଛନ୍ତି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ନୋଟ୍ ଛାପା ସଂକ୍ରାନ୍ତୀୟ ଗତିବିଧି ଯେପରି କି କଞ୍ଚା ମାଲ୍, ଛାପା, ରଖିବା, ପରିବହନ ଆଦି ଅତ୍ୟନ୍ତ ଗୋପନୀୟ ହୋଇଥାଏ। ତଥ୍ୟ ପ୍ରକାଶ ଦ୍ୱାରା ଦେଶର ସାର୍ବଭୌମତ୍ୱ, ଏକତା, ସୁରକ୍ଷା ତଥା ଆର୍ଥିକ ସ୍ୱାର୍ଥକୁ ପ୍ରଭାବିତ ହୋଇପାରେ।

# ଅଭିବୃଦ୍ଧିକୁ ବିମୁଦ୍ରୀକରଣ, ଜିଏସ୍‌ଟି ଝଟକା

**ନୂଆଦିଲ୍ଲୀ,୧୭-୧୨**

- ବିଶ୍ୱର ଅର୍ଥନୀତି ଦ୍ରୁତ,ଭାରତର ଧିମା
- ୨୦୧୭-୧୮ରେ ଦେଶର ଜିଡିପି ୬.୭%
- ଜିଏସ୍‌ଟିରେ ଗୋଟିଏ ସ୍ଲାବ୍ ନେଇ ଆଲୋଚନା ଜରୁରୀ

“ବିମୁଦ୍ରୀକରଣ ଲାଗୁ ଦ୍ୱାରା ଦେଶର ଅଭିବୃଦ୍ଧିକୁ ଜୋର୍‌ଦାର ଝଟକା ଲାଗିଛି। ସେହିପରି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଯୋଗୁ ମଧ୍ୟ ଦେଶର ଅର୍ଥନୀତି ପ୍ରଭାବିତ ହୋଇଛି।
- ରଘୁରାମ ରାଜନ, ପୂର୍ବତନ ଗଭର୍ନର, ଆର୍‌ବିଆଇ



ଦୁଇ ବର୍ଷ ପୂର୍ବେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶରେ ବିମୁଦ୍ରୀକରଣ ଲାଗୁ କଲେ। ଏହାଦ୍ୱାରା ଦେଶର ଅଭିବୃଦ୍ଧିକୁ ଜୋର୍‌ଦାର ଝଟକା ଲାଗିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ କହିଛନ୍ତି। ସେହିପରି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଯୋଗୁ ମଧ୍ୟ ଦେଶର ଅର୍ଥନୀତି ପ୍ରଭାବିତ ହୋଇଛି।

ସେ କହିଛନ୍ତି ଯେ, ଯେଉଁ ସମୟରେ ବିଶ୍ୱ ଦ୍ରୁତଗତିରେ ଆଗେଇଥିଲା, ଠିକ୍ ସେତିକିବେଳେ ଭାରତର ଜିଡିପି ମନ୍ଥର ହୋଇଥିଲା। ଅନ୍ୟ ଅର୍ଥରେ କହିବାକୁ ଗଲେ ଏହାର ଗତି ପ୍ରଭାବିତ ହୋଇଥିଲା। ରାଜନ କହିଛନ୍ତି ଯେ, ୨୦୧୬ ନଭେମ୍ବରରେ ବଡ଼ ନୋଟ୍‌ର ପ୍ରଚଳନ ବନ୍ଦ ଯୋଗୁ ଅର୍ଥନୀତି ଉପରେ ପଡିଥିବା ପ୍ରଭାବ ସମ୍ପର୍କରେ ପ୍ରସ୍ତୁତ ଏଭଳି ଅନେକ ଅଧ୍ୟୟନକୁ ସେ ପର୍ଯ୍ୟାଲୋଚନା କରିଛନ୍ତି। ଏଥିରୁ ସ୍ପଷ୍ଟ ହୋଇଛି ଯେ, ଦେଶର ଅଭିବୃଦ୍ଧି ହାର ଧିମା ପଡିଯାଇଛି।

ଏକ ଘରୋଇ ଟିଭି ଚ୍ୟାନେଲ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ୨୦୧୭ରେ ବିଶ୍ୱର ଅର୍ଥନୀତି ଦ୍ରୁତଗତିରେ ଆଗେଇ ଚାଲିଛି। ସେହି ତୁଳନାରେ ଭାରତର ଜିଡିପି ଅଭିବୃଦ୍ଧି ହାର ବୃଦ୍ଧି ପାଇନି। କେବଳ ବିମୁଦ୍ରୀକରଣ ନୁହେଁ ବରଂ ଜିଏସ୍‌ଟି ଲାଗୁ ଯୋଗୁ ମଧ୍ୟ ଦେଶର ଅର୍ଥନୀତି ଦୌଡି ପାରୁନାହିଁ। ଉଲ୍ଲେଖଥାଉ କି, ୨୦୧୭-୧୮ରେ ଦେଶର ଜିଡିପି ଅଭିବୃଦ୍ଧି ହାର ମାତ୍ର ୬.୭% ରହିଥିଲା। ସେ କହିଛନ୍ତି ଯେ, ବିମୁଦ୍ରୀକରଣ ଓ ଜିଏସ୍‌ଟି ଝଟକା ଯୋଗୁ ଅର୍ଥନୀତି ପ୍ରଭାବିତ ହୋଇଛି। ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରି ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଲେ। ଏହାଦ୍ୱାରା କଳାଧନ, ଜାଲ୍ ଟଙ୍କା ଓ ଆତଙ୍କବାଦ ଲାଗି ପ୍ରବାହିତ ଅର୍ଥ ଉପରେ ଲଗାମ ଲାଗିବ ବୋଲି ସରକାର ସେତେବେଳେ ଯୁକ୍ତି ଦର୍ଶାଇଥିଲେ। ରାଜନ ୨୦୧୩ରୁ ୨୦୧୬ ସେପ୍ଟେମ୍ବର ପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କର ଗଭର୍ନର ଥିଲେ। ଜିଏସ୍‌ଟି ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ସଂସ୍କାରମୂଳକ ଟିକସ ବ୍ୟବସ୍ଥାକୁ ଆହୁରି ଭଲ ଢଙ୍ଗରେ ଲାଗୁ କରାଯାଇପାରିଥାନ୍ତା। ଜିଏସ୍‌ଟିରେ ୫ଟି ସ୍ଲାବ୍ ବଦଳରେ ମାତ୍ର ଗୋଟିଏ ଲାଗୁ କରାଯିବା ଉଚିତ ହୋଇଥାନ୍ତା କି ବୋଲି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, ଏହାକୁ ନେଇ ଅଧିକ ତର୍ଜମାର ଆବଶ୍ୟକତା ରହିଛି। ବଡ଼ ଋଣଖିଲାପୀଙ୍କ ତାଲିକାକୁ ନେଇ ସେ କହିଛନ୍ତି ଯେ, ଏହା ଏବେ କେଉଁ ସ୍ଥିତିରେ ରହିଛି ସେ ଜାଣିନାହାନ୍ତି। ତେବେ ଜଣଙ୍କର ଋଣଛାଡ଼ ହେଲେ ଅନ୍ୟମାନଙ୍କୁ ମଧ୍ୟ ଏହି ସୁଯୋଗ ନେବେ, ଏହାହିଁ ତାଙ୍କର ଚିନ୍ତାର କାରଣ ବୋଲି ରାଜନ କହିଛନ୍ତି।

### ବଳକା ପୁଞ୍ଜିକୁ ନେଇ ଚେତାବନୀ

କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କର ବଳକା ପୁଞ୍ଜି ନେବାକୁ ଚାହୁଁଛନ୍ତି ବୋଲି ଚର୍ଚ୍ଚା ହେଉଥିବା ବେଳେ ରାଜନ ଏହାକୁ ନେଇ ଚେତାବନୀ ଶୁଣାଇଛନ୍ତି। ସରକାର ଏହି ଅର୍ଥକୁ ନେଲେ କେନ୍ଦ୍ରୀୟ ବ୍ୟାଙ୍କର ରେଟିଂ ତଳକୁ ଖସିଯିବ। ଆର୍‌ବିଆଇକୁ ଏବେ ‘ଏଏଏ’ ରେଟିଂ ମିଳିଛି। ଏହା ଖସିଗଲେ ଆର୍‌ବିଆଇକୁ ଚଢ଼ା ସୁଧରେ ଋଣ ନେବାକୁ ପଡିବ। ଏହାର ସିଧାସଳଖ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିବ।

# ୩୫୦୦ ଟଙ୍କାରେ ବିକ୍ରି ହେଉଛି ବ୍ୟକ୍ତିଗତ ଡିଜିଟାଲ ଡାଟା

**ନୂଆଦିଲ୍ଲୀ,୧୭-୧୨**

ମାତ୍ର ୩୫୦୦ ଟଙ୍କାରେ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଡିଜିଟାଲ ଡାଟା ବିକ୍ରି ହେଉଛି। ଏଥିରେ ସୋସିଆଲ ମିଡିଆ ଆକାଉଣ୍ଟ, ବ୍ୟାଙ୍କ ବିବରଣୀ, କ୍ରେଡିଟ କାର୍ଡ, ଗେମିଙ୍ଗ ୱେବ୍‌ସାଇଟ ଆଦି ରହିଛି। ସାଇବର ସିକ୍ୟୁରିଟି କମ୍ପାନୀ କ୍ୟାସପର୍ସକି ଲ୍ୟାବ୍ ପକ୍ଷରୁ ଏ ସମ୍ପର୍କରେ ତଥ୍ୟ ପ୍ରକାଶ କରାଯାଇଛି। ଡାଟା ଡାର୍କ ୱେବ୍ ନାମରେ ଏକ ୱେବ୍‌ସାଇଟରେ ଏହି ସବୁ ତଥ୍ୟ ସହଜରେ ଉପଲବ୍ଧ ହେଉଛି ବୋଲି ଲ୍ୟାବ୍ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଡାର୍କ ୱେବ୍‌କୁ ଡାର୍କନେଟ୍ ମଧ୍ୟ କୁହାଯାଏ। ଏଥିରେ ଥିବା ସୂଚନା ସର୍ଚ୍ଚ ଇଞ୍ଜିନରେ ଖୋଜିଲେ ମିଳିବ ନାହିଁ। କ୍ୟାସପର୍ସକି ଲ୍ୟାବ୍‌ର ରିପୋର୍ଟ ଅନୁଯାୟୀ ସାଇବର ଅପରାଧୀ ଆପଣଙ୍କ ସମ୍ପୂର୍ଣ୍ଣ ଡିଜିଟାଲ ତଥ୍ୟକୁ ଯେକୌଣସି ବ୍ୟକ୍ତିବିଶେଷଙ୍କୁ ମାତ୍ର ୫୦ ଡଲାର (ପ୍ରାୟ ୩୫୦୦ ଟଙ୍କା)ରେ ବିକ୍ରି କରିଦେଇପାରନ୍ତି। ସୋସିଆଲ ମିଡିଆ, ବ୍ୟାଙ୍କ, ଡେସ୍କଟପ୍, ସର୍ଭର, ଉବର, ନେଟ୍‌ଫ୍ଲିକ୍ସ ଭଳି ୱେବ୍‌ସାଇଟରୁ ଏହି ତଥ୍ୟ ସବୁକୁ ଚୋରାଇ ନିଆଯାଉଛି। ଏହିସବୁ ୱେବ୍‌ସାଇଟରେ ଆପଣଙ୍କ କ୍ରେଡିଟ କାର୍ଡ ତଥ୍ୟ ଉପଲବ୍ଧ ହେଉଛି। ଲ୍ୟାବ୍‌ର କହିବାନୁଯାୟୀ ଗୋଟିଏ ଆକାଉଣ୍ଟ ହ୍ୟାକ୍ କରିବା ଲାଗି ସାଧାରଣତଃ ପାଖାପାଖି ୭୦ ଟଙ୍କା ଖର୍ଚ୍ଚ ହୋଇଥାଏ। ତେବେ ଅଧିକ ତଥ୍ୟ ମାଗୁଥିବା ବ୍ୟକ୍ତିଙ୍କୁ ହ୍ୟାକରମାନେ ଡିସକାଉଣ୍ଟ ମଧ୍ୟ ଦେଉଛନ୍ତି। ଏଭଳି ଭାବେ ଚୋରାଇ ନିଆଯାଇଥିବା ଡାଟାକୁ ବହୁଳ ଭାବେ ବ୍ୟବହାର କରାଯାଇପାରେ। ଏହାଦ୍ୱାରା ଯେକୌଣସି ବ୍ୟକ୍ତିଙ୍କ ଆର୍ଥିକ କ୍ଷତି କରିବା ସହଜ ହୋଇଥାଏ। ହ୍ୟାକରମାନେ ଏଥିଲାଗି ଫିସିଂର ଉପଯୋଗ କରିଥାନ୍ତି। ସେମାନେ ତଥ୍ୟ ଚୋରାଇବା ଲାଗି ବିଭିନ୍ନ ଲିଙ୍କ୍ ଆପଣଙ୍କ ମୋବାଇଲ ଅଥବା କମ୍ପ୍ୟୁଟରକୁ ପଠାନ୍ତି। ଆପଣ ଏହି ଲିଙ୍କରେ କ୍ଲିକ୍ କରିବା ମାତ୍ରେ ଆପଣଙ୍କ ସବୁ ତଥ୍ୟ ସେମାନେ ପାଇଯିବେ। ଏହାପରେ ସେମାନେ ଆପଣଙ୍କ ପାସୱାର୍ଡକୁ ଟାର୍ଗେଟ କରିବେ। ଯଦି ଆପଣଙ୍କ ଏକାଧିକ ଆକାଉଣ୍ଟର ପାସୱାର୍ଡ ରହିଛି ତେବେ ସେଗୁଡିକ ଅସୁରକ୍ଷିତ ହୋଇଯିବ। ବହୁ ହ୍ୟାକର ଲାଇଫଟାଇମ ୱାରେଣ୍ଟି ସହ ଡାଟା ବିକ୍ରି କରୁଛନ୍ତି। ଏଥିରୁ ରକ୍ଷା ପାଇବାକୁ ହେଲେ ସାଇବର ସିକ୍ୟୁରିଟି ସଫ୍ଟୱେର ବ୍ୟବହାର କରିବାକୁ ଲ୍ୟାବ୍ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଆର୍‌ବିଆଇ ବୋର୍ଡର ପୁନର୍ଗଠନ ଲାଗି ବିରଲଙ୍କ ଯୁକ୍ତି

**ମୁମ୍ବାଇ,୧୭-୧୨**

ଆମେରିକାର ଫେଡେରାଲ ରିଜର୍ଭ ଏବଂ ବ୍ୟାଙ୍କ ଅଫ୍ ଇଂଲଣ୍ଡ ଢାଞ୍ଚାରେ ରିଜର୍ଭ ବ୍ୟାଙ୍କର ଭୂମିକା ନିର୍ଦ୍ଧାରଣ କରିବାକୁ ହେଲେ କେନ୍ଦ୍ରୀୟ ବ୍ୟାଙ୍କ ବୋର୍ଡର ପୁନର୍ଗଠନ ହେବା ଜରୁରୀ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଯୁକ୍ତି ବାଢ଼ିଛନ୍ତି। ଏଥିପୂର୍ବରୁ କେନ୍ଦ୍ର ସରକାର ଉକ୍ତ ଦୁଇ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଢାଞ୍ଚାରେ ଆର୍‌ବିଆଇ ବୋର୍ଡକୁ ଗଠନ କରିବା ଲାଗି ପ୍ରସ୍ତାବ ଦେଇଥିଲେ। ଗତ ସପ୍ତାହରେ ବୋର୍ଡ ବୈଠକରେ ଆର୍‌ବିଆଇ ଗଭର୍ନାନ୍ସ ଉପରେ ବିରଲ ଉକ୍ତ ମତପୋଷଣ କରିଥିଲେ। ଏହା ଉପରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ନୋଟ୍ ବୋର୍ଡ ସଦସ୍ୟଙ୍କୁ ଦିଆଯିବ ବୋଲି କୁହାଯାଇଛି। ବର୍ତ୍ତମାନର ସ୍ଥିତିକୁ ନେଇ ବିରଲ ବୈଠକରେ ରିଜର୍ଭ ବ୍ୟାଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଆମେରିକାର ଫେଡେରାଲ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ଇଂଲଣ୍ଡ ବୋର୍ଡରେ ସ୍ୱାର୍ଥ ପ୍ରସଙ୍ଗ ସ୍ଥାନ ପାଏନାହିଁ। ବୋର୍ଡ ସଦସ୍ୟଙ୍କୁ ଏଭଳି ଭାବେ ନିଯୁକ୍ତ କରାଯାଏ।

# ଅନ୍‌ଲାଇନ ଔଷଧ ବିକ୍ରିକୁ ହାଇକୋର୍ଟଙ୍କ କଟକଣା

**ଚେନ୍ନାଇ,୧୭-୧୨**

କେନ୍ଦ୍ର ସରକାର ନୂଆ ନିୟମ ପ୍ରଣୟନ କରିବା ପର୍ଯ୍ୟନ୍ତ ଅନ୍‌ଲାଇନ ଔଷଧ ବିକ୍ରି ଉପରେ ମାଡ୍ରାସ ହାଇକୋର୍ଟ ସୋମବାର କଟକଣା ଜାରି କରିଛନ୍ତି। ଏଥିସହିତ ସରକାର ଆସନ୍ତା ବର୍ଷ ଜାନୁୟାରୀ ୩୧ ସୁଦ୍ଧା ନୂଆ ନିୟମ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିପାରିବେ ବୋଲି ଅଦାଲତ ସମୟସୀମା ଧାର୍ଯ୍ୟ କରିଛନ୍ତି। ତାମିଲନାଡୁ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ଆଗତ ମାମଲାର ବିଚାର କରି ବିଚାରପତି ପୁଷ୍ପା ସତ୍ୟନାରାୟଣା ଉକ୍ତ ଆଦେଶ ଦେଇଛନ୍ତି। ଅନ୍‌ଲାଇନରେ ଔଷଧ କିଣିବା ଗ୍ରାହକଙ୍କ ଲାଗି ସହଜ ହୋଇଥିଲେ ହେଁ ଅଣପଞ୍ଜୀକୃତ ଅନ୍‌ଲାଇନ ଷ୍ଟୋର୍‌ରୁ ଔଷଧ କିଣିବାରେ ବିପଦ ରହିଛି। କାରଣ ସେମାନେ ଭେଜାଲ,ସମୟ ଅତିକ୍ରାନ୍ତ, ଦୂଷିତ ଏବଂ ଅଣପ୍ରମାଣିତ ଔଷଧ ବିକ୍ରି କରିବାର ସମ୍ଭାବନାକୁ ଏଡ଼ାଇ ହେବନି। ଏହା ରୋଗୀଙ୍କ ଜୀବନ ନେଇପାରେ ବୋଲି କୋର୍ଟ କହିଛନ୍ତି।

## ବିଓଆଇର କିଟ୍ ଶାଖା ସ୍ଥାନାନ୍ତରିତ



**ଭୁବନେଶ୍ୱର, ୧୭-୧୨**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର କିଟ୍ ୟୁନିଭର୍ସିଟି ଶାଖା କିଟ୍ କ୍ୟାମ୍ପସର ନୂଆ ଗୃହକୁ ସ୍ଥାନାନ୍ତରିତ ହୋଇଛି। ନୂଆ ଗୃହଟି ଅତ୍ୟାଧୁନିକ ତଥା ପ୍ରଶସ୍ତ। ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅତନୁ କୁମାର ଦାସ ଏବଂ କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଶାଖାକୁ ଉଦ୍‌ଘାଟନ କରିଥିଲେ। ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଣ, ଡୋରଷ୍ଟେପ ବ୍ୟାଙ୍କିଙ୍ଗ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ ସେବା ଯୋଗାଣ ନେଇ ଦାସ ପ୍ରତିଶ୍ରୁତି ଦେଇଥିଲେ। ଏହି ଶାଖା ଇନ୍‌ହାଉସ ଲକର ସୁବିଧା, ଏଟିଏମ ସେବା ଯୋଗାଇବ ବୋଲି ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍. ଦ୍ୱିବେଦୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କିଟ୍‌ର ବିତ୍ତୀୟ ନିର୍ଦ୍ଦେଶକ ଏଚ୍.କେ ନାୟକ, ବିଓଆଇଓଏ ଓଡ଼ିଶା ୟୁନିଟ ସାଧାରଣ ସମ୍ପାଦକ ମନୋରଞ୍ଜନ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ନୂଆ ସ୍କିଲ ସେଣ୍ଟର ଖୋଲିଲା ଓରେନ୍



**ଭୁବନେଶ୍ୱର, ୧୭-୧୨**

ଜାତୀୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଦ୍ୱାରା ଅନୁମୋଦିତ ଟ୍ରେନିଂ ପାର୍ଟନର ଓରେନ ଇଣ୍ଟରନ୍ୟାଶନାଲ ପକ୍ଷରୁ ଭୁବନେଶ୍ୱରରେ ଏହାର ପ୍ରଥମ ତାଲିମ ପ୍ରତିଷ୍ଠାନ ଖୋଲିଛି। ଓରେନର ସହପ୍ରତିଷ୍ଠାତା ତଥା ସିଇଓ ଦିନେସ ସୁଦ ନୂଆ ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। ବିୟୁଟ ଏବଂ ୱେଲନେସ କ୍ଷେତ୍ର ଲାଗି ଦକ୍ଷ ମାନବ ସମ୍ବଳ ସୃଷ୍ଟି ପାଇଁ ଓରେନ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଥିବା ସୁଦ ସୂଚନା ଦେଇଛନ୍ତି। ସେଣ୍ଟରଟି ଭୁବନେଶ୍ୱରର ଜନପଥ ସ୍ଥିତ ସନ୍ତୋଷ ପ୍ଲାଜାଠାରେ ଶୁଭାରମ୍ଭ ହୋଇଛି। ଅଭିଜ୍ଞ ଫାକଲଟିଙ୍କ ଦ୍ୱାରା ଏଠାରେ ବେସିକଠାରୁ ଆଡଭାନ୍ସ କୋର୍ସ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମ ଅବସରରେ ସେଣ୍ଟର ଡାଇରେକ୍ଟର ଗୀତାଞ୍ଜଳୀ ଦାସ, ସେଣ୍ଟର ମୁଖ୍ୟ ଅମିତା ବେହେରା, ମେକ୍‌ଅପ୍ ଫାକଲ୍ଟି ପୂଜା ଦେବନାଥ ପ୍ରମୁଖ ଉପସ୍ଥିତ ଥିଲେ।

**NATIONAL INSTITUTE OF FASHION TECHNOLOGY, BBSR** (Ministry of Textile, Govt. of India)

**E-TENDER NOTICE**

E-Tenders are invited by NIFT Bhubaneswar for **hiring of agency for providing of manpower and procurement of Furniture**, last date for receipt of e-tenders are **09.01.2019 & 10.01.2019** respectively. **- Director**

**NALCO** National Aluminium Company Limited (A Government of India Enterprise)
Smelter Plant, Nalco Nagar, Angul - 759 145, Odisha
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**

Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :
1. **NIT No. OMC-4954: Name of the work: Cleaning of overhead tanks of residential & non-residential building in Nalco nagar Township and CISF colony.**
2. **NIT No. OMC-4955: Name of the work: Mechanized cleaning of sewerage pipe line inside Township & CISF colony.**

For details of NITs like contract period, EMD, Date and time of E-submission, Part-I Bid Opening, Modification / Amendments (if any) please log in to **www.nalcoindia.com** & **https://eprocure.gov.in**
**DGM (Mech.)T&C**

**PARADIP PORT TRUST**

**e-TENDER CALL NOTICE**
**No.CE/HW-II-W-38/18/638, Dtd.14.12.2018**

Name of the work **"Water sprinkling to the roads inside Port prohibited area for the year 2018-19 (Zone-II)"**, Estimated Cost: **Rs.87,90,717.00**, Last Date and Time of Submission of bid : **04.01.2019 up to 17:15 Hrs.** For details, please refer the Website : **http://eprocure.gov.in/eprocure/app**.
Sd/- **Executive Engineer**
**Harbour Works Division NO.II**
PPT/PR/540/18-19 Dt.17.12.2018

**Biju Patnaik University of Technology, Odisha Rourkela**

No. BPUT/XIII/EDMU/06/18/5717 Date:17.12.2018

**NOTICE FOR CANCELLATION OF TENDER**

As per approval of competent authority, the following tender floated by the University is hereby cancelled.

| Sl. No. | Tender No. & Date: | Tender particulars | Date of publication |
|---|---|---|---|
| 1. | BPUT/RKL/24846 date:29.12.2017 | Tender for Manpower Supply | 31.12.2017 |
| 2. | BPUT/RKL/24847 date:29.12.2017 | Tender for Security Service | 31.12.2017 |

Sd/-
Registrar

**idco** Your power to grow | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION** (A Government of Odisha Undertaking)
IDCO Towers, Janpath, Bhubaneswar - 751022

**OFFICE OF THE DIVISIONAL HEAD (ELECTRICAL) IDCO, IDCO TOWER, BHUBANESWAR.**
Tender Call Notice No. BBSR/ELECT/E-3868/17-19/5406 Date: 13.12.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :** Electrical Installation work and Date Networking in Newly Supplied Works station / Table at office Building of Director of Industries, Killa Maidan, Cuttack.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID.No. BBSR/ ELECT/E-29/18-19 | dt. 20.12.2018 at 12.00 Hrs. | dt. 26.12.2018 at 12.00 Hrs. |

Further details can be seen from the e-procurement portal. **www.tendersorissa.gov.in** . Corrigendum or Addendum if any will not be published in newspapers and can be seen in e-procurement portal as well as in **IDCO website.**

Sd/-
Divisional Head ( Elect)
IDCO, Bhubaneswar

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, NABARANGPUR, UMERKOTE**
E-mail: eerwukt@gmail.com, eerwukt@ymail.com
No.1184-O

**e-Procurement Notice**
**Identification No. Online Tender /02/RWD-UKT/2018-19**

Letter No. 3951 Date: 12.12.2018

| | | | |
|---|---|---|---|
| 01. | Name of the work | :: | Road and Building Works |
| 02. | Total Number of works | :: | 07 Nos. |
| 03. | Estimated cost | :: | Varies from 6.53 Lakhs to 35.40 Lakhs. |
| 04. | Class of Contractor | :: | "B", "C" and "D" |
| 05. | Period of Completion | :: | As per TCN |
| 06. | Other Details | | |

| Procurement Officer | Bid Identification No. | Availability of tender online for bidding | | Last Date & Time Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Division-II, Nabarangpur, Umerkote | Online Tender/ 02/ RWD-UKT /2018-19 | 21.12.2018 At 11:00 AM | 31.12.2018 At 03:00 PM | 29.12.2018 At 11.00 AM | 03.01.2019 At 11:00 AM | To be intimated to the Qualified Bidder |

Further details can be seen from the website **www.tendersorissa.gov.in.**
25103/11/0002/1819 Sd./- Executive Engineer, Rural Works Division-II, Nabarangpur, Umerkote

**Orissa Water Supply & Sewerage Board**
Satyanagar, Bhubaneswar, E-mail:msowssb@gmail.com, Phone:(0674) 2571185

**Engagement of Sr. Divisional Accounts Officer on consolidated basis**

The Member Secretary, Orissa Water Supply & Sewerage Board, Satyanagar, Bhubaneswar invites applications from the Retired Sr. Divisional Accounts Officer for engagement as Sr. D.A.O. on consolidated basis as mentioned below:-

| Name of post | No. of post | Qualification, experience & Age | Monthly remuneration | Remarks |
|---|---|---|---|---|
| Sr. Divisional Accounts Officer | 01 (One) | Should have worked as D.A.O/Sr. Divisional Accounts Officer under Govt. of Odisha/Govt. of India office satisfactorily for at least 5 years. Age should not be more than 63 years as on 31.12.2018 | As per Finance Dept. memorandum No. 7022 dt. 17.03.2018 | Further extension of one year to be considered subject to satisfactory performance. |

The said engagement will be purely on consolidated basis for a period of one year, which may be extended or terminated subject to performance. Interested eligible candidates may apply in plain paper along with updated CV, Xerox copy of educational & experience certificates along with copy of final pension payment order issued by A.G., Odisha to the above address. The application should reach this office on or before dated **31.12.2018** upto **5.00** p.m. either in person/by post. The candidates should clearly furnish their correspondence address and contact phone No. Authority reserves the right to reject any or all applications without assigning any reason thereof.

Sd/-
Member Secretary
OWSSB, Bhubaneswar

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆଠଗଡ**

ବିଜ୍ଞାପନ ସଂଖ୍ୟା ୩୧୪୯ — ତାରିଖ ୧୪।୧୨।୨୦୧୮

**ସାମାଜିକ ସମୀକ୍ଷା**

ଏତଦ୍ୱାରା ଆଠଗଡ ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୧୭-୧୮ ଆର୍ଥିକ ବର୍ଷ (୦୧।୧୦।୨୦୧୭ ଠାରୁ ୩୧।୦୩।୨୦୧୮ ପର୍ଯ୍ୟନ୍ତ) ର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ। ସମ୍ପୃକ୍ତ ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଭି ଆର ପି, ବି.ଏସ.ଏ. କନିଷ୍ଠ ଯନ୍ତ୍ରୀ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବରେ ଜନସାଧାରଣଙ୍କୁ ଅବଗତ କରାଇବେ। ଏଣୁ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ / ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବକାର୍ଡଧାରୀ ଶ୍ରମିକ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବକାର୍ଡ ଧରି ଉପସ୍ଥିତ ରହି ମଷ୍ଟରରୋଲର ସଠିକତା ଯାଞ୍ଚ କରାଇବେ। ବହୁ ସଂଖ୍ୟାରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଯୋଗଦେଇ ଉକ୍ତ ସମୀକ୍ଷା ବୈଠକକୁ ସଫଳ କରିବାକୁ ଅନୁରୋଧ।

| କ୍ର. ନଂ. | ଗ୍ରାମପଞ୍ଚାୟତର ନାମ | ସମୀକ୍ଷା ଅରମ୍ଭ ତାରିଖ | ସମୀକ୍ଷା ଶେଷ ତାରିଖ | ପଞ୍ଚାୟତସ୍ତରୀୟ ଜନଶୁଣାଣି ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|
| ୧ | ଅନନ୍ତପୁର, ବଡଭୂଇଁ, ବେଣ୍ଟପଦା, ଭୋଗରା, ଛଅଗାଁ, ଧାଇପୁର, ଧୁରୁଷିଆ, ଡାଳଭାଗ, ଦୋରଡ, ଘଣ୍ଟିଖାଲ, ଗୋବରା | ୨୧।୧୨।୨୦୧୮ | ୨୭।୧୨।୨୦୧୮ | ୨୭।୧୨।୨୦୧୮ | ୨୨।୦୧।୨୦୧୯ |
| ୨ | ଗୁରୁଡିଝାଟିଆ, ଇଛାପୁର, ଜେନପଦାଦେଶ, ଯୋରନ୍ଦା, କନ୍ଦରପୁର, କଟକିଆସାହି, କଣ୍ଡରେଇ, ଖୁଣ୍ଟକଟା, ଖୁଣ୍ଟୁଣୀ, କୁଲାଇଲୋ, କୁମାରପୁର | ୦୨।୦୧।୨୦୧୯ | ୦୮।୦୧।୨୦୧୯ | ୦୮।୦୧।୨୦୧୯ | ୨୨।୦୧।୨୦୧୯ |
| ୩ | କୁଶପଙ୍ଗି, ମହାକାଳବସ୍ତ, ମଞ୍ଚେଶ୍ୱର, ମେଘା, ଓରନ୍ଦା, ରାଧାଗୋବିନ୍ଦପୁର, ରାଧାକିଶୋରପୁର, ରାଧାକୃଷ୍ଣପୁର, ରାଜନଗର, ସମସରପୁର, ସଠିଲୋ, ତରଡିଙ୍ଗ | ୧୧।୦୧।୨୦୧୯ | ୧୭।୦୧।୨୦୧୯ | ୧୭।୦୧।୨୦୧୯ | ୨୨।୦୧।୨୦୧୯ |

ଇତି
ଆପଣଙ୍କର ବିଶ୍ୱସ୍ତ
ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ଆଠଗଡ

**GOVERNMENT OF ODISHA**
**DEPARTMENT OF HIGHER EDUCATION**

**EXTENSION OF DATELINE FOR ONLINE SUBMISSION OF APPLICATIONS AND VALIDATION OF "E-MEDHABRUTI" APPLICATIONS FOR THE YEAR 2018-19 (FRESH)**

**No.64-N:-** It is hereby informed to all concerned that submission of online applications by the students belonging to Professional & Technical and PG for the academic year 2018-19 (Fresh) and online validation of Fresh applications of all categories of merit by Principal/Head of the Institutions is hereby extended as noted below.

EXTENDED TIMELINE FOR ONLINE SUBMISSION AND VALIDATION OF FRESH & RENEWAL MEDHABURTI APPLICATIONS

| | Activities | Scholarship Type | Date of Extension |
|---|---|---|---|
| Students of SAMS Institutions (+2 and +3 colleges) | Fresh (Submission of required documents in the concerned colleges for uploading in the medhabruti portal) | Jr. Merit / Sr. Merit | 30.12.2018 |
| Students of Non SAMS Institutions | Fresh (Online submission of applications by the students belonging to Professional/ Technical and PG) | P.G. Merit / Technical & Professional Merit | 30.12.2018 |
| Heads of Institutions/ Principals of SAMS / Non-SAMS Institutions | Fresh (Online validation of applications) | Jr. / Sr. / P.G. / Technical & Professional Merit | 31.12.2018 |


**N.B:**Online validation by Principal of concerned Institutions is mandatory for getting Fresh scholarship by the eligible students.

***In case of any problem faced by the Institutes at the time of online validation, they may refer FAQs available at home page of the website or take the help of Sanjog Helpline (Toll Free) No. 155335/ 18003456770/ 0674- 2396550 or e-mail on emedhabruti1819@gmail.com.***

**11001/11/0057/1819** **Sd./- Under Secretary to Government**

ସାଇ ହୋପ୍ ଏବେ ଭଲ ଫର୍ମରେ ଅଛନ୍ତି। ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇ ନ ଥିଲେ, ସେ ଖେଳ ଜାରି ରଖିବା ଉଚିତ୍ ।

–କାର୍ଲୋସ ବ୍ରାଥୱେଟ୍, ୱେଷ୍ଟଇଣ୍ଡିଜ ଟି୨୦ ଅଧିନାୟକ









# ଶିଖରରେ ରେଡ୍ ଲାୟନ୍ସ

ଭୁବନେଶ୍ୱର ୧୭।୧୨(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ବିଶ୍ୱକପରେ ବିଜୟଟିକା ପିନ୍ଧିଛି ରେଡ୍ ଲାୟନ୍ସ ବେଲଜିୟମ। ନିଜର ହକି ଇତିହାସରେ ସର୍ବଶ୍ରେଷ୍ଠ ସଫଳତା ହାସଲ କରିଛି ଏହି ଦଳ। ପ୍ରଥମଥରପାଇଁ କୌଣସି ବଡ଼ ଟୁର୍ନାମେଣ୍ଟରେ ହାସଲ କରିଛି ଟାଇଟଲ। କେବଳ ସେତିକି ନୁହେଁ କୌଣସି ମ୍ୟାଚରେ ପରାଜିତ ନ ହୋଇ ଶେଷ ପର୍ଯ୍ୟନ୍ତ ରହିଥିଲା ଅପରାଜେୟ। ତେଣୁ ବେଲଜିୟମ ହକି ଇତିହାସରେ କଳିଙ୍ଗ ଷ୍ଟାଡିୟମର ନାମ ଯେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ଏଥିରେ ଦ୍ୱିମତ ନାହିଁ। ନେଦରଲାଣ୍ଡ୍ସ ବିପକ୍ଷ ଫାଇନାଲର ନିର୍ଦ୍ଧାରିତ ସମୟ ଗୋଲଶୂନ୍ୟ ରହିବାପରେ ଶୁଟ୍‌ଆଉଟରେ ମଧ୍ୟ ଫଳାଫଳ ନ ମିଳିବାରୁ ସଡନ୍ ଡେଥ୍‌ରୁ ଆସିଥିଲା ଉତ୍କଣ୍ଠିତ ମୁହୂର୍ତ୍ତ। ଏହି ପର୍ଯ୍ୟାୟରେ ବେଲଜିୟମର ଫ୍ଲୋରେଣ୍ଟ ଭାନ ଆଉବେଲ ଗୋଲ ଦେବା ଏବଂ ନେଦରଲାଣ୍ଡ୍ସର ଜେରନ ହର୍ଜବର୍ଗର ବିଫଳ ହେବା ଥିଲା ଟୁର୍ନାମେଣ୍ଟର ସବୁଠାରୁ ରୋମାଞ୍ଚକ ମୁହୂର୍ତ୍ତ। ବିଜୟ ହାସଲ ପରେ ବେଲଜିୟମ ଖେଳାଳିଙ୍କ ବିଜୟ ଉତ୍ସବ ଷ୍ଟାଇଲ ନିଆରା ଥିଲା। ସତେ ଯେପରି ଖୁସିରେ ପାଗଳ ହୋଇଯାଇଥିଲେ ଦଳର ସମସ୍ତ ଖେଳାଳି। ହେବା ବି ସ୍ୱାଭାବିକ, କାରଣ ପ୍ରଥମଥରପାଇଁ ଏତେବଡ଼ ଟାଇଟଲ ହାସଲ ସେମାନଙ୍କୁ କିଛି ସମୟ ପାଇଁ ଭିନ୍ନ ଏକ ପୃଥିବୀକୁ ନେଇ ଯାଇଥିଲା। ପଡ଼ିଆ ପରିକ୍ରମା କରିବାପରେ ଟ୍ରଫି ସହ ନାଚ, ଗୀତରେ ମାତି ଯାଇଥିଲେ ବିଶ୍ୱର ଏହି ୩ ନମ୍ବର ଦଳ। ଡାର୍କ ହର୍ସର ମାନ୍ୟତା ପାଇଥିବା ବେଲଜିୟମ ଶେଷରେ ବିଶ୍ୱକପ ବିଜୟର ସ୍ମୃତି ସହ ସ୍ୱଦେଶ ଫେରିଛି। କଳିଙ୍ଗ ଷ୍ଟାଡିୟମ ସେମାନଙ୍କ ପାଇଁ ପାଲଟି ଯାଇଛି ଲକି ଗ୍ରାଉଣ୍ଡ।

## ନମ୍ବରୱାନ

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ବିଶ୍ୱକପରେ ଚାମ୍ପିୟନ ହୋଇଛି ବେଲଜିୟମ। ବିଶ୍ୱ ର୍‍ୟାଙ୍କିଙ୍ଗରେ ତତ୍କ୍ଷଣାତ୍ ଏହାର ପ୍ରତିଫଳନ ହୋଇଛି। ଅର୍ଥାତ୍ ହକି ଇତିହାସରେ ପ୍ରଥମଥରପାଇଁ ନମ୍ବରୱାନ ସ୍ଥାନ ହାସଲ କରିଛି ରେଡ୍ ଲାୟନ୍ସ। ବିଶ୍ୱକପ ପୂର୍ବରୁ ୩ ନମ୍ବର ସ୍ଥାନରେ ଥିବା ବେଲଜିୟମ ୨ଟି ସ୍ଥାନ ଉପରକୁ ଉଠି ନମ୍ବରୱାନ ସ୍ଥାନ ଅଧିକାର କରିଛି। ଅଷ୍ଟ୍ରେଲିଆ ଗୋଟିଏ ସ୍ଥାନ ତଳକୁ ଖସି ୨ରେ ପହଞ୍ଚିଥିବାବେଳେ ରନର୍ସଅପ୍ ନେଦରଲାଣ୍ଡ୍ସ ଗୋଟିଏ ସ୍ଥାନ ଉପରକୁ ଉଠି ୩ରେ ପହଞ୍ଚିଛି। ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ୨ଟି ସ୍ଥାନ ତଳକୁ ଖସି ୪ରେ ପହଞ୍ଚି ଯାଇଥିବାବେଳେ ଭାରତ, ଜର୍ମାନୀ ଓ ଇଂଲଣ୍ଡର ଯଥାକ୍ରମେ ୫ମ, ୬ଷ୍ଠ ଓ ୭ମ ସ୍ଥାନ ଅପରିବର୍ତ୍ତିତ ରହିଛି। ନ୍ୟୁଜିଲାଣ୍ଡ ଗୋଟିଏ ଉପରକୁ ଉଠି ୮, ସ୍ପେନ ଗୋଟିଏ ସ୍ଥାନ ତଳକୁ ଖସି ୯ ଓ କାନାଡ଼ା ଗୋଟିଏ ଉପରକୁ ଉଠି ଟପ୍ ୧୦ ଫିନିଶ୍ କରିଛି।

| ର୍‍ୟାଙ୍କ୍ | ଟିମ୍ | ପଏଣ୍ଟ |
|---|---|---|
| ୧. | ବେଲଜିୟମ | ୨୧୯୬ |
| ୨. | ଅଷ୍ଟ୍ରେଲିଆ | ୨୧୮୧ |
| ୩. | ନେଦରଲାଣ୍ଡ୍ସ | ୨୦୨୯ |
| ୪. | ଆର୍ଜେଣ୍ଟିନା | ୧୮୪୮ |
| ୫. | ଭାରତ | ୧୭୧୫ |
| ୬. | ଜର୍ମାନୀ | ୧୬୩୧ |
| ୭. | ଇଂଲଣ୍ଡ | ୧୫୦୧ |
| ୮. | ନ୍ୟୁଜିଲାଣ୍ଡ | ୧୧୬୮ |
| ୯. | ସ୍ପେନ | ୧୦୮୩ |
| ୧୦. | କାନାଡ଼ା | ୧୦୧୭ |
| ୧୧. | ଆୟର୍ଲାଣ୍ଡ | ୯୮୦ |
| ୧୨. | ପାକିସ୍ତାନ | ୯୬୮ |
| ୧୩. | ମାଲେସିଆ | ୯୦୩ |
| ୧୪. | ଚାଇନା | ୭୯୩ |
| ୧୫. | ଫ୍ରାନ୍ସ | ୭୮୯ |
| ୧୬. | ଦକ୍ଷିଣ ଆଫ୍ରିକା | ୭୧୫ |
| ୧୭. | ଦକ୍ଷିଣ କୋରିଆ | ୬୯୦ |
| ୧୮. | ଜାପାନ | ୬୨୫ |
| ୧୯. | ଅଷ୍ଟ୍ରିଆ | ୫୬୩ |
| ୨୦. | ଇଜିପ୍ଟ | ୫୪୩ |



ହକି ବିଶ୍ୱକପ୍ ଚାମ୍ପିୟନ ବେଲଜିୟମ ଦଳର ଖେଳାଳି।




ଭିନ୍ସେଣ୍ଟ ଭାନାସ୍କ

## ଅପରାଜେୟ

ହକି ବିଶ୍ୱକପର ୧୪ତମ ସଂସ୍କରଣରେ ଏକମାତ୍ର ଦଳଭାବେ ଅପରାଜେୟ ରହିଥିଲା ବେଲଜିୟମ। ୭ଟି ମ୍ୟାଚ ଖେଳି ୬ଟି ଜିତିଥିବାବେଳେ ଗୋଟିଏ ଡ୍ର ରଖିଥିଲା। ସଂଯୋଗ ବଶତଃ ଟୁର୍ନାମେଣ୍ଟର ପ୍ରଥମ ଓ ଶେଷ ମ୍ୟାଚ ମଧ୍ୟ ଖେଳିଥିଲା। ଦଳର ଆରମ୍ଭ ସେପରି ପ୍ରଭାବୀ ହୋଇ ପାରି ନ ଥିଲା। ମାତ୍ର ଟୁର୍ନାମେଣ୍ଟ ଆଗେଇବା ସହ ଦଳର ପ୍ରଦର୍ଶନରେ ମଧ୍ୟ ଦ୍ରୁତ ଉନ୍ନତି ଆସିଥିଲା। ପ୍ରଥମ ମ୍ୟାଚରେ ଅପେକ୍ଷାକୃତ ଦୁର୍ବଳ କାନାଡ଼ାକୁ ମାତ୍ର ୨–୧ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲା ରେଡ୍ ଲାୟନ୍ସ। ଆୟୋଜକ ଭାରତ ବିପକ୍ଷ ମ୍ୟାଚକୁ ୨–୨ ଗୋଲରେ ଡ୍ର ରଖିବାରେ ସକ୍ଷମ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକାକୁ ୫–୧ ଗୋଲରେ ପରାସ୍ତ କରିଥିଲା। ପୁଲ୍ 'ସି'ରେ ଭାରତ ସମକକ୍ଷ ୭ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ପଛରେ ପଡ଼ି କ୍ରସ୍ ଓଭର ଖେଳିବାକୁ ଯାଇଥିଲା। ସେଠାରେ ଦଳ ପାକିସ୍ତାନକୁ ୫–୦ ଗୋଲରେ ପରାସ୍ତ କରିଥିଲା। କ୍ୱାର୍ଟର ଫାଇନାଲରେ ୨–୧ରେ ଶକ୍ତିଶାଳୀ ଜର୍ମାନୀକୁ ହରାଇ ଦଳ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଥିଲା। ସେମିଫାଇନାଲରେ ଇଂଲଣ୍ଡକୁ ସହଜରେ ୬–୦ ଗୋଲରେ ହରାଇବାପରେ ଟାଇଟଲ ମୁକାବିଲାରେ ନେଦରଲାଣ୍ଡ୍ସକୁ ଶୁଟ୍‌ଆଉଟ୍/ସଡନ୍ ଡେଥ୍ ୩–୨ ଗୋଲରେ ପରାସ୍ତ କରି ଇତିହାସ ରଚିଥିଲା।

## ରନର୍ସଅପ୍ ଥିଲା ଶ୍ରେଷ୍ଠ ସଫଳତା

ବେଲଜିୟମର ହକି ଇତିହାସ ଦେଖିଲେ କୌଣସି ବଡ଼ ଟୁର୍ନାମେଣ୍ଟରେ ରନର୍ସଅପ୍ ହେବା ଥିଲା ଦଳର ଶ୍ରେଷ୍ଠ ସଫଳତା। ଦଳ ୧୯୨୦ ଅଲିମ୍ପିକ୍ସରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଥିଲା। ୧୯୨୮ରେ ୪ର୍ଥ ସ୍ଥାନ ହାସଲ କରିଥିବାବେଳେ ୧୯୩୨ରେ ଭାଗ ନେଇ ନ ଥିଲା। ୧୯୩୬ରୁ ୧୯୭୬ ପର୍ଯ୍ୟନ୍ତ ଦଳକୁ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେବାକୁ ପଡ଼ିଥିଲା। ୧୯୮୦ରୁ ୨୦୦୪ ପର୍ଯ୍ୟନ୍ତ ଯୋଗ୍ୟତା ହାସଲ କରିପାରି ନ ଥିବାବେଳେ ୨୦୦୮ରେ ୯ମ, ୨୦୧୨ରେ ୫ମ ଏବଂ ୨୦୧୬ ରିଓଡି ଜେନିରୋ ଅଲିମ୍ପିକ୍ସରେ ରନର୍ସଅପ୍ ହୋଇ ରୌପ୍ୟ ପଦକ ପାଇଥିଲା। ୟୁରୋପିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ବେଲଜିୟମ ୨୦୧୩ ଓ ୨୦୧୭ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।

## ନେଦରଲାଣ୍ଡ୍ସ ଆକ୍ରମଣାତ୍ମକ

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ବିଶ୍ୱକପରେ ଆକ୍ରମଣାତ୍ମକ ରଣନୀତିରେ ସବୁଠାରୁ ଆଗରେ ରହିଛି ରନର୍ସଅପ୍ ନେଦରଲାଣ୍ଡ୍ସ। ଏହି ଦଳ ସର୍ବାଧିକ ୧୯୪ ଥର ପ୍ରତିପକ୍ଷ ସର୍କଲରେ ପ୍ରବେଶ କରିଛି। ସର୍ବାଧିକ ଗୋଲ ସ୍କୋରରେ କିନ୍ତୁ ଆଗରେ ରହିଛି ଅଷ୍ଟ୍ରେଲିଆ। ଏହି ଦଳ ୬ ମ୍ୟାଚ ଖେଳି ୨୯ ଗୋଲ ଦେଇଛି। ଏହା ମଧ୍ୟରେ ୧୭ଟି ଫିଲ୍ଡ ଗୋଲ ଏବଂ ୧୨ଟି ପେନାଲ୍ଟି ଗୋଲ ସାମିଲ। ନେଦରଲାଣ୍ଡ୍ସ ଓ ଚାମ୍ପିୟନ ବେଲଜିୟମ ୭ଟି ଲେଖାଏ ମ୍ୟାଚ ଖେଳି ୨୨ଟି ଲେଖାଏ ଗୋଲ ସ୍କୋର କରିଛନ୍ତି। ନେଦରଲାଣ୍ଡ୍ସ ୧୭ ଫିଲ୍ଡ ଓ ୫ ପେନାଲ୍ଟି କର୍ନର ଏବଂ ବେଲଜିୟମ ୧୨ ଫିଲ୍ଡ, ୯ ପେନାଲ୍ଟି କର୍ନର ଓ ୧ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ସ୍କୋର କରିଛି। ଭାରତ ୪ ମ୍ୟାଚରେ ୧୩ଟି ଗୋଲ ଦେଇ ୪ର୍ଥ ସ୍ଥାନ ଅଧିକାର କରିଛି। ଏହା ମଧ୍ୟରେ ୭ ଫିଲ୍ଡ , ୫ ପେନାଲ୍ଟି ଓ ୧ ଫିଲ୍ଡ ଗୋଲ ସାମିଲ। କାନାଡ଼ା ସବୁଠାରୁ ରକ୍ଷଣାତ୍ମକ ଦଳଭାବେ ୨୮ ଶଟ୍ ସେଭ୍ କରିଛି। ଟୁର୍ନାମେଣ୍ଟରେ ୩୬ ମ୍ୟାଚରେ ୪.୩୬ ଆଭରେଜରେ ମୋଟ ୧୫୭ ଗୋଲ ସ୍କୋର ହୋଇଛି। ଏହା ମଧ୍ୟରେ ୯୬ ଫିଲ୍ଡ, ୫୭ ପେନାଲ୍ଟି କର୍ନର ଏବଂ ୪ଟି ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ଅନ୍ତର୍ଭୁକ୍ତ। ସେହିପରି ବିଶୃଙ୍ଖଳିତ ଆଚରଣ ପାଇଁ ପ୍ରତିଯୋଗିତାରେ ମୋଟ ୮୫ କାର୍ଡ ପ୍ରଦର୍ଶିତ ହୋଇଛି। ଏହା ମଧ୍ୟରେ ୬୩ ଗ୍ରୀନ୍ ଏବଂ ୨୨ କାର୍ଡ ରହିଛି। ଟୁର୍ନାମେଣ୍ଟରେ କୌଣସି ଖେଳାଳିଙ୍କ ରେଡ୍‌କାର୍ଡ ମିଳିନାହିଁ। ମ୍ୟାଚ ଦୃଷ୍ଟିରୁ ଦେଖିଲେ ଚାଇନା ବିପକ୍ଷରେ ଅଷ୍ଟ୍ରେଲିଆ ସର୍ବାଧିକ ୧୧–୦ ଗୋଲରେ ବିଜୟୀ ହୋଇଛି। ମାଲେସିଆ ବିପକ୍ଷରେ ନେଦରଲାଣ୍ଡ୍ସ ସର୍ବାଧିକ ୨୫ଥର ସର୍କଲ ଭେଦକରି ୭ଟି ଗୋଲ ଦେଇଥିବାବେଳେ ଆର୍ଜେଣ୍ଟିନା–ଇଂଲଣ୍ଡ ମ୍ୟାଚରେ ସର୍ବାଧିକ ୭ଟି କାର୍ଡ ପ୍ରଦର୍ଶିତ ହୋଇଛି। ଏଥିରେ ଆର୍ଜେଣ୍ଟିନାର ୨ ଓ ଇଂଲଣ୍ଡର ୩ ଖେଳାଳି କାର୍ଡ ପାଇଥିଲେ।

## କଳିଙ୍ଗ ଷ୍ଟାଡିୟମ ସ୍ମରଣୀୟ

ହକି ବିଶ୍ୱକପରେ ପୂର୍ବରୁ ବେଲଜିୟମର ପ୍ରଦର୍ଶନ ଆଦୌ ଭଲ ନ ଥିଲା। ୧୯୭୧ରେ ଦଳ ଅଂଶଗ୍ରହଣ କରି ନ ଥିବାବେଳେ ୧୯୭୩ରେ ଗ୍ରୁପ ପର୍ଯ୍ୟାୟରୁ ହାରି ୮ମ ସ୍ଥାନ ପାଇଥିଲା। ୧୯୭୫ରେ ଭାଗ ନେଇ ନ ଥିବାବେଳେ ୧୯୭୮ରେ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇ ୧୪ତମ ସ୍ଥାନରେ ରହିଥିଲା। ୧୯୮୨, ୧୯୮୬ ଓ ୧୯୯୦ରେ ଦଳ ଭାଗ ନେଇପାରି ନ ଥିଲା। ୧୯୯୪ରେ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇ ୧୧ତମ ସ୍ଥାନ ପାଇଥିଲା। ୧୯୯୮ରେ ଭାଗ ନେଇ ନ ଥିଲା। ୨୦୦୨ରେ ସେହି ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇ ୧୪ତମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ୨୦୦୬ ଓ ୨୦୧୦ରେ ଭାଗ ନେଇ ନ ଥିବାବେଳେ ୨୦୧୪ରେ ୫–୬ ସ୍ଥାନ ପାଇଁ ପ୍ଲେ–ଅଫ୍ ଖେଳି ୫ମ ସ୍ଥାନ ଅଧିକାର କରିଥିଲା। ଫଳରେ ୨୦୧୪ ପର୍ଯ୍ୟନ୍ତ ବିଶ୍ୱକପରେ ବେଲଜିୟମର ଏହା ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଥିଲା। ମାତ୍ର କଳିଙ୍ଗ ଷ୍ଟାଡିୟମ ଏହି ଦଳପାଇଁ ଆଣିଛି ସ୍ମରଣୀୟ ସ୍ମୃତି। ପ୍ରଥମଥରପାଇଁ ବେଲଜିୟମ ହୋଇଛି ବିଶ୍ୱ ଚାମ୍ପିୟନ।

# ବେଲ୍‌ଜିୟମ ପାଇଁ ପ୍ରଥମ

ରିକ୍ ଚାର୍ଲ୍ସୱର୍ଥ

ବେଲ୍‌ଜିୟମ ୬ଷ୍ଠ ଦଳଭାବେ ଭୁବନେଶ୍ୱରରେ ଅନୁଷ୍ଠିତ ହକି ବିଶ୍ୱକପ୍ ଟାଇଟଲ ଜିତିଲା। ୬୦ ମିନିଟ୍‌ର ସଂଘର୍ଷ ପରେ ଶୁଟ୍‌ଆଉଟରେ ଫଳାଫଳ ନିର୍ଣ୍ଣିତ ହେଲା। ଷ୍ଟାଡିୟମର ଭରପୂର ଦର୍ଶକ ମ୍ୟାଚ୍‌କୁ ଉପଭୋଗ କଲେ, ତାଙ୍କ ମଧ୍ୟରେ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ସାମିଲ ଥିଲେ। ଟୁର୍ନାମେଣ୍ଟରେ ବେଲ୍‌ଜିୟମର ଆରମ୍ଭ ଭଲ ହୋଇ ନ ଥିଲେ ହେଁ କ୍ରମେ ଉନ୍ନତ ପ୍ରଦର୍ଶନ କରି ଟାଇଟଲର ଦୃଢ଼ ଦାବିଦାର ହୋଇଯାଇଥିଲା। ରବିବାର ଶୁଟ୍‌ଆଉଟରେ ଉଭୟ ଦଳ ୫ଥର ଲେଖାଏ ସୁଯୋଗ ପାଇଥିଲେ ହେଁ ୨ଟି ଲେଖାଏ ଗୋଲ ସ୍କୋର କରି ପାରିଥିଲେ। ବେଲ୍‌ଜିୟମ ପକ୍ଷରୁ ଆର୍ଥର ଡି ସ୍ଲୋଭେର ଗୋଲ କରିଛନ୍ତି ଅନୁଭବ କରି ବେଲଜିୟମ ଆଗୁଆ ବିଜୟ ଉତ୍ସବ ମନାଇଥିଲା। ମାତ୍ର ଭିଡିଓ ରେଫରାଲରେ ତାହା ନାକଚ ହୋଇଯାଇଥିଲା। ଏହାପରେ ଆସିଥିଲା ସଡନ୍ ଡେଥ୍ ପର୍ଯ୍ୟାୟ। ଏଥିରେ ବେଲ୍‌ଜିୟମର ଫ୍ଲୋରେଣ୍ଟ ଭାନ ଆଉବେଲ ଏକାଗ୍ରତା ରକ୍ଷାକରି ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଲେ। ମାତ୍ର ନେଦରଲାଣ୍ଡ୍ସର ଜେରନ ହର୍ଜବର୍ଗର ପ୍ରତିପକ୍ଷ ଗୋଲକିପରଙ୍କ ଚାଲାଖି ଯୋଗୁ ଗୋଲପୋଷ୍ଟର ୱାଇଡ୍‌କୁ ଚାଲିଗଲେ ଏବଂ ମାରିଥିବା ଶଟ୍ ପୋଷ୍ଟର ଉପରେ ଚାଲି ଯାଇଥିଲା। ଏହାପରେ ଭାବପ୍ରବଣତା ସହ ବେଲଜିୟମ ଦଳ ବିଜୟ ଉତ୍ସବ ମନାଇଥିଲା। ଶେଷରେ ସେମାନେ ପ୍ରଥମଥର ପାଇଁ ହକିର ଏକ ବଡ଼ ଟୁର୍ନାମେଣ୍ଟରେ ଟାଇଟଲ ବିଜୟୀ ହେଲେ ଏବଂ ବିଶ୍ୱ ଚାମ୍ପିୟନ ବନିଗଲେ।

ଫାଇନାଲରେ ଉଭୟ ଦଳ ଅନେକଥର ହାଫ୍ ଚାନ୍ସ ପାଇଥିଲେ ହେଁ ତାହାକୁ ସୁଯୋଗରେ ପରିଣତ କରିପାରି ନ ଥିଲେ। ତେଣୁ ମ୍ୟାଚ୍ ଆଗେଇବା ସହ ଗୋଟିଏ ଗୋଲ ଏଠାରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ଅନୁଭବ ହୋଇଥିଲା। ଉଭୟ ଦଳର ଦୃଢ଼ ରକ୍ଷଣଭାଗ ଯୋଗୁ ଶେଷପର୍ଯ୍ୟନ୍ତ ଗୋଲ ହୋଇପାରି ନ ଥିଲା। ଶୁଟ୍‌ଆଉଟ ପର୍ଯ୍ୟାୟ ଆସିବାରୁ ଗୋଲକିପର ଭିନ୍‌ସେଣ୍ଟ ଭାନାସ୍କ ଓ ପିରମିନ ବ୍ଲାକଙ୍କ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଥିଲା। ସଡନ୍ ଡେଥ୍‌ରେ ଦଳକୁ ବିଜୟୀ କରାଇଥିବାରୁ ଭାନାସ୍କ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଆର୍ଥର ଭାନ ଡୋରେନ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

ସପ୍ତାହ ଶେଷରେ ଅଷ୍ଟ୍ରେଲିଆ–ନେଦରଲାଣ୍ଡ୍ସ ସେମିଫାଇନାଲ ରୋମାଞ୍ଚକ ହୋଇଥିଲା। ଏହି ମ୍ୟାଚ୍‌ରେ ଉଭୟ ଆକ୍ରମଣ ଏବଂ ରକ୍ଷଣାତ୍ମକ ରଣନୀତିର ଅପୂର୍ବ ସମ୍ମିଶ୍ରଣ ଥିଲା। ୯ମ ମିନିଟରେ ଗ୍ଲେନ ସ୍କୁରମାନଙ୍କ ଗୋଲ ଏବଂ ସେଭ୍ ଭାନ୍ ଆସ୍‌ଙ୍କ କ୍ରସ୍ ଦୁର୍ଭାଗ୍ୟଜନକ ଭାବେ ଟିମ୍ ହୋୱାର୍ଡଙ୍କ ଡିଫ୍ଲେକ୍ସନରେ ଗୋଲରେ ପରିଣତ ହେବା ଆଶ୍ଚର୍ଯ୍ୟ କରିଥିଲା। ୨୦ ମିନିଟ୍ ମଧ୍ୟରେ ନେଦରଲାଣ୍ଡ୍ସ ୨–୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଏହାପରେ ଅଷ୍ଟ୍ରେଲିଆ ଦୃଷ୍ଟାନ୍ତମୂଳକ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲା। ହୋୱାର୍ଡ ୩–୪ଥର ସୁଯୋଗ ସୃଷ୍ଟିକରି ଶେଷରେ ସଫଳ ହୋଇଥିଲେ ଏବଂ ଅଷ୍ଟ୍ରେଲିଆ ତାଙ୍କ ମାଧ୍ୟମରେ ଗୋଟିଏ ଗୋଲ ପରିଶୋଧ କରିଥିଲା। ଶେଷ ମୁହୂର୍ତ୍ତ ଗୋଲ ବଳରେ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ଶୁଟ୍‌ଆଉଟ ପର୍ଯ୍ୟାୟକୁ ନେଇଯାଇଥିଲା। ସ୍ୱାନ, ଡସନ, ବ୍ରାଣ୍ଡ, ଓକେନଡେନ ଓ ବାଲେଙ୍କ କମ୍ବିନେଶନ ବ୍ୟାକ୍ ଲାଇନ୍‌ରୁ ବଲ୍‌କୁ ଆଣି ପ୍ରତିପକ୍ଷ ସର୍କଲ ଭିତରେ ଆକ୍ରମଣକୁ ଜୋରଦାର କରିଥିଲା। ମ୍ୟାଚ୍ ଶେଷ ହେବା ପାଇଁ ୨୬ ସେକେଣ୍ଡ ଥିବାବେଳେ ଇଡି ଓକେନଡେନଙ୍କ ଶକ୍ତିଶାଳୀ ଶଟ୍ ପ୍ରତପକ୍ଷ ଗୋଲକିପର ବ୍ଲାକ୍‌ଙ୍କୁ ଚକ୍‌ମା ଦେବାରେ ପର୍ଯ୍ୟାପ୍ତ ଥିଲା। ଶୁଟ୍ ଆଉଟ୍‌ରେ ନେଦରଲାଣ୍ଡ୍ସ ପଛୁଆ ହୋଇଯାଇଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ସଡନ୍ ଡେଥ୍‌ରେ ଅଷ୍ଟ୍ରେଲିଆର ବାଲେଙ୍କ ବିପକ୍ଷରେ ନେଦରଲାଣ୍ଡ୍ସର ପିରମିନ ବ୍ଲାକ୍‌ଙ୍କ ସୁଇପ୍ ଫଳାଫଳରେ ଭିନ୍ନତା ଆଣିଲା। କ୍ରମାଗତ ୫ମ ଥର ପାଇଁ ବିଶ୍ୱକପ୍ ଫାଇନାଲ ଖେଳିବାକୁ କୋକାବୁରା ଦଳ ଯେଉଁ ସ୍ୱପ୍ନ ଦେଖିଥିଲା, ତାହା ଅଧୁରା ରହିଗଲା।

ଅନ୍ୟ ଏକ ସେମିଫାଇନାଲରେ ଇଂଲଣ୍ଡକୁ ବେଲ୍‌ଜିୟମ ୬–୦ ଗୋଲରେ ହରାଇଲା। ସେହିପରି ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୮–୧ ଗୋଲରେ ଇଂଲଣ୍ଡକୁ ପରାସ୍ତ କଲା। ତେଣୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ୩ଟି ଦଳ ପଦକ ହାସଲ କଲେ ବୋଲି କହିବାକୁ ହେବ। ଅନ୍ୟପକ୍ଷରେ ଭାରତ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ତୀବ୍ର ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସ ନିକଟରୁ ଅଳ୍ପକେ ପରାଜିତ ହୋଇଥିଲା। ଶେଷରେ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିବା ବେଲ୍‌ଜିୟମ ବିପକ୍ଷ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌କୁ ମଧ୍ୟ ଡ୍ର ରଖିବାରେ ସକ୍ଷମ ହୋଇଥିଲା।

(ଗେମ୍ ପ୍ଲାନ୍)








# ପରାଜୟ ଦ୍ୱାରରେ ଭାରତ

**ପର୍ଥ, ୧୭।୧୨(ପି.ଟି.)**

ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଚାଲିଥିବା ୨ୟ ଟେଷ୍ଟ ମ୍ୟାଚରେ ଭାରତୀୟ ଦଳ ପରାଜୟ ଦ୍ୱାରରେ ପହଞ୍ଚିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୮୭ ରନର ଟାର୍ଗେଟ୍‌କୁ ପିଛା କରି ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ସୋମବାର ୪ର୍ଥ ଦିବସ ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସରେ ୫ ଉଇକେଟ୍ ହରାଇ ୧୧୨ ରନ କରିଛି। ଅନ୍ତିମ ସେସନରେ ବ୍ୟାଟ୍ସମ୍ୟାନ ଯୋଡ଼ି ଭାବେ ହନୁମା ବିହାରୀ ୨୪ ଓ ଋଷଭ ପନ୍ତ ୯ ରନ କରି ଅପରାଜିତ ରହିଛନ୍ତି। ମଙ୍ଗଳବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାବେଳେ ଭାରତକୁ ବିଜୟ ପାଇଁ ବଳକା ୫ ଉଇକେଟ୍‌ରେ ଆଉ ୧୭୫ ରନର ଆବଶ୍ୟକ ହେଉଛି। ଅଧା ଖେଳାଳି ପାଭିଲିୟନ ଫେରିଯାଇଥିବାରୁ ପର୍ଥର ଏହି ଫାଷ୍ଟ ଉଇକେଟ୍‌ରେ ଅନ୍ତିମ ଦିବସରେ ଟାର୍ଗେଟ୍ ହାସଲ କରିବା ଭାରତପକ୍ଷେ ବେଶ୍ କଷ୍ଟସାଧ୍ୟ ହେବ। ଅପରପକ୍ଷରେ ପ୍ରଥମ ଟେଷ୍ଟରେ ପରାଜୟବରଣ କରିଥିବା ଅଷ୍ଟ୍ରେଲିଆ ନିକଟରେ ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ସୁବର୍ଣ୍ଣ ସୁଯୋଗ ରହିଛି। ପ୍ରଥମ ଇନିଂସରେ ୪୩ ରନରେ ଅଗ୍ରଣୀ ହାସଲ କରିଥିବା ଅଷ୍ଟ୍ରେଲିଆ ରବିବାର ଖେଳ ଶେଷ ସୁଦ୍ଧା ୨ୟ ଇନିଂସରେ ୪ ଉଇକେଟ୍ ହରାଇ ୧୩୨ ରନ କରିଥିଲା। ସୋମବାର ଏହି ଅସମାପ୍ତ ଇନିଂସରୁ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଦଳୀୟ ସ୍କୋରରେ ଆଉ ୧୧୧ ରନ ଯୋଡ଼ି ୨୪୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଉସମାନ ଖ୍ୱାଜା ସର୍ବାଧିକ ୭୨ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଟିମ୍ ପେନ୍ ୩୭, ମିଚେଲ ଷ୍ଟାର୍କ ୧୪, ଜୋଶ୍ ହାଜେଲଉଡ୍ ୧୭*, ନାଥନ ଲିୟନ ୫ ଓ ପ୍ୟାଟ୍ କମିନ୍ସ ୧ ରନ କରିଥିଲେ। ଭ୍ରମଣକାରୀ ଭାରତ ପକ୍ଷରୁ ମହମ୍ମଦ ସାମି ସବୁଠାରୁ ସଫଳ ବୋଲର ରହିଥିଲେ। ସେ ୬ଟି ଉଇକେଟ୍ ନେଇଥିବାବେଳେ ଯଶପ୍ରୀତ ବୁମ୍‌ରା (୩) ଓ ଇଶାନ୍ତ ଶର୍ମା (୧) ବଳକା ଉଇକେଟ୍ ବାଣ୍ଟି ନେଇଥିଲେ। ସାମିଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ବୋଲିଂ ଫିଗର ରହିଥିଲା। ଚତୁର୍ଥ ଥର ଲାଗି ସେ ଗୋଟିଏ ଇନିଂସରେ ୫ ବା ତଦୂର୍ଦ୍ଧ୍ୱ ଉଇକେଟ୍ ନେବାରେ ସଫଳତା ପାଇଛନ୍ତି। ସେହିଭଳି ଭାରତୀୟ ବୋଲରଭାବେ ଗୋଟିଏ କ୍ୟାଲେଣ୍ଡରରେ ବିଦେଶରେ ସର୍ବାଧିକ ଟେଷ୍ଟ ଉଇକେଟ୍ ନେବାରେ ସାମି ପ୍ରାକ୍ତନ ସ୍ପିନର ଅନିଲ କୁମ୍ବଲେଙ୍କ ରେକର୍ଡକୁ ପଛରେ ପକାଇ ଦେଇଛନ୍ତି। କୁମ୍ବଲେ ଗୋଟିଏ କ୍ୟାଲେଣ୍ଡରରେ ବିଦେଶ ମାଟିରେ ୪୧ ଉଇକେଟ୍ ନେଇଥିବାବେଳେ ସାମି (୪୨) ଏହାକୁ ଅତିକ୍ରମ କରିଛନ୍ତି।

ଜବାବରେ ୨୮୭ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତ ପ୍ରାରମ୍ଭରୁ ଲୋକେଶ ରାହୁଲ (୦) ଓ ଚେତେଶ୍ୱର ପୂଜାରାଙ୍କ (୪) ଉଇକେଟ୍ ହରାଇ ନୈରାଶ୍ୟଜନକ ଆରମ୍ଭ କରିଥିଲା। ପ୍ରଥମ ଇନିଂସରେ ୨ ରନ କରିଥିବା ରାହୁଲ ପୁଣିଥରେ ନିରାଶ କରିଛନ୍ତି। ସେହିଭଳି ଅନ୍ୟତମ ଓପନର୍ ମୁରଲୀ ବିଜୟ (୨୦)ଙ୍କ ସମେତ ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ଓ ଅଧିନାୟକ କୋହଲି ବଡ଼ ଇନିଂସ ଖେଳିବାରେ ବିଫଳ ହେବାରୁ ଭାରତ ୧୦୦ ରନ ପୂରଣ ହେବାପୂର୍ବରୁ ୫ ଶୀର୍ଷକ୍ରମ ବ୍ୟାଟ୍ସମ୍ୟାନଙ୍କୁ ହରାଇ ସାରିଥିଲା। ପୂଜାରା ୪ ରନ ଓ କୋହଲି ୧୭ ରନ କରି ଯଥାକ୍ରମେ ଜୋଶ୍ ହାଜେଲଉଡ୍ ଓ ଲିୟନଙ୍କ ଶିକାର ହୋଇଥିଲେ। ତେବେ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଯୁବ ବ୍ୟାଟ୍ସମ୍ୟାନ ହନୁମା ବିହାରୀ (୨୪ ରନ, ୪ଚୌକା) ଓ ଋଷଭ ପନ୍ତ (୯ ରନ) ଅପରାଜିତ ରହି ଦଳକୁ ଆଉ କୌଣସି କ୍ଷତି ହେବାକୁ ଦେଇ ନାହାନ୍ତି। ଭାରତ ୪୧ ଓଭରରେ ୫ ଉଇକେଟ୍ ବିନିମୟରେ ୧୧୨ ରନ କରିଛି। ହାଜେଲଉଡ୍ ଓ ଲିୟନ ୨ଟି ଲେଖାଏ ଏବଂ ଷ୍ଟାର୍କଙ୍କୁ ଗୋଟିଏ ଉଇକେଟ୍ ମିଳିଛି।

### ସଂକ୍ଷିପ୍ତ ସ୍କୋର

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୩୨୬ରେ ଅଲ୍‌ଆଉଟ୍।
- ଭାରତ ପ୍ରଥମ ଇନିଂସ- ୨୮୩ରେ ଅଲ୍‌ଆଉଟ୍।
- ଅଷ୍ଟ୍ରେଲିଆ ୨ୟ ଇନିଂସ- ୨୪୩ରେ ଅଲ୍‌ଆଉଟ୍ (ଖ୍ୱାଜା ୭୨, ପେନ୍ ୩୭, ହାଜେଲଉଡ୍ ୧୭*, ସାମି ୬/୫୬, ବୁମ୍‌ରା ୩/୩୯)।
- ଭାରତ ୨ୟ ଇନିଂସ- ୧୧୨/୫, ୪୧ ଓଭର (କୋହଲି ୧୭, ପୂଜାରା ୪, ରାହାନେ ୩୦, ବିହାରୀ ୨୪*, ପନ୍ତ ୯*, ହାଜେଲଉଡ୍ ୨/୨୪)।

## ପୃଥ୍ୱୀ ଶ'ଙ୍କ ବଦଳରେ ମୟଙ୍କ

ଆଘାତପ୍ରାପ୍ତ ପୃଥ୍ୱୀ ଶ' ଅଷ୍ଟ୍ରେଲିଆ ବିପକ୍ଷ ସମଗ୍ର ଟେଷ୍ଟ ସିରିଜରୁ ବାଦ୍ ପଡ଼ିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କ ସ୍ଥାନରେ ଯୁବ ଓପନର ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ସାମିଲ କରିଛି। କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ବିପକ୍ଷ ଏକ ଅଭ୍ୟାସ ଗେମ୍ ବେଳେ ଏକ କ୍ୟାଚ୍ ଧରିବା ଲାଗି ଉଦ୍ୟମ କରୁଥିବାବେଳେ ତାଙ୍କ ବାମ ଗୋଇଠିରେ ଆଘାତ ଲାଗିଛି। ସିଡ୍‌ନୀଠାରେ ମୁମ୍ବାଇର ଏହି ୧୯ବର୍ଷୀୟ ବ୍ୟାଟ୍ସମ୍ୟାନ ୬୬ ରନ ସ୍କୋର କରିଥିଲେ। ଅଲଇଣ୍ଡିଆ ସିନିୟର ସିଲେକ୍ସନ କମିଟି ଶ'ଙ୍କ ସ୍ଥାନରେ ମୟଙ୍କ ଅଗ୍ରୱାଲଙ୍କୁ ମନୋନୀତ କରିଥିବା ବିସିସିଆଇ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ପ୍ରଥମ ଦୁଇଟି ଟେଷ୍ଟରେ କେଏଲ ରାହୁଲଙ୍କ ପ୍ରଦର୍ଶନ ନୈରାଶ୍ୟଜନ ରହିଛି। ତେଣୁ ଟିମ୍ ମ୍ୟାନେଜମେଣ୍ଟ ହୁଏତ କର୍ଣ୍ଣାଟକର ୨୭ ବର୍ଷୀୟ ଅଗ୍ରୱାଲଙ୍କୁ ଟେଷ୍ଟ ପଦାର୍ପଣର ସୁଯୋଗ ଦେଇପାରେ। ରାହୁଲ ଆଡିଲେଡଠାରେ ୨ ଓ ୪୪ କରିଥିବାବେଳେ ପର୍ଥଠାରେ ୨ ଓ '୦' କରିଛନ୍ତି। ଏପର୍ଯ୍ୟନ୍ତ ୪୬ ପ୍ରଥମଶ୍ରେଣୀ ଗେମ୍ ଖେଳି ସାରିଥିବା ଅଗ୍ରୱାଲ ରଣଜୀ ଟ୍ରଫିରେ ଗୁଜରାଟ ବିପକ୍ଷରେ ତାଙ୍କ ଶେଷ ମ୍ୟାଚ ତାଙ୍କ ଦଳ ପକ୍ଷରୁ ୨୫ ଓ ୫୩ ରନ ସ୍କୋର କରିଛନ୍ତି। ଚୟନକର୍ତ୍ତାମାନେ ଆହୁରି ମଧ୍ୟ ଯଥାକ୍ରମେ ମେଲବୋର୍ନ ଓ ସିଡ୍‌ନୀଠାରେ ଖେଳାଯିବାକୁଥିବା ତୃତୀୟ ଓ ଚତୁର୍ଥ ଟେଷ୍ଟ ପାଇଁ ଭାରତୀୟ ଦଳରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସାମିଲ କରିଛନ୍ତି। ଡିସେମ୍ବର ୨୬ରେ ମେଲବୋର୍ନଠାରେ ତୃତୀୟ ଟେଷ୍ଟ ଆରମ୍ଭ ହେବ।

**ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଓ ଚତୁର୍ଥ ଟେଷ୍ଟ ପାଇଁ ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଏମ୍. ବିଜୟ, କେଏଲ ରାହୁଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପଅଧିନାୟକ), ହନୁମା ବିହାରୀ, ରୋହିତ ଶର୍ମା, ରିଷଭ ପନ୍ତ୍ (ଉଇକେଟକିପର), ପାର୍ଥିବ ପଟେଲ (ଉଇକେଟକିପର), ଆର. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ସାମି, ଈଶାନ୍ତ ଶର୍ମା, ଉମେଶ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର, ହାର୍ଦ୍ଦିକ ପାଣ୍ଡ୍ୟା ଓ ମୟଙ୍କ ଅଗ୍ରୱାଲ।

## ଜାତୀୟ ରେକର୍ଡ କଲେ ଅପୂର୍ବା

**ନୂଆଦିଲ୍ଲୀ, ୧୭।୧୨ (ପି.ଟି.):**

ଅଲ୍‌ଟ୍ରା ରନର ଅପୂର୍ବା ଚୌଧାରୀ ଏକ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଏଠାରେ ଅନୁଷ୍ଠିତ ଏନଇବି ଟ୍ୱେଣ୍ଟି ଫୋର୍ ଆୱାର ଷ୍ଟାଡିୟମ ରନ୍‌ରେ ୧୭୬.୮ କିମି ଶେଷ କରିଥିଲେ। ଏହା ଏକ ୨୪ ଘଣ୍ଟିଆ ମହିଳା ଇଭେଣ୍ଟ। ୨୮ ବର୍ଷୀୟା ଅପୂର୍ବାଙ୍କ ଜନ୍ମ ସ୍ଥାନ ହେଉଛି ଉତ୍ତର ପ୍ରଦେଶରେ ବିଜ୍‌ନୋରରେ। ପୂର୍ବରୁ ମୀନାଲ କୋଟାଲଙ୍କ ନାମରେ ଥିବା ରେକର୍ଡ (୧୭୫.୪ କିମି)କୁ ସେ ଭଙ୍ଗ କରିଦେଇଥିଲେ। ଏହାଥିଲା ତାଙ୍କର ତୃତୀୟ ଅଲ୍‌ଟ୍ରା ମାରାଥନ ରେସ୍। ୨୪ ଘଣ୍ଟା ମଧ୍ୟରେ ୧୦୦ ମାଇଲ (୧୬୦କି.ମି.)ରୁ ଅଧିକ ଦୌଡ଼ିବାରେ ମୀନାଲ ହିମା ସଇନୀ (୧୭୨.୩ କି.ମି.) ଓ ଅପର୍ଣ୍ଣା ଚୌଧାରୀ (୧୬୯.୨କି.ମି.)ଙ୍କ ପରେ ଅପୂର୍ବା ହେଉଛନ୍ତି ଚତୁର୍ଥ ଭାରତୀୟ ମହିଳା। ରବିବାର ଜବାହାରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ୨୪ ଘଣ୍ଟିଆ ପୁରୁଷ ଦୌଡ଼ରେ ବେଙ୍ଗାଲୁରୁର ପ୍ରଣୟ ମହାନ୍ତି ୨୦୬.୮ କି.ମି. ଶେଷ କରିଥିଲେ। ସେ ତୃତୀୟ ଭାରତୀୟ ଭାବେ ୨୦୦କି.ମି ଦୂରତା ଅତିକ୍ରମ କରିଛନ୍ତି।

CLASSIFIED DISPLAY

Need Authorised Distributor for
Hindustan Coca-Cola Beverages Pvt Ltd
AT BHUBANESWAR
PLEASE CONTACT
9771491516, 7077788033




TRISAKHA GREEN
(FARM HOUSE PLOTS)
On Bhubaneswar-Puri Road Near Mangalpur NH 316
- Well Developed Homestead Plot.
- For Future Investment Purpose.
- Entire Project is Electrifield.
- Bank Finance is also available.
- Reasonable Price.
- First Possession then Registration.
Rs. 190/- Per Sq. ft
Mob: 7326837199, 9861747353

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ କ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

**BEFORE THE COURT OF DISTRICT MAGISTRATE-CUM-COLLECTOR, KHURDA**
**Bank Misc. Case No. 70/17**
(U/s 14 of SARFAESI Act)

**Allahabad Bank, Bapuji Nagar, Bhubaneswar** ...Petitioner
Vrs
**Srinivas Rao Gumprti & Mamata Gumprti** ...Opp. Parties

To
**Sri Srinivas Rao Gumprti,** S/o: Anaji Rao Gumprti & **Smt. Mamata Gumprti,** W/o: Sri Srinivas Rao Gumprti, Arabinda Nagar, 3rd Lane, Berhampur, Dist.: Ganjam-760001.

Take notice that the above named petitioner has filed an application U/S 14 of the SARFAESI Act vide **Bank Misc. Case No. 70/17** against you for the purpose of taking physical possession of the secured Assets. Above notice was sent to you by Regd. Post, but the same was returned. You are hereby informed to appear in person or through your pleader on **11.01.2019** at **10.00 AM** in the Court to answer the claim, failing which the aforesaid matter will be decided in your absence.

**By the orders of DM & Collector (Khurda)**

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା**

## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ

**"ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବ"**

**ତାରିଖ: ୧୮ ଓ ୧୯ ଡିସେମ୍ବର, ୨୦୧୮**
**ସନ୍ଧ୍ୟା ଘ. ୬.୩୦ ମିନିଟ୍**
**ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର**

**ସାଂସ୍କୃତିକ କାର୍ଯ୍ୟକ୍ରମ :** ରାଜ୍ୟର ପ୍ରତିଷ୍ଠିତ ଗୀତିନାଟ୍ୟାନୁଷ୍ଠାନମାନଙ୍କ ଦ୍ୱାରା ଗୀତିନାଟ୍ୟ ପରିବେଷଣ କରାଯିବ।

ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ସାଦର ନିମନ୍ତ୍ରଣ।

**ଡ. ବିଜୟ କୁମାର ଜେନା**
ସଚିବ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

**ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି**

always with U
ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି, ସା/ପୋ : ପିପିଲି, ଜିଲ୍ଲା: ପୁରୀ, ଫୋନ୍ ନଂ.: ୦୬୭୫୮-୨୪୧୭୧୮, ମୋ.: ୯୮୬୧୩୫୫୮୦୭

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦ ଟେଣ୍ଡର ସହ ପ୍ରତ୍ୟେକ ଗାଡ଼ି ନିମନ୍ତେ ଭିନ୍ନ ଭିନ୍ନ ଲଫାପାରେ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ ଭୁବନେଶ୍ୱରକୁ ପୈଠ ଦର୍ଶାଇ** ନିମ୍ନରେ ସମ୍ପୃକ୍ତ ଶାଖା ନିମନ୍ତେ ଦର୍ଶିତ ନିଲାମ ତାରିଖ ଦିନ **ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି** ଠାରେ **ଅପରାହ୍ନ ୧.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବନ୍ଦ ଲଫାପା ଉପରେ **"ଗାଡ଼ି ନିଲାମ ବିକ୍ରୟ", ଶାଖାର ନାମ, ଗାଡିର ମଡେଲ, ଗାଡି ନଂ. କିମ୍ବା ଇଞ୍ଜିନ ନଂ.** ଉଲ୍ଲେଖ କରିବା ଉଚିତ।

| କ୍ର. ନଂ. | ଶାଖା / ନିଲାମ ସ୍ଥାନ ଏବଂ ତାରିଖ / ଲୋନ୍ ଆକାଉଣ୍ଟ ନଂ / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଗାଡ଼ିର ମଡ଼େଲ / ଗାଡ଼ି ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି |
|---|---|---|---|
| | **ଅସ୍ତରଙ୍ଗ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୨୯.୧୨.୨୦୧୮ ରିଖ** | | |
| ୧. | ଆକାଉଣ୍ଟ ନଂ.: ୦୦୦୧୦୩୬୪୧୦୦୦୦୧୬ / ଋଣଗ୍ରହୀତା: ବାବୁରାମ ସାହୁ, ପିତା: ମଥୁରୀ ସାହୁ, ସା: ଦକ୍ଷିଣପତାଳ, ପୋ: ନଗର, ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Mahindra 475 DI Tractor (only engine), REGD NO.: OR-13-F-8084, ENGINE NO.: RLBW01807, CHASSIS NO.: RLBW01807 | ଟ.୬୦,୦୦୦/- / ଟ.୬,୦୦୦/- |
| ୨. | ଆକାଉଣ୍ଟ ନଂ.: ୦୦୦୧୦୩୬୪୧୦୦୦୦୩୫ / ଋଣଗ୍ରହୀତା: ବାମନ କାଣ୍ଡି, ପିତା: ୰ ଚିନ୍ତାମଣି କାଣ୍ଡି, ସା/ପୋ/ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Mahindra Bolero Plus, REGD NO.: OR-02-BL-0793, ENGINE NO.: GHA4M58500, CHASSIS NO.: MALWL2GHKA2N91044 | ଟ.୬୦,୦୦୦/- / ଟ.୬,୦୦୦/- |
| ୩. | ଆକାଉଣ୍ଟ ନଂ.: ୦୦୦୧୦୩୧୭୧୨୦୦୦୦୬ / ଋଣଗ୍ରହୀତା: ଅଶୋକ ରାଉତ, ପିତା: ୰ ଗଣେଶ ରାଉତ, ସା: ବେଗୁନିଆବନ୍ତ, ପାଟଣା, ପୋ/ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Tata Magic IRIS, REGD NO.: OR-02-BV-9486, ENGINE NO.: AIL0570776, CHASSIS NO.: MAT491121CJA00852 | ଟ.୩୦,୦୦୦/- / ଟ.୬,୦୦୦/- |
| ୪. | ଆକାଉଣ୍ଟ ନଂ.: ୦୦୦୧୦୩୧୭୧୨୦୦୦୦୮ / ଋଣଗ୍ରହୀତା: ନିରଞ୍ଜନ ବେହେରା, ପିତା: ରବି ବେହେରା, ସା: ସାହାଣ, ପୋ: କୁସୁମର, ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Tata Magic ACE Hit, REGD NO.: OR-02-BV-9215, ENGINE NO.: 2751D106AXY504159, CHASSIS NO.: MAT445112CAVA01767 | ଟ.୪୧,୨୫୦/- / ଟ.୬,୦୦୦/- |
| ୫. | ଆକାଉଣ୍ଟ ନଂ.: ୦୦୦୧୦୩୧୭୧୧୦୦୦୧୫ / ଋଣଗ୍ରହୀତା: ନିରଞ୍ଜନ ଦାସ, ପିତା: ଧନେଶ୍ୱର ଦାସ, ସା: ବେଗୁନିଆବନ୍ତ, ପାଟଣା, ପୋ/ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Piaggio Ape Auto, REGD NO.: OR-02-BT-1806, ENGINE NO.: PIJ4067509, CHASSIS NO.: MBX0000ZFNK387720 | ଟ.୨୨,୫୦୦/- / ଟ.୩,୦୦୦/- |
| ୬. | ଆକାଉଣ୍ଟ ନଂ.: ୦୦୦୧୦୩୭୨୧୪୦୦୦୦୨ / ଋଣଗ୍ରହୀତା: ଭାନୁ ମଲ୍ଲିକ, ସ୍ୱାମୀ: ବସନ୍ତ ମଲ୍ଲିକ, ସା: କେନ୍ଦ୍ରାପଟୀ, ପୋ: ନମାରୋ, ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Hyundai Verna Car, REGD NO.: OD-02-N-5924, ENGINE NO.: DUFCCV266056, CHASSIS NO.: MALC41RIDM11616C | ଟ.୨,୭୭,୫୦୦/- / ଟ.୬,୦୦୦/- |
| | **ଏରବଙ୍ଗ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୨୯.୧୨.୨୦୧୮ ରିଖ** | | |
| ୭. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୧୨୬ / ଋଣଗ୍ରହୀତା: ପ୍ରକାଶ ଦାସ, ପିତା: ବାମଦେବ ଦାସ, ସା: ମଣ୍ଡୁପଡା, ପୋ: ମହଲପଡା, ଜିଲ୍ଲା: ପୁରୀ | Mahindra 475 DI Tractor (Engine & Trolly), REGD NO.: OD-13-9528/9529, ENGINE NO.: RAU003239, CHASSIS NO. RAU003239 | ଟ.୯୦,୦୦୦/- / ଟ.୬,୦୦୦/- |
| ୮. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୩୩ / ଋଣଗ୍ରହୀତା: କପିଳ ପ୍ରଧାନ, ପିତା: ଗୋପାଳ ପ୍ରଧାନ, ସା: ଶିଶୋ, ପୋ: ଗଣେଶ୍ୱରପୁର, ଜିଲ୍ଲା: ପୁରୀ | Farm Track Tractor & Trolly, REGD NO.: OD-13-1435/1436, ENGINE NO.: S2F8027042, CHASSIS NO.: SSSJU661213 | ଟ.୬୦,୦୦୦/- / ଟ.୬,୦୦୦/- |
| ୯. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୧୦୧ / ଋଣଗ୍ରହୀତା: ଶରତ ଚନ୍ଦ୍ର ସ୍ୱାଇଁ, ପିତା: ବାଞ୍ଛାନିଧି ସ୍ୱାଇଁ, ସା/ପୋ: ବେଗୁନିଆ, ଥାନା: ଗୋପ, ଜିଲ୍ଲା: ପୁରୀ | New Holland 3032 Tractor (only Engine), REGD NO.: OD-33-B-1788, ENGINE NO.: D28374, CHASSIS NO.: 4218964 | ଟ.୧,୧୨,୫୦୦/- / ଟ.୬,୦୦୦/- |
| ୧୦. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୧୧ / ଋଣଗ୍ରହୀତା: ଭାସ୍କର ଜେନା, ପିତା: ଇଶ୍ୱର ଜେନା, ସା: କଳସୁଆଁ, ପୋ: କୁରୁଜଙ୍ଗ, ଜିଲ୍ଲା: ପୁରୀ | Bajaj RE Auto, REGD NO.: OR-02-BX-9382, ENGINE NO.: BGMVA00080, CHASSIS NO.: MD2AABHZZVWA00184 | ଟ.୨୬,୨୫୦/- / ଟ.୩,୦୦୦/- |
| ୧୧. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୨୩ / ଋଣଗ୍ରହୀତା: କମଳା ଜେନା, ସ୍ୱାମୀ: ଭୀମସେନ ଜେନା, ସା/ପୋ: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Mahindra 475 DI (only engine), REGD NO.: OD-02-F-9641, ENGINE NO.: NJNWL1392, CHASSIS NO.: NJNWL1392 | ଟ.୬୦,୦୦୦/- / ଟ.୬,୦୦୦/- |
| ୧୨. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୦୮ / ଋଣଗ୍ରହୀତା: ମିତ୍ରଭାନୁ ପରିଡ଼ା, ପିତା: ଚେମେଇ ପରିଡ଼ା, ସା: ସିମିଳି, ପୋ: ମାଟିଆପଡ଼ା, ଜିଲ୍ଲା: ପୁରୀ | Eicher 333 Tractor (only engine), REGD NO.: OD-33-C-8967, ENGINE NO.: 519729187692, CHASSIS NO.: 919810276014 | ଟ.୭୫,୦୦୦/- / ଟ.୬,୦୦୦/- |
| ୧୩. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୫୨ / ଋଣଗ୍ରହୀତା: କାମିନୀବାଳା ସ୍ୱାଇଁ, ମାର୍ଫତ: ପ୍ରଦୀପ୍ତ କୁମାର ପ୍ରଧାନ, ସା/ପୋ: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Mahindra Alfa Auto, REGD NO.: OR-02-5984, ENGINE NO.: AZG0644713, CHASSIS NO.: C5G77744 | ଟ.୨୬,୨୫୦/- / ଟ.୩,୦୦୦/- |
| | **ବାଳକାଟି ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୧୨.୨୦୧୮ ରିଖ** | | |
| ୧୪. | ଆକାଉଣ୍ଟ ନଂ.: ୦୦୦୬୦୩୧୭୧୨୦୦୦୦୯ / ଋଣଗ୍ରହୀତା: କସ୍ତୁରୀ ଭୋଇ, ପିତା: କୁମର ଭୋଇ, ସା: ବିଲିପଡା, ପୋ: ବିନାୟକପୁର, ଜିଲ୍ଲା: ପୁରୀ | Indigo ECS IX Car, REGD NO.: OR-02-BW-6781, ENGINE NO.: 4751DT14X4P03402, CHASSIS NO. MAT607146CWA04507 | ଟ.୭୫,୦୦୦/- / ଟ.୬,୦୦୦/- |
| | **ଭୁଣେଇ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୧୨.୨୦୧୮ ରିଖ** | | |
| ୧୫. | ଆକାଉଣ୍ଟ ନଂ.: ୦୦୪୭୦୩୧୭୧୨୦୦୦୨୩ / ଋଣଗ୍ରହୀତା: ତ୍ରିବିକ୍ରମ ସାହୁ, ପିତା: ସୁରେନ୍ଦ୍ରନାଥ ସାହୁ, ସା: ନେତପୁର, ପୋ: ନାଗପୁର, ଜିଲ୍ଲା: ପୁରୀ | Mahindra 475 DI Tractor & Trolly, REGD NO.: OD-13-A-9264/9265, ENGINE NO.: NJNY00059, CHASSIS NO.: NJNY00059 | ଟ.୧,୩୧,୨୫୦/- / ଟ.୬,୦୦୦/- |
| ୧୬. | ଆକାଉଣ୍ଟ ନଂ.: ୦୦୪୭୦୩୧୭୧୧୦୦୦୧୮ / ଋଣଗ୍ରହୀତା: ରତ୍ନାକର ଜେନା, ପିତା: କାଶିନାଥ ଜେନା, ସା: ସାଉରିଆ, ପୋ: ବୀରତୁଙ୍ଗ, ଜିଲ୍ଲା: ପୁରୀ | Mahindra 475 DI Tractor (only engine), REGD NO. OR-13-H-0980, ENGINE NO.: RAU002281, CHASSIS NO.: RAU002281 | ଟ.୯୭,୫୦୦/- / ଟ.୬,୦୦୦/- |
| ୧୭. | ଆକାଉଣ୍ଟ ନଂ.: ୦୦୪୭୦୩୭୨୧୩୦୦୦୦୨ / ଋଣଗ୍ରହୀତା: ସରୋଜିନୀ ପରିଡ଼ା, ସ୍ୱାମୀ: ୰ ଅନଙ୍ଗଭୀମ, ସା: ବେରୁହାଁ (ଝିଙ୍କିରିଆ), ପୋ: ଗଡ଼ରୂପାସ, ଜିଲ୍ଲା: ପୁରୀ | Mahindra 475 Tractor & Trolly, ENGINE NO.: RJNY01495, CHASSIS NO.: RJNY01495 | ଟ.୯୦,୦୦୦/- / ଟ.୬,୦୦୦/- |
| ୧୮. | ଆକାଉଣ୍ଟ ନଂ.: ୦୦୪୭୦୩୧୭୧୨୦୦୦୧୪ / ଋଣଗ୍ରହୀତା: ବିଭୂତି ଭୂଷଣ ପ୍ରଧାନ, ପିତା: କ୍ଷେତ୍ରମୋହନ ପ୍ରଧାନ, ସା/ପୋ: ଗଡ଼ରୂପାସ, ଜିଲ୍ଲା: ପୁରୀ | New Holland 3037 Tractor & Trolly, REGD NO.: OD-13-3979/3980, ENGINE NO.: D86026, CHASSIS NO.: 6205281 | ଟ.୯୩,୭୫୦/- / ଟ.୬,୦୦୦/- |
| ୧୯. | ଆକାଉଣ୍ଟ ନଂ.: ୦୦୪୭୦୩୧୭୧୨୦୦୦୩୧ / ଋଣଗ୍ରହୀତା: କଳ୍ପନା ପ୍ରଧାନ, ସ୍ୱାମୀ: ଭାସ୍କର ଚନ୍ଦ୍ର ପ୍ରଧାନ, ସା: ବାଣିଲୋ, ପୋ: ସାରଦା, ଜିଲ୍ଲା: ପୁରୀ | Tata Ace Ex Pickup Van, REGD NO.: OD-02-C-8506, ENGINE NO.: 2751D106MX4SR6190, CHASSIS NO.: MAT445227CZDA7224 | ଟ.୪୮,୭୫୦/- / ଟ.୬,୦୦୦/- |
| ୨୦. | ଆକାଉଣ୍ଟ ନଂ.: ୦୦୪୭୦୩୭୨୧୩୦୦୦୦୬ / ଋଣଗ୍ରହୀତା: ବଟକୃଷ୍ଣ ବାରିକ, ପିତା: କୁଳମଣି ବାରିକ, ସା: ବିଅଁଳ, ପୋ: କୁରୁଜଙ୍ଗ, ଜିଲ୍ଲା: ପୁରୀ | Mahindra Yubraj 215 Mini Tractor & Trolly | ଟ.୪୮,୭୫୦/- / ଟ.୬,୦୦୦/- |
| | **ନରିଶ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୧୨.୨୦୧୮ ରିଖ** | | |
| ୨୧. | ଆକାଉଣ୍ଟ ନଂ.: ୦୦୬୯୦୩୧୭୧୧୦୦୦୧୦ / ଋଣଗ୍ରହୀତା: ବିକାଶ ଚନ୍ଦ୍ର ମୁଦୁଲି, ପିତା: ଗୋବିନ୍ଦ ଚନ୍ଦ୍ର ମୁଦୁଲି, ସା: ବଡ଼ବଜାର, ପୋ: ନିମାପଡ଼ା, ଜିଲ୍ଲା: ପୁରୀ | SCORPIO 2.6 TURBO, REGD NO.: OR-02-BU-0107, ENGINE NO.: GMB4H55581, CHASSIS NO.: MA1TA2GMKB2H21061 | ଟ.୧,୮୭,୫୦୦/- / ଟ.୬,୦୦୦/- |
| | **ନିମାପଡ଼ା ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୧୨.୨୦୧୮ ରିଖ** | | |
| ୨୨. | ଆକାଉଣ୍ଟ ନଂ.: ୦୦୭୨୦୩୧୭୧୨୦୦୦୨୮ / ଋଣଗ୍ରହୀତା: କମଳାକାନ୍ତ ପଲେଇ, ପିତା: ସତ୍ୟପ୍ରିୟ ପଲେଇ, ସା: ଛିଟିକଣା, ପୋ: ବନ୍ତୁଗ୍ରାମ, ନିମାପଡ଼ା, ଜିଲ୍ଲା: ପୁରୀ | Mahindra Tractor, REGD NO.: OD-13-0801, ENGINE NO.: RAU03049, CHASSIS NO.: RAU03049 | ଟ.୭୫,୦୦୦ / ଟ.୬,୦୦୦/- |
| | **ପିପିଲି ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୧୨.୨୦୧୮ ରିଖ** | | |
| ୨୩. | ଆକାଉଣ୍ଟ ନଂ.: ୦୦୮୨୦୩୧୭୧୨୦୦୦୧୬ / ଋଣଗ୍ରହୀତା: ସୁଷମା ପ୍ରଧାନ, ସ୍ୱାମୀ: ଚକ୍ରଧର ପ୍ରଧାନ, ସା: ଗୋବର୍ଦ୍ଧନପୁର, ସୁଲତାନନଗର, ପୋ: ପିପିଲି, ଜିଲ୍ଲା: ପୁରୀ | Swaraj 735 XM Tractor & Trolly, REGD NO.: OD-02-B-3819 & 3820, ENGINE NO.: 391354SPN14064A, CHASSIS NO.: WWTN38618084819 | ଟ.୮୬,୨୫୦ / ଟ.୬,୦୦୦/- |

ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୧, ୩, ୪, ୫, ୬, ୮, ୧୦, ୧୩, ୧୭, ୧୮, ୧୯ ଏବଂ ୨୦ ନିମନ୍ତେ): ଆର୍‌ଆଇସି ଷ୍ଟକ୍ ୟାର୍ଡ, ସା: ଭୂଆଁ, ପୋ: ଛଇତନା, ଜିଲ୍ଲା: ପୁରୀ, ଫୋନ୍ ନଂ.: ୦୬୭୧-୨୩୪୦୫୧୫, ମୋବାଇଲ୍ ନଂ: ୯୪୩୯୫୩୭୪୫୦
ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୨, ୭, ୯, ୧୧, ୧୨, ୧୫ ଏବଂ ୧୬ ନିମନ୍ତେ): ଆର୍‌ଆଇସି ଷ୍ଟକ୍ ୟାର୍ଡ, ସା: ବ୍ରହ୍ମପୁର, ୪୨ ମୌଜା, ଜିଲ୍ଲା: କଟକ, ଫୋନ୍ ନଂ.: ୦୬୭୧-୨୩୪୦୫୧୫, ମୋବାଇଲ୍ ନଂ: ୯୯୩୭୧୩୫୨୫୮
ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୧୪, ୨୧ ଏବଂ ୨୨ନିମନ୍ତେ): ସନସାଇନ୍ ଷ୍ଟକ୍ ୟାର୍ଡ, ସାଇ ମନ୍ଦିର ନିକଟ, ଟଙ୍କପାଣି ରୋଡ୍, ଭୁବନେଶ୍ୱର ଫୋନ୍ ନଂ.: ୦୬୭୪-୨୯୭୨୭୫୯, ମୋବାଇଲ୍ ନଂ.: ୭୫୩୮୦୮୫୧୪୫
ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୨୩ ନିମନ୍ତେ): ସିଆଇଡି ଷ୍ଟକ୍ ୟାର୍ଡ ନଂ. ୩, ସନ୍ତୋଷୀମା ମନ୍ଦିର ପଛପାଖ, ପାତ୍ରପଡା, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୪୭୨୧୨୨, ମୋବାଇଲ୍ ନଂ.: ୯୯୩୮୨୦୨୭୬୬

ଆଗ୍ରହୀ ନିଲାମଧାରୀମାନେ ଉପର ଦର୍ଶିତ ଗାଡ଼ି ଗୁଡିକ ସପକ୍ଷରେ ପଠାଇଥିବା ଜଉମୁଦ ଟେଣ୍ଡର ଲଫାପାଗୁଡିକ ସମ୍ପୃକ୍ତ ଶାଖା ନିମନ୍ତେ ଉପରଦର୍ଶିତ ନିଲାମ ତାରିଖ ଦିନ **ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି ଠାରେ ଅପରାହ୍ନ ୩.୦୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତିରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ଉପରୋକ୍ତ ପାର୍କିଂ ୟାର୍ଡର ଫୋନ/ମୋବାଇଲ୍ ନଂ ରେ ଯୋଗାଯୋଗ କରି ଗାଡ଼ିଗୁଡ଼ିକ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନିଲାମଧାରୀଙ୍କ ସପକ୍ଷରେ ନିଲାମ ଡ଼ାକ ଚୂଡ଼ାନ୍ତ ହେଲେ ସେ ବିକ୍ରୟ ମୂଲ୍ୟର ୧୦% **ଆବଶ୍ୟକ ଜିଏସ୍‌ଟି ସହିତ** ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) **ଆବଶ୍ୟକ ଜିଏସ୍‌ଟି ସହିତ ୭ ଦିନ** ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/କ୍ୟାସ୍ ମାଧ୍ୟମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ ସମ୍ପୃକ୍ତ ଶାଖାକୁ ପୈଠ ଦର୍ଶାଇ ସମ୍ପୃକ୍ତ ଶାଖା କାର୍ଯ୍ୟାଳୟରେ** ଜମା କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନ କଲେ ନିଲାମଧାରୀମାନେ ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଉକ୍ତ ଗାଡ଼ିକୁ ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ/ବୈଧାନିକ ଦେୟ ନିଲାମଧାରୀ ବହନ କରିବେ। ଗାଡ଼ିଟି **"ଯାହା ଯେପରି ଏବଂ ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ତାରିଖ : ୧୭.୧୨.୨୦୧୮
ସ୍ଥାନ : ପିପିଲି

କ୍ଷମତାପ୍ରାପ୍ତ ଅଧିକାରୀ
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା/ ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ସାଇ କୋର୍ ଆଣ୍ଡ କେମିକାଲ୍ସ, ଅଂଶୀଦାରମାନେ: ଦୋଡଲା ଲକ୍ଷ୍ମଣ ରାଓ,** ପିତା: ଦୋଡଲା ସତ୍ୟନାରାୟଣ ଏବଂ **ଦୋଡଲା ମଣି,** ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓ, ହନୁମାନ କଟନ୍ ଇଣ୍ଡଷ୍ଟ୍ରିଜ୍ କମଟାଲପେଟା ନିକଟ, ରାୟଗଡା-୭୬୫୦୦୧ | **ଜାମିନ୍‌ଦାର: ଶ୍ରୀ ଏମ୍. ନାଗଭୂଷଣ ରାଓ / ସମ୍ପତ୍ତିର ମାଲିକ: ଦୋଡଲା ମଣି,** ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓ | **ଦୋଡଲା ମଣି,** ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କମଟାଲପେଟା, ଖାତା ନଂ.: ୫୯/୯୧୭, ପ୍ଲଟ୍ ନଂ.: ୫୬୪/୧୭୨୦, କ୍ଷେତ୍ର: ଏକର୦.୫୫ଡିସିମିଲି, କିସମ: କ୍ଷୁଦ୍ର ଶିଳ୍ପ ଏବଂ ଖାତା ନଂ.: ୫୯/୮୮୫, ପ୍ଲଟ୍ ନଂ.: ୧୩୬, କ୍ଷେତ୍ର: ଏକର୧.୩୬ଡିସିମିଲି, କିସମ: ଘରବାରି, ଏହାର ଚାରିପାଖରେ- ପୂର୍ବ: ପ୍ଲଟ୍ ନଂ.: ୫୬୩ ଏବଂ ୫୬୨, ପଶ୍ଚିମ: ଦୋଡଲା ଲକ୍ଷ୍ମଣ ରାଓଙ୍କ ପ୍ଲଟ୍ ନଂ. ୫୫୬, ଉତ୍ତର: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଦକ୍ଷିଣ: ଆଲମ ଗୋବିନ୍ଦଙ୍କ ପ୍ଲଟ୍ ନଂ. ୫୪୯ | ୨୦.୧୦.୨୦୧୬ | ୧୩.୧୨.୨୦୧୮ | ୩୦.୦୯.୨୦୧୬ ସୁଦ୍ଧା **ଟ.୯୩,୧୪,୨୧୬/-** + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ଶ୍ରୀ ଗୌତମ ପଣ୍ଡା,** ପିତା: ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା, ପ୍ଲଟ୍ ନଂ.: ୩୧୫, କଳାରାହାଙ୍ଗ, ଆର୍ଯ୍ୟନିଳୟ ଆପାର୍ଟମେଣ୍ଟ, ଭୁବନେଶ୍ୱର-୭୫୧୦୨୪ | **ସମ୍ପତ୍ତିର ମାଲିକ: ଶ୍ରୀ ଗୌତମ ପଣ୍ଡା** | **ଶ୍ରୀ ଗୌତମ ପଣ୍ଡାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁଜବଳ, ତହସିଲ: ରାୟଗଡା, ଖାତା ନଂ.: ୪୨/୨୨୨, ପ୍ଲଟ୍ ନଂ.: ୨୧/୪୫୫/୫୯୫, କ୍ଷେତ୍ର: ଏକର୧.୦୦ଡିସିମିଲି, ଏହାର ଚାରିପାଖରେ- ପୂର୍ବ: ଶ୍ରୀମତୀ ନୀରା ସିହ୍ନାଙ୍କ ଜମି (ପ୍ଲଟ୍ ନଂ. ୨୧/୪୫୫), ପଶ୍ଚିମ: ପ୍ଲଟ୍ ନଂ. ୨୧/୪୬୩, ଉତ୍ତର: ପ୍ଲଟ୍ ନଂ. ୨୧ର ଅବଶିଷ୍ଟ ଜମି, ଦକ୍ଷିଣ: ପିତକୁଡି ରାସ୍ତା | ୦୮.୧୦.୨୦୧୮ | ୧୩.୧୨.୨୦୧୮ | ୦୭.୧୦.୨୦୧୮ ସୁଦ୍ଧା **ଟ.୬୪,୯୯,୯୨୬.୭୯** + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ମେସର୍ସ ମାଝୀ ଗୌରୀ ରୋଲିଙ୍ଗ୍ ସଟର୍ସ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ବି. ଆନନ୍ଦ ରାଓ,** ରୋହିତ କଲୋନୀ, ତୃତୀୟ ଲେନ୍, ରାୟଗଡା-୭୬୫୦୦୧ | **ସମ୍ପତ୍ତିର ମାଲିକ: ବି. ଆନନ୍ଦ ରାଓ** | **ବି. ଆନନ୍ଦ ରାଓଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାୟଗଡା ସୁଙ୍କାରିମେଟ୍ଟୁ, ପିତାମହଲ, ତହସିଲ: ରାୟଗଡା, କମଟାଲପେଟା, ଖାତା ନଂ.: ୧/୩୩, ପ୍ଲଟ୍ ନଂ.: ୧୮/୭୨, ୧୯/୭୩, କ୍ଷେତ୍ର: ଏକର୦.୦୩୬ଡିସିମିଲି, ଏହାର ଚାରିପାଖରେ- ପୂର୍ବ: ବି. ପ୍ରସାଦ ରାଓଙ୍କ ଜମି (ଲେଆଉଟ୍ ପ୍ଲଟ୍ ନଂ. ୧୧୬ ଏବଂ ୧୧୭), ପଶ୍ଚିମ: ବି. ରମେଶଙ୍କ ଜମି (ଲେଆଉଟ୍ ପ୍ଲଟ୍ ନଂ.: ୧୧୫), ଉତ୍ତର: ବିକ୍ରେତାଙ୍କ ଲେଆଉଟ୍ ପ୍ଲଟ୍ ନଂ. ୯୩, ଦକ୍ଷିଣ: ୩୦ ଫୁଟ ଚଉଡା ରାସ୍ତା | ୦୮.୧୦.୨୦୧୮ | ୧୩.୧୨.୨୦୧୮ | ୦୭.୧୦.୨୦୧୮ ସୁଦ୍ଧା **ଟ.୩୧,୧୧,୯୮୩/-** + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୧୩.୧୨.୨୦୧୮, ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୧୮/୨୦୧୮ Rayagada, Tuesday, December 18 / 2018

## ସଂକ୍ଷେପରେ

### ବେଆଇନ ବାଲି ଚାଲାଣ ଅଭିଯୋଗ

**ମାଲକାନଗିରି, ୧୭।୧୨(ଡି.ଏନ.ଏ):** ଖଇରପୁଟ ବ୍ଲକ ମାର୍କାପଦର ପଞ୍ଚାୟତ ଅଧୀନ ନୁନ୍‌ଖାରି ଗ୍ରାମ ନିକଟ ସପ୍ତଧାରା ନଦୀରୁ ବାଲି ସଂଗ୍ରହ କରାଯାଇ ଅନ୍ୟ ଜିଲା ଏବଂ ରାଜ୍ୟକୁ ଚୋରା ଚାଲାଣ କରାଯାଉଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ନଦୀରୁ ଦୈନିକ ଟ୍ରକ୍ ଏବଂ ଟ୍ରାକ୍ଟର ଯୋଗେ ବାଲି ସଂଗ୍ରହ କରାଯାଉଛି। ସେଠାରୁ ଠିକାଦାରମାନେ ବିନା ୱାଇ ଫର୍ମରେ ବାଲି ସଂଗ୍ରହ କରି ତାହାକୁ ନେଇ ବର୍ଡର ଦେଇ ପଡୋଶୀ ଆନ୍ଧ୍ରକୁ ଚାଲାଣ କରୁଛନ୍ତି। ତେବେ ଏ ନେଇ ଖଇରପୁଟ ତହସିଲଦାର ଅଶ୍ୱିନୀ କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ ପ୍ରକାଶ କହିଛନ୍ତି ଯେ, କୌଣସି ଠିକାଦାର ବେଆଇନ ଭାବେ ବାଲି ଉଠାଉ ଚୋରା ଚାଲାଣ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରି ନାହାନ୍ତି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ।

### ବର୍ଷା ପାଇଁ ଶେଡ୍‌କୁ ଗଲା ମଣ୍ଡିଧାନ

**ମାଲକାନଗିରି (ଡି.ଏନ୍.ଏ.)/ ଗୋବିନ୍ଦପାଲୀ, ୧୭।୧୨:** 'ପେଥାଇ' ପ୍ରଭାବରେ ରବିବାର ରାତିରୁ ଜିଲାରେ ବର୍ଷା ଲାଗି ରହିଛି। ଜିଲାର ୬୨ ମଣ୍ଡିର ଧାନକୁ ସୁରକ୍ଷିତ ସ୍ଥାନରେ ରଖାଯାଇଥିବା ସହ ଜିଲାପାଳ ପ୍ରତ୍ୟେକ ୨ ଘଣ୍ଟାରେ ସମୀକ୍ଷା କରୁଛନ୍ତି। ଜିଲାର ସମସ୍ତ ମଣ୍ଡିରେ ଥିବା ଧାନକୁ ସେଡକୁ ସ୍ଥାନାନ୍ତର ସହ ବଳକା ଧାନକୁ ପଲିଥିନ ଘୋଡ଼ାଇ ସୁରକ୍ଷିତ ରଖାଯାଇଛି ବୋଲି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୁରୁ ଚରଣ ନାୟକ କହିଛନ୍ତି। ତେବେ ଖଇରପୁଟ ମଣ୍ଡିରେ ରଖାଯାଇଥିବା ଧାନ ବର୍ଷାରେ ଓଦା ହୋଇଛି। ଖଳାରେ ଥିବା ଫସଲକୁ ସୁରକ୍ଷିତ ରଖିବାକୁ ଚାଷୀମାନେ ଲାଗି ପଡିଛନ୍ତି। କେତେକ ଜାଗାରେ ଚାଷୀଙ୍କୁ ଗାଡ଼ି ଓ ଶ୍ରମିକ ମିଳୁ ନ ଥିବାରୁ ଖଳାରେ ଧାନ ଓଦା ହୋଇ ପଡ଼ିଛି। ଅନ୍ୟପଟେ ମିଲରଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ଚାଷୀ ଚିନ୍ତିତ। ତେଣୁ ସରକାର ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ସୌମ୍ୟ ରଞ୍ଜନ ପାଣିଗ୍ରାହୀ କହିଛନ୍ତି। ଧାନ ଓଦା ହୋଇଥିବାରୁ ମିଲରମାନେ ଏହାକୁ କିଣିବେ କି ନାହିଁ ସନ୍ଦେହ ପ୍ରକାଶ କରିବା ସହ ସରକାର ଋଣ ଛାଡ଼ କରନ୍ତୁ ବୋଲି ଚାଷୀ କାର୍ତ୍ତିକ ଦୁଆରୀ ଦାବି କରିଛନ୍ତି।

### ବର୍ଷା ବଢ଼ାଇଲା ଶୀତ ଲହରି

**ଚିତ୍ରକୋଣ୍ଡା, ୧୭।୧୨(ଡି.ଏନ୍.ଏ.):** 'ପେଥାଇ' ପ୍ରଭାବରେ ଲାଗି ରହିଛି ବର୍ଷା। ଫଳରେ ଚିତ୍ରକୋଣ୍ଡା ଅଞ୍ଚଳରେ ଶୀତ ଓ କୁହୁଡି ପ୍ରକୋପ ବୃଦ୍ଧି ପାଇଛି। ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଏଥିସହ ସୋମବାର ହେବାକୁ ଥିବା ପିଠା କାର୍ଯ୍ୟକ୍ରମ ଠପ୍ ହୋଇଯାଇଛି। ବର୍ଷା ଯୋଗୁ ଚାଷୀ ଏବେ ଚିନ୍ତାରେ। ପରିବା ଚାଷରେ ବର୍ଷା ବାଧକ ସାଜିଥିବା ବେଳେ ଅମଳ କରି ଖଳାରେ ରଖିଥିବା ଧାନ ଓଦା ହେବାରେ ଲାଗିଛି।

■ ପାପ ଲାଗିବା ଭୟରେ ରାଜି ହେଲେନି ଗାଁର ବୟୋଜ୍ୟେଷ୍ଠ

# ବୃଦ୍ଧଙ୍କ ମୃତଦେହକୁ କାନ୍ଧଦେଲେ ଯୁବକ

**ମାଥିଲି/ଗୋବିନ୍ଦପାଲି, ୧୭।୧୨**

ଅନ୍ଧବିଶ୍ୱାସ ହଜାଇଦେଇଛି ମାନବିକତା । ଅସହାୟ ବୃଦ୍ଧଙ୍କ ମୃତଦେହକୁ କାନ୍ଧ ଦେବାକୁ ଗାଁ ଲୋକେ ରାଜି ହୋଇ ନାହାନ୍ତି। ଶେଷରେ ଗାଁର ଯୁବଗୋଷ୍ଠୀ ବୃଦ୍ଧଙ୍କ ମୃତଦେହ କାନ୍ଧେଇ ଶ୍ମଶାନକୁ ନେଇଛନ୍ତି। ମୃତଦେହ ଦାହ ବି କରିଛନ୍ତି। ଏପରି ଦୃଶ୍ୟ ସୋମବାର ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ବାଲିଗୁଡା ଗ୍ରାମରେ ଦେଖିବାକୁ ମିଳିଛି । ଦୀର୍ଘ ବର୍ଷ ଧରି ବାଲିଗୁଡା ଗ୍ରାମରେ ରହିଆସୁଥିବା ତୀର୍ଥ ସାହୁ ନାମକ ବୃଦ୍ଧଙ୍କ ରବିବାର ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଆଣିବା ପରେ ଗ୍ରାମବାସୀ ତାଙ୍କୁ କାନ୍ଧ ଦେବାକୁ ମନା କରିଥିଲେ। ମୃତ ବୃଦ୍ଧ ଜାତିରେ ବ୍ରାହ୍ମଣ ହୋଇଥିବାରୁ ପାପ ଲାଗିବା ଅନ୍ଧବିଶ୍ୱାସରେ କୌଣସି ଲୋକ ତାଙ୍କୁ ଦାହ କରିବାକୁ ରାଜି ହୋଇ ନ ଥିଲେ । ବୃଦ୍ଧ ଜଣଙ୍କ ଦୀର୍ଘ ଦିନରୁ



ଯୁବକମାନେ ମୃତଦେହ ସତ୍କାର ପାଇଁ ନେଉଛନ୍ତି।

ଗ୍ରାମର ଯାତ୍ରୀ ବିଶ୍ରାମ ଗାର ରହୁଥିଲେ। ତାଙ୍କ ପରିବାର ଲୋକେ ମୃତ୍ୟୁ ଖବର ପାଇଥିଲେ ମଧ ଆସିବାକୁ ମନା କରିଦେଇଥିଲେ । ୨ ଦିନ ଧରି ପଡ଼ିରହିଥିବା ମୃତଦେହ ଦାହ କରିବାକୁ କେହି ବାହାରୁ ନ ଥିବା ଖବରପାଇ ଗୋବିନ୍ଦପାଲି ଅଞ୍ଚଳର ଯୁବକମାନେ ବୃଦ୍ଧଙ୍କ ମୃତଦେହ ଗାଁରୁ କାନ୍ଧରେ ବୋହିବା ପରେ ମଶାଣି ଭୂମିରେ ନେଇ ଦାହ କରିଥିଲେ । ଏକାକି ଜୀବନ କାଟୁଥିବା ବୃଦ୍ଧଙ୍କ ମୃତଦେହକୁ କାନ୍ଧ ଦେଇ ଏବେ ସ୍ଥାନୀୟଅଞ୍ଚଳରେ ଗୋବିନ୍ଦପାଲି ଅଞ୍ଚଳର ଯୁବକମାନେ ପ୍ରଶଂସିତ ହୋଇଛନ୍ତି। ମୃତଦେହ ଦାହ ସମୟରେ ଯୁବ ସମାଜସେବୀ ଚିତ୍ତ ପଟ୍ଟନାୟକ, ଯୁବକ ସନ୍ତୋଷ ପାଣିଗ୍ରାହୀ , ବାବୁ ପାଣିଗ୍ରାହୀ, ପପୁ ପାଣିଗ୍ରାହୀଙ୍କ ଉପସ୍ଥିତ ଥିଲେ ।

## ୭୭ ଏକର ଜମିର ଗଞ୍ଜେଇ ଚାଷ ନଷ୍ଟ

**ମାଲକାନଗିରି, ୧୭।୧୨(ଡି.ଏନ୍.ଏ.)**

ଚିତ୍ରକୋଣ୍ଡା ଓ ମାଲକାନଗିରି ଥାନା ଅଧୀନ ୫ ଗ୍ରାମରେ ଅବକାରୀ ବିଭାଗ ଚଢ଼ାଉ କରି ୨ଦିନ ରେ ଜଙ୍ଗଲ ଜମିରେ ବେଆଇନ ଭାବେ ଚାଷ କରାଯାଇଥିବା ୭୭ ଏକର ଜମିର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୯ କୋଟି ୭୫ ଲକ୍ଷ ବୋଲି ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ କହିଛନ୍ତି। ରବିବାର ଚିତ୍ରକୋଣ୍ଡା ଥାନା ଅଧୀନ ଡାଇକ-୧, ଡାଇକ-୨ ଓ ଡାଇକ-୩ ଗ୍ରାମରେ ଚଢ଼ାଉ କରାଯାଇ ୨୬ ଏକର ଜଙ୍ଗଲ ଜମିରେ ଚାଷ କରାଯାଇଥିବା ୩୧,୨୦୦ ଗଛକୁ ନଷ୍ଟ କରାଯାଇଥିଲା। ସେହିଭଳି ସୋମବାର ମାଲକାନଗିରି ଥାନା ଅଧୀନ ଗୋଇଗୁଡ଼ା ଓ ମଛିଆମ୍ବ ଗ୍ରାମରେ ଚଢ଼ାଉ କରି ୫୧ ଏକର ଜମିରେ ୬୬,୩୦୦ ଗଛକୁ ନଷ୍ଟ କରାଯାଇଛି । ଚଢ଼ାଉରେ ମାଲକାନଗିରି ଓ ନବରଙ୍ଗପୁର ଜିଲାର ଅବକାରୀ କର୍ମଚାରୀଙ୍କ ସମେତ ଜୟପୁରର ଅବକାରୀ ଗୋଇନ୍ଦା ଓ ଅବକାରୀ ବ୍ୟୁରୋ ଅଧିକାରୀ ସାମିଲ ହୋଇଥିଲେ।

## ଏନ୍‌ସିପିସିଆର ପ୍ରତିନିଧିଙ୍କ ମାଲକାନଗିରି ଗସ୍ତ



ସନ୍ଦୀପ ଚକ୍ରବର୍ତ୍ତୀଙ୍କ ସହ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟମାନେ।

**ମାଲକାନଗିରି, ୧୭।୧୨(ଡି.ଏନ୍.ଏ.)**

ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପ୍ରତିନିଧି ସନ୍ଦୀପ ଚକ୍ରବର୍ତ୍ତୀ ସୋମବାର ମାଲକାନଗିରି ଗସ୍ତ କରିଛନ୍ତି। ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ, ସଦସ୍ୟ ଦୀନବନ୍ଧୁ ଦାସ, ରାମଗୋବିନ୍ଦ ପଣ୍ଡା ଓ ସଦସ୍ୟ ଚୁମୁକି ବେହେରା ସ୍ୱାଗତ କରିବା ପରେ ଶିଶୁ ସୁରକ୍ଷା ଦିଗରେ କମିଟି ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ପରେ ସେ ସ୍ଥାନୀୟ ପରିବର୍ତ୍ତନ ଶିଶୁ ଗୃହ ପରିଦର୍ଶନ କରି ନଥିପତ୍ର ଯାଞ୍ଚ କରିଥିଲେ। ଏଥିସହ ଶିଶୁଙ୍କ ସହ ସେମାନଙ୍କ ଯତ୍ନ, ଶିକ୍ଷା ଓ ଖାଦ୍ୟପେୟ ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାରେ ଏଯାବତ୍ ସରକାରଙ୍କ ପକ୍ଷରୁ ଶିଶୁ ଗୃହ ନିର୍ମାଣ ହୋଇ ନ ଥିବା ଜାଣିବାକୁ ପାଇ ସେ ଅସନ୍ତୋଷ ପ୍ରକାଶ କରିବା ସହ ଜିଲାରେ ଶିଶୁ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ମାଲକାନଗିରିରେ ଚାଲିଥିବା ଶିଶୁ ଗୃହକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ହସ୍ତାନ୍ତର କରାଯାଇଥିଲେ ମଧ ସରକାରଙ୍କ ପକ୍ଷରୁ ଅନୁଦାନ ଦିଆଯାଇନଥିବାରୁ ସେ ନିଜସ୍ୱ ଅର୍ଥରେ ଗୃହକୁ ପରିଚାଳନା କରୁଛନ୍ତି । ଏଠାରେ ଅଧିକ କର୍ମଚାରୀଙ୍କ ଆବଶ୍ୟକ ଥିବା ସମ୍ବନ୍ଧରେ ଜାଣିବାପରେ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

## ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ ମହେଶ

**ମାଥିଲି,୧୭।୧୨**

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡ଼ା ଜୋନ ମଣ୍ଡଳ ସଭାପତି ମହେଶ କୁମାର ବାକା ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ମାଲକାନଗିରି ଭାଜପା ଜିଲା ସଭାପତି ଅଶୋକ ପରିଡ଼ାଙ୍କୁ ତାଙ୍କର ଇସ୍ତଫାପତ୍ର ପଠାଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ବାକାଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟ ପଦବୀରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏହି ଅଞ୍ଚଳରେ ବାକାଙ୍କ ଲୋକପ୍ରିୟତା ଥିବାରୁ କଂଗ୍ରେସ ଗଡ଼ରେ ବି ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏହାପରେ ତାଙ୍କୁ ଭାଜପା ମଣ୍ଡଳ ସଭାପତି ଭାବେ ମନୋନୀତ କରିଥିଲା। ପ୍ରାଥମିକ ସଦସ୍ୟ ଭାବେ ଭାଜପାରେ କାର୍ଯ୍ୟକରି ସେ ଲୋକ ସମ୍ପର୍କ ଓ ଦଳକୁ ମଜ୍‌ଭୂତ କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ଦଳରେ ବିଶୃଙ୍ଖଳା ଦେଖାଦେଇଥିବାରୁ ସେ ଇସ୍ତଫା ଦେଇଥିବା କହିଛନ୍ତି। ଏଥିପାଇଁ ଆସନ୍ତା ନିର୍ବାଚନରେ ଭାଜପାକୁ କ୍ଷତି ସହିବାକୁ ପଡ଼ିପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।


## ଅଭିଯୋଗ ଶୁଣିଲେ ଜିଲାପାଳ

**କାଲିମେଲା,୧୭।୧୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଲିମେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପଜିଲାପାଳ ରାମେଶ୍ୱର ପ୍ରଧାନ, କାଲିମେଲା ବି.ଡି.ଓ ଉମା ଶଙ୍କର ଦଳାଇ, ତହସିଲଦାର ସନତ କୁମାର ନାୟକ ଉପସ୍ଥିତ ଥିଲେ। ଏଥିସହ ମେଡିକାଲ, ପିଏଚ୍‌ଡି, ପୋଲିସ,ଶିକ୍ଷା, କୃଷି, ଜଳସେଚନ, ବିଦ୍ୟୁତ୍ ବିଭାଗ ସହ ଅନ୍ୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ମୋଟ ୨୮ ଅଭିଯୋଗ ଶୁଣାଣି କରିଥିଲେ। ବିଶେଷକରି ଧାନମଣ୍ଡି ଗୁଡିକରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଚାଷୀମାନେ ଜିଲାପାଳଙ୍କୁ ଅବଗତ କରିଥିଲେ। ମଣ୍ଡିରେ ଧାନ କିଣିବା ଟାର୍ଗେଟ୍‌କୁ ବୃଦ୍ଧି କରିବା ପାଇଁ ଚାଷୀମାନେ ଦାବି କରିଥିଲେ।

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ' । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡଓ୍ୱାର୍କ ନୁହେଁ ସ୍ମାର୍ଟଓ୍ୱାର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**
**ରାୟଗଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଜପତି:**
ଶୀତେନ୍ଦ୍ର ପତଙ୍ଗ (୯୪୩୭୩୯୧୧୯୨/୯୯୩୮୫୦୫୩୩)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨







For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm). Also available in CSD. Special offers for Defence Personnel, Government, PSU and Corporate employees.

*Terms and conditions apply. #Price mentioned is for the base variant for ex-showroom and is exclusive of local taxes. Offers may vary across variants and cities. Benefits may vary based on the variant and year of manufacturing and are applicable only till stocks last. ***0 % rate of interest is calculated at a loan amount of ₹2,60,000 for 18 months; Rate shall vary as per loan amount and tenure. Finance is at the sole discretion of Renault Finance. ^^^Insurance at ₹1 scheme is only applicable for insurance under Renault Assured program only for the 1st year. It is applicable only on limited stock of select variants **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). ##Benefits of ₹60,000 available on all DUSTER Diesel variants and includes exchange benefit of ₹20,000 and Insurance at ₹1 for 1st year only. ^^Benefits of ₹1,50,000 are available on select LODGY variants only. ^Insurance at ₹1 for CAPTUR applicable only to RxT Petrol, RxT Diesel & Platine Diesel cars. Benefits may vary based on the variant and year of manufacturing and are applicable only till stocks last. Exchange at the sole discretion of RENAULT SELECTION. Insurance scheme is only applicable under Renault Assured program. The abovementioned offers are valid till 31st December, 2018. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

**SHOWROOMS: ODISHA: BHUBANESWAR**: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. **BALANGIR:** RENAULT Balangir Mob: +91 9643800378. **CUTTACK**: RENAULT Cuttack Mob: +91 8860877164. **JHARSUGUDA:** RENAULT Jharsuguda Mob: +917290055349. **ROURKELA:** RENAULT Rourkela Mob: + 91 8860875802, + 91 9778845542. **SAMBALPUR:** RENAULT Sambalpur Mob: +91 8860048351.

LOK | SAATCHI & SAATCHI

# 'ପେଥାଇ' ବଢ଼ାଇଲା ଚାଷୀଙ୍କ ଦୁଃଖ

■ ଜମିରେ କଟାହୋଇ ପଡିଛି ଫସଲ
■ ମଣ୍ଡିରେ ଭିଜିଲା ଧାନ, ଚିନ୍ତାରେ ଚାଷୀ

**କାଲିମେଲା,୧୭।୧୨(ଡି.ଏନ୍.ଏ.)**

ଦକ୍ଷିଣ ପୂର୍ବ ବଙ୍ଗୋପ ସାଗରରେ ସୃଷ୍ଟ ଲଘୁଚାପ ପେଥାଇ କ୍ରମଶ ଘନୀଭୁତ ହେବାରେ ଲାଗିଛି। ଏହାର ପ୍ରଭାବରେ ମାଲକାନଗିରି ଜିଲା କାଲିମେଲା ବ୍ଲକରେ ରବିବାର ଅପରାହ୍ନରୁ ବର୍ଷା ଲାଗିରହିଛି। ମିଳିଥିବା ସୂଚନା ଅନୁଯାୟୀ ଏବେବି ପ୍ରାୟ ୪୦ ପ୍ରତିଶତ ଜମିରେ ଧାନ କଟାଯାଇ ପାରିନାହିଁ। ଏବେବି ବହୁ ଚାଷୀଙ୍କ କଟା ଯାଇଥିବା ଧାନ ବିଲରେ ପଡିରହିଛି। କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାଇ କାଲମେଲା ବ୍ଲକରେ ଚଳିତ ବର୍ଷ ଖରିବ ଋତୁରେ ୧୪ ହଜାର ୩୫୭ହେକ୍ଟର ଜମିରେ ଖରିପ ଧାନ ଓ ୩ ହଜାର ୨୩୯ହେକ୍ଟର ଜମିରେ ପନିପରିବା ଚାଷ କରାଯାଇଛି। ଚାଷୀମାନେ ନିଜ ବିଲରୁ ଧାନ ଓ ପନିପରିବା ଫସଲ ସୁରକ୍ଷିତ ସ୍ଥାନକୁ ଉଠାଇ ଆଣିବାକୁ ଡାକ ବାଜି ଯନ୍ତ୍ର ମାଧମରେ ଲୋକଙ୍କୁ ସଚେତନ କରାଯାଇଛି। ଚାଷୀମାନଙ୍କୁ ସଚେତନ କରାଇବା ପାଇଁ ଆରଏମ୍‌ସି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।କାଲିମେଲା ବ୍ଲକରେ ଥିବା ଗମ୍ପାକୋଣ୍ଡା, ବେଜାଙ୍ଗିବାଡା, କାଲିମେଲା, ଗୁମୁକା, ଉଣ୍ଡକୋଣ୍ଡା, ଗିରକାନପାଲ୍ଲୀ,ଏମ୍‌ଭି-୮୧, ଲୁଗେଲ, ଏମ୍‌ଭି-୭୨, ମାନ୍ୟମକୋଣ୍ଡା,ସାଲମାରିକୋଣ୍ଡା,ପୋଟେରୁ ଚିନ୍ତଲବାଡା ଧାନମଣ୍ଡିରେ ବିକ୍ରି ନିମନ୍ତେ ଆସୁଥିବା ଧାନକୁ ତୁରନ୍ତ ମିଲରଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଣ୍ଡିରେ ଗଚ୍ଛିତ ଧାନଗୁଡିକ ସୁରକ୍ଷିତ ଏବଂ ଶୁଖିଲା ରଖିବା ପାଇଁ ଆର୍‌ଏମ୍‌ସି ପକ୍ଷରୁ ପଲିଥିନ, ତାର୍ପୋଲିନ ଯୋଗାଇବା ସହ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମିଲରମାନେ ଧାନ ନ ନେଇ ପକେଇ ରଖିଛନ୍ତି। ଲଗାଣ ବର୍ଷା ଯୋଗୁ ବହୁ ମଣ୍ଡିରେ ଜମା ହୋଇଥିବା ଧାନ ବର୍ଷାପାଣି ଖାଉଛି। ଠିକ୍ ସମୟରେ ମିଲରମାନେ ଧାନ ସଂଗ୍ରହ ନ କରିଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ କେଉଁ କାରଣରୁ ମଣ୍ଡିଗୁଡିକରୁ ଠିକ ସମୟରେ ଧାନ ସ୍ଥାନାନ୍ତର କରାଯାଇ ନାହିଁ ତାହା ସ୍ପଷ୍ଟ ହୋଇନି। ସୋମବାର ମାନ୍ୟମକୋଣ୍ଡା,ଗୁମୁକା ଏବଂ ଅନ୍ୟ କେତେକ ମଣ୍ଡିରୁ ତରବରିଆ ଭାବେ ଟ୍ରକ ଯୋଗେ ଧାନ ଗୁଡ଼ିକୁ ମିଲକୁ ସ୍ଥାନାନ୍ତର କରାଯାଇଛି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୧୮ ଡିସେମ୍ବର, ୨୦୧୮



## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ପାରଳାଖେମୁଣ୍ଡି,୧୭।୧୨(ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡିରେ ରବିବାର ବରିଷ୍ଠ ନାଗରିକ ମଞ୍ଚର ତୃତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଞ୍ଚ ସଭାପତି ଲକ୍ଷ୍ମୀନୃସିଂହ ରଥ ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବ୍ୟାଙ୍କ ଓ ପୋଷ୍ଟ ଅଫିସଗୁଡ଼ିକରେ କାଉଣ୍ଟର, ଚିକିତ୍ସାଳୟରେ ଶୌଚାଳୟ, ନିଦାନ କକ୍ଷ, ବିଦ୍ୟୁତ ବିଲ୍ ପୈଠ ଲାଗି ବ୍ୟବସ୍ଥା କରାଯିବା ଦାବି ନେଇ ଆଲୋଚନା କରାଯାଇଥିଲା। ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ବରିଷ୍ଠ ନାଗରିକଙ୍କୁ ଏପର୍ଯ୍ୟନ୍ତ ସହାୟତା ରାଶି ମିଳି ନ ଥିବାରୁ ପଦକ୍ଷେପ ନେବାକୁ ଦାବି ହୋଇଛି। ସେହିପରି ରେଳଷ୍ଟେଶନର ପ୍ଲାଟଫର୍ମ ଉଚ୍ଚତା ବୃଦ୍ଧି କରିବା ଏବଂ ରାଜ୍ୟରାଣୀ ଏକ୍ସପ୍ରେସ ୩ଦିନ ବଦଳରେ ୬ଦିନ ଚଳାଚଳ କରିବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି । ବୈଠକରେ ମଞ୍ଚ ସମ୍ପାଦକ ହରିମୋହନ ପଟ୍ଟନାୟକ ଓ ଜଗଦୀଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

### ବିଶ୍ୱ ମାନବ ଅଧିକାର ଦିବସ ପାଳିତ



ରାୟଗଡା ଅଫିସ୍, ୧୭।୧୨: ସ୍ଥାନୀୟ ତେଜସ୍ୱୀ ହୋଟେଲଠାରେ ବିଶ୍ୱ ମାନବ ଅଧିକାର ଦିବସ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ମାନବାଧିକାର କାଉନସିଲର ରାଜ୍ୟ ଅଧକ୍ଷ ଶିବନାରାୟଣ ପାତ୍ର ଓ ଗୀତାଶ୍ରୀ ଦାସ ଅଧକ୍ଷତା କରିଥିଲେ । ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ମାନବାଧିକାର କର୍ମୀ ଯୋଗ ଦେଇଥିଲେ। ସିଡବ୍ଲ୍ୟୁସିର ଅଧକ୍ଷ ରାଜକିଶୋର ସାହୁ ମୁଖ୍ୟଅତିଥି, ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନର ସେକେଣ୍ଡ କମାଣ୍ଡାଣ୍ଟ ମିଟୁ ରାୟ ଉଦ୍‌ଘାଟକ , ରାଜ୍ୟ ଖାଉଟି ଓ ଉପଭୋକ୍ତା ଅଧକ୍ଷ ବଂଶୀଧର ଆଚାର୍ଯ୍ୟ, ଡ. ଅଭୟ କୁମାର ପଟ୍ଟନାୟକ, ସନ୍ତୋଷ କୁମାର ସାହୁ, ଉତ୍ତମ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଏକ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମା' ମଝିଘରିଆଣୀ ମନ୍ଦିର ଠାରୁ ଏକ ବାଇକ ରାଲି ବାହାରି ତେଜସ୍ୱୀ ଠାରେ ପହଞ୍ଚିଥିଲା । ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅନ୍ତର୍ଜାତୀୟ ମାନବାଧିକାର କାଉନ୍‌ସିଲର ଅଧକ୍ଷ ପାତ୍ର ସଭାପତିତ୍ୱ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଭିନ୍ନ ଅଧିକାର ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ । ଏଥିରେ ସାମାଜିକ କର୍ମୀ ଉତ୍ତମ ମଲ୍ଲିକ ସହଯୋଗ କରିଥିଲେ । ବହୁ ମାନବାଧିକାର କର୍ମୀ ଓ ସାମାଜିକ କର୍ମୀଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା । ଚେତନ କୁମାର ବିଷୋୟୀ, ସନ୍ତୋଷ କୁମାର ଶତପଥୀ, ସେନାପତି ସନ୍ତୋଷୀ, ଡି.ଧର୍ମାରାଜୁ, ପ୍ରିୟଦର୍ଶନୀ ହୁଇକା, ବି.ଜ୍ୟୋତି, ଅପେରାଜିତା ସିଂହ, ଭାଗ୍ୟଲତା ଶବର, ଧର୍ମେନ୍ଦ୍ର ଦାସ, ତୁଷାର ବେହେରା, ରଞ୍ଜିତ ଡୁଳ, ଧନଞ୍ଜୟ ନାଇକ ପ୍ରମୁଖ ଉପସ୍ଥିତ ଥିଲେ । ଗରିବ ଲୋକଙ୍କୁ ମାଗଣା ଆଇନ୍ ସହାୟତା ସେବା ଯୋଗାଇ ଦେଇଥିବାରୁ ସୁରେନ୍ଦ୍ରନାଥ ଶର୍ମାଙ୍କୁ ସମ୍ମାନୀତ କରାଯାଇଥିଲା ।

■ 'ପେଥାଇ' ପାଇଁ ଜିଲା ପ୍ରଶାସନର ପଦକ୍ଷେପ

# ୧୭୪ ଆଶ୍ରୟସ୍ଥଳୀରେ ରହିଛନ୍ତି ୧୩, ୫୬୭ ଲୋକ

**ପାରଳାଖେମୁଣ୍ଡି, ୧୭।୧୨(ସ୍ୱ.ପ୍ର.)**

ଗଜପତି ଜିଲାରେ ସମ୍ଭାବ୍ୟ ବାତ୍ୟା 'ପେଥାଇ' ପାଇଁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଜିଲାରେ ୧୭୪ଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ୧୩ହଜାର ୫୬୭ଜଣଙ୍କୁ ରଖାଯାଇ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ସେହିପରି ସେମାନଙ୍କ ଜିନିଷପତ୍ର ଓ ଚାଷୀଙ୍କ ଅମଳ ଫସଲ ସୁରକ୍ଷିତ ରଖିବା ପାଇଁ ମଧ୍ୟ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସୋମବାର ପାରଳାଖେମୁଣ୍ଡିଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଅନୁପମ ଶାହା ସୂଚନା ଦେଇଛନ୍ତି। ଅମଳ ଶସ୍ୟ ସୁରକ୍ଷିତ ସ୍ଥାନକୁ ନେଇଯିବା ସହ ପାଲ ଘୋଡାଇ ରଖିବାପାଇଁ ଚାଷୀଙ୍କୁ ସଚେତନ କରାଯାଇଛି । ସମବାୟ ସମିତି ମଣ୍ଡିଘରେ ଶସ୍ୟ ରଖିବା ପାଇଁ କୁହାଯାଇଛି। ଯେଉଁମାନଙ୍କ ଘର ତିତ୍‌ଲି ବାତ୍ୟାରେ ପ୍ରଭାବିତ ହୋଇଛି ସେମାନଙ୍କୁ ତୁରନ୍ତ ନିକଟସ୍ଥ ଆଶ୍ରୟସ୍ଥଳକୁ ଯିବାପାଇଁ ବ୍ୟବସ୍ଥା କରାଯାଇଛି । ଗର୍ଭବତୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଲାଗି ମଧ୍ୟ ବ୍ୟବସ୍ଥା ହୋଇଛି। ରବିବାର ସନ୍ଧ୍ୟାଠୁ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଲାଗିରହିଛି। ମୋହନା ବ୍ଲକରେ ୩ମିଲିମିଟର ଓ ନୂଆଗଡ ବ୍ଲକରେ ୨ମିଲି ମିଟର ବର୍ଷା ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ସୋମବାର ସକାଳୁ ପାଗ ମେଘୁଆ ଥିବାବେଳେ ମଧ୍ୟାହ୍ନରେ ପବନ ବୋହିବା ସହ ଅସରାଏ ବର୍ଷା ହୋଇଛି। ସନ୍ଧ୍ୟା ପରେ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି କୁହାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଜନଧନ ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିଚନ୍ଦ୍ର ନାୟକ ଉପସ୍ଥିତ ଥିଲେ ।



କାଶିନଗର ବ୍ଲକର ଏକ ଆଶ୍ରୟସ୍ଥଳୀରେ ଲୋକମାନେ ଖାଉଛନ୍ତି।

### କାର୍ଯ୍ୟରେ ଅବହେଳା: ୨ ବିଇଓଙ୍କୁ କାରଣ ଦର୍ଶାଅ ନୋଟିସ୍

**ପାରଳାଖେମୁଣ୍ଡି,୧୭।୧୨(ସ୍ୱ.ପ୍ର.)**

'ପାଥେଇ'କୁ ଦୃଷ୍ଟିରେ ରଖି ଲୋକଙ୍କ ଥଇଥାନ ନିମନ୍ତେ ଗଜପତି ଜିଲାର ବିଭିନ୍ନ ବିଦ୍ୟାଳୟରେ ଆଶ୍ରୟସ୍ଥଳୀ ଖୋଲାଯାଇଛି। ତେବେ ଏହି କାର୍ଯ୍ୟରେ ଅବହେଳା କରିଥିବା ନେଇ ୨ଜଣ ବ୍ଲକ ଶିକ୍ଷାଧିକାରୀ, ଜଣେ ସହକାରୀ ବ୍ଲକ ଶିକ୍ଷାଧିକାରୀ ଓ ୫ଜଣ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆସିଛି। ଏହାକୁ ଭିତ୍ତିକରି ପ୍ରଶାସନ ପକ୍ଷରୁ ଆର୍.ଉଦୟଗିରି ବ୍ଲକ ଶିକ୍ଷାଧିକାରୀ ବିଶ୍ୱନାଥ ଭୂୟାଁ, ନୂଆଗଡ ବ୍ଲକ ଶିକ୍ଷାଧିକାରୀ ବ୍ରଜ କୁମାର ନାୟକ ଏବଂ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିମଳ ନାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେହିପରି କାର୍ଯ୍ୟରେ ଅବହେଳା ଅଭିଯୋଗରେ ରାୟଗଡ ବ୍ଲକ କଇଁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପେଣ୍ଟାୟା କାର୍ଜୀଙ୍କୁ ନିଲମ୍ବନ କରାଯାଇଛି। ଶିକ୍ଷକ ଜିତେନ ପାଣି, ନମିତା ଦାସ, ମଞ୍ଜରୀ ଶବର, ସୁଭଦ୍ରା ଶବରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ କହିଛନ୍ତି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଡିଇଓଙ୍କୁ ଜିଲାପାଳ ଅନୁପମ ଶାହା ନିର୍ଦ୍ଦେଶ ଦେଇଥିଲେ।

**ପ୍ରଧାନ ଶିକ୍ଷକ ନିଲମ୍ବିତ**

### ରାୟଗଡ଼ ବ୍ଲକରେ ୨୭୭୨ଜଣ ସ୍ଥାନାନ୍ତର

**ରାୟଗଡ, ୧୭।୧୨(ଡି.ଏନ.ଏ)**

ରାୟଗଡ ବ୍ଲକରେ ସୋମବାର ସକାଳୁ ଝିପିଝିପି ବର୍ଷା ଲାଗିରହିଛି। ତିତ୍‌ଲି ବାତ୍ୟା ପ୍ରଭାବିତ ଗଙ୍ଗାବାଡ, କେରାଣ୍ଡି, କଇଁପୁର, ଲକ୍ଷ୍ମୀପୁର, ଲୋବା, ଏଙ୍ଗାରସିଂ, ଗଣ୍ଡାହାତୀ, ତାଳମଣ୍ଡା, ଉମ୍ବାଳ ଆଦି ପଞ୍ଚାୟତରେ ପବନ ସହ ବର୍ଷା ହୋଇଛି। ତେବେ କ୍ଷୟକ୍ଷତିର ସୂଚନା ମିଳିନାହିଁ। ପ୍ରଶାସନ ପକ୍ଷରୁ ୨୪ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ଖୋଲାଯାଇ ୨୭୭୨ଜଣ ଲୋକଙ୍କୁ ରଖାଯିବା ସହ ରନ୍ଧା ଖାଦ୍ୟ ଦିଆଯାଉଛି। ସେହିପରି ଚୁଡା, ଗୁଡ, ମହମବତୀ, ବ୍ଲିଚିଂ ପାଉଡର ଆଦି ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖାଯାଇଛି। ପ୍ରତି ଆଶ୍ରୟସ୍ଥଳୀରେ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା ସହ ସେବା ଯୋଗାଇଦେବାକୁ ଡାକ୍ତରୀ ଦଳଙ୍କୁ ନିୟୋଜିତ କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି।



ଜମିରେ ମେଶିନ ଦ୍ୱାରା ଧାନ ସଂଗ୍ରହ ପରେ ବସ୍ତାରେ ରଖାଯାଉଛି।

■ ବର୍ଷା ପାଇଁ ଚାଷୀଙ୍କ ଚିନ୍ତା

## ତରବର ହୋଇ କାଟିଆଣିଲେ ଧାନ

**ପାରଳାଖେମୁଣ୍ଡି,୧୭।୧୨(ସ୍ୱ.ପ୍ର.)**

ସମ୍ଭାବ୍ୟ ବାତ୍ୟା 'ପେଥାଇ'କୁ ନେଇ ଗଜପତି ଜିଲାର ଚାଷୀମାନେ ଚିନ୍ତାରେ ପଡ଼ିଥିବା ବେଳେ ଅନେକ ଚାଷୀ ତରବରିଆ ଭାବେ ନିଜ ଜମିରୁ ଧାନଫସଲ କାଟି ଆଣିଛନ୍ତି। ଝଡ଼ବର୍ଷା ଦ୍ୱାରା ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ତେଣୁ ମେଶିନ ଦ୍ୱାରା ପାଚିଲା ଫସଲ କାଟି ତାହାକୁ ଅଖାରେ ପୁରାଇ ଟ୍ରାକ୍ଟର ଓ ମିନିଟ୍ରକ ଯୋଗେ ନିଜ ଖଳାକୁ ବୋହି ଆଣିଥିଲେ। ସେହିପରି ସ୍ଥାନ ଅଭାବରୁ କେତେକ ଚାଷୀ ନିଜ ଜମିରେ ଖଳା କରି ଧାନ ଗଦାଇ ରଖି ପଲିଥିନ ଘୋଡାଇଥିଲେ। ସ୍ଥାନୀୟ ସମବାୟ ମିଲର ଓ ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର ସମିତି ପରିସରସ୍ଥ ଗୋଦାମ ଗୃହରେ ଶସ୍ୟ ସାଇତି ରଖିବା ପାଇଁ ମଧ୍ୟ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି । ରବିବାର ସୁଦ୍ଧା ୩୦ଜଣ କୃଷକଙ୍କର ୧୯୩୯ କୁଇଣ୍ଟାଲ ଧାନକୁ ଉପଲଡା, କାଶୀନଗର, ଗାରାବନ୍ଧ ଇତ୍ୟାଦି ସ୍ଥାନରେ ସୁରକ୍ଷିତ ଭାବେ ରଖାଯାଇଥିବା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଡି. ଗଣପତି ସୂଚନା ଦେଇଛନ୍ତି।

## ବିଶ୍ରାମାଗାର ନିକଟରୁ ମୃତଦେହ ଉଦ୍ଧାର

**ପାରଳାଖେମୁଣ୍ଡି,୧୭।୧୨(ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ଅଧୀନ ସିଙ୍ଗିପୁର ଗ୍ରାମର ଯାତ୍ରୀ ବିଶ୍ରାମାଗାର ପାଖରୁ ସୋମବାର ଏକ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ମିଳିନାହିଁ। ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟର ମର୍ଗରେ ରଖାଯାଇଛି। ଏନେଇ ପାରଳାଖେମୁଣ୍ଡି ଥାନାରେ ଅପମୃତ୍ୟୁ ମାମଲା ନଂ. ୨୨/୧୮ ରୁଜୁ ହୋଇ ତଦନ୍ତ ଚାଲିଥିବା ଏଏସ୍‌ଆଇ ଭୋଳାନାଥ ପଣ୍ଡା କହିଛନ୍ତି।

## ବିବାହିତା ମହିଳାଙ୍କ ଆତ୍ମହତ୍ୟା

**କାଶୀନଗର,୧୭।୧୨(ଡି.ଏନ.ଏ)**

ଗଜପତି ଜିଲା କାଶୀନଗର ଥାନା ଅଧୀନ ରାଜିପୁର ଗ୍ରାମରେ ଜଣେ ବିବାହିତା ମହିଳା ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପି. ପଦ୍ମା। ଆତ୍ମହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପାରିବାରିକ କଳହରୁ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ରବିବାର ରାତିରେ ପରିବାର ଲୋକେ ଖାଇପିଇ ଶୋଇଯିବା ପରେ ପଦ୍ମା ବେକରେ ଓଢଣି ଦେଇ ଆତ୍ମହତ୍ୟା କରିଥିଲେ। ସୋମବାର ସକାଳେ ପୋଲିସ ଖବର ପାଇ ରାଜିପୁରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ଜିଲାପାଳ ଶୁଣିଲେ ୬୧ ଅଭିଯୋଗ

**ପାରଳାଖେମୁଣ୍ଡି,୧୭।୧୨(ସ୍ୱ.ପ୍ର.)**

ଗଜପତି ଜିଲା ନୂଆଗଡ ବ୍ଲକର ବେତାରସିଂ ପଞ୍ଚାୟତରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୧ଟି ଅଭିଯୋଗ ଆଗତ ହୋଇଥିଲା। ତନ୍ମଧ୍ୟରେ ୩୧ଟି ବ୍ୟକ୍ତିଗତ ଓ ୩୦ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା । ରାସ୍ତା, ବିଦ୍ୟୁତ, ସ୍ୱାସ୍ଥ୍ୟସେବା, ରାଶନକାର୍ଡ, ତିତ୍‌ଲି କ୍ଷତିପୂରଣ ମିଳି ନଥିବା ଆଦି ନାନା ଅଭିଯୋଗ ଆସିଥିଲା। କାର୍ଯ୍ୟକ୍ରମରେ ନୂଆଗଡ ବିଡିଓ କ୍ଷୀରାବ୍ଧି ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।


OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KORAPUT
DISTRICT SURVEILLANCE UNIT, KORAPUT
NATIONAL HEALTH MISSION
Ph. No.: 06852 - 252061, Email Id: dsukoraput@gmail.com

CORRIGENDUM

Letter No. 595/NCD Dtd.14.12.18

No.668-E: In partial modification to the tender enquiry no.586/NCD/KPT dtd.06.12.18 for BMW management, the average annual turnover for last three financial year is revised as Rs.1.00 crore per annum instead of Rs.3.00 crores.

The other terms & conditions remain unchanged.

10077/11/0025/1819 Sd./- CDM & PHO, Koraput

OFFICE OF THE REGULATED MARKET COMMITTEE, SARGIPALI, SUNDARGARH

INVITATION OF BIDS THROUGH E-PROCUREMENT

TENDER CALL NOTICE NO. 1621 OF 2018-19, DATED 15.12.2018

BID IDENTIFICATION NO. 01

The office of the R.M.C., Sargipali, Sundargarh invites percentage rate bids on online mode from eligible contractors for execution of the different works under RMC Sargipali. The details of which are available at e-Procurement portal www.tenderorissa.gov.in. The interested tenderers are advised to visit the above website for submission of e-tender.

Tender will be closed at 17.00 hours on 27.12.2018.

*Sd./- Collector, Sundargarh-cum-Chairman R.M.C., Sargipali, Sundargarh*

ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)

OFFICE OF THE EXECUTIVE ENGINEER, LIFT IRRIGATION DIVISION, JALESWAR

No.CAD-1141:- e - Procurement Notice

Bid Identification No: 03/18-19 /DT.07/12/2018

1. The Executive Engineer, Lift Irrigation Division, Jaleswar on behalf ODISHA LIFT IRRIGATION CORPORATION LIMITED, BHUBANESWAR Invites percentage Rate bids in online mode for Installation / Revival of defunct L.I Projects in Turn-key basis from reputed Contractors/Firms having valid D & C Class Civil contractor license from State PWD/PHED/ RWSS/ Irrigation/ Rural works or equivalent grade of CPW/ Railway along with valid HT license issued by E.L.B.O, Odisha with experience in similar nature of (i) work drilling and installation of Tube well by Mud rotary method, (ii) for the work Erection of 11 KV line, L.T. line with AB Cable & Commissioning of S/S for power supply to lift Irrigation projects with installation of motor, starter and its energisation Including supply of all materials (iii)Construction of Distribution system in L.I. Projects. The proof of registration and experience from the appropriate authority shall be enclosed along with the Bid. All the documents to be submitted should be self attested. In case one agency does not have both valid Civil & H.T. license then a joint venture of the tenderer with the civil or H.T. licensed contractor to supervise the work will be accepted provided both the contractors have valid PAN, GST, experience in similar nature of work etc. A Civil Contractor entering into Joint venture with another Civil Contractor & an Electrical Contractor entering with joint venture with another Electrical contractor will not be entertained. The joint affidavit should be registered before the appropriate registration authority of the Government of Odisha. The P.A. Holders of any SC/ST bidders should belongs to SC/ST category only otherwise their bids will be rejected (As per Instructions of Deptt. Authorities). Upon approval of the rates both; the Civil & Electrical Contractors entering into the Joint venture have to submit an affidavit under Joint Signature that they both will be liable for completing the work within the stipulated time failing which action as dim fit will be initiated upon both of them. This affidavit will be a part of the f-2 agreement to be executed by approved contractor with the Odisha Lift Irrigation Corporation Limited. The default agencies or agencies making in ordinate delay in completing the works in time will not be allowed to participate in the tender. The list of such Contractors is presented in the DTCN.
2. Upon enforcement of GST, all rates should be quoted accordingly and the GST will be collected from the bills as per Govtt. Decision in force, GST shall be paid extra.
3. The authority reserves the right to increase or decrease the quantity of work accept or reject any or all the Tenders without assigning any reason thereof.

1. Name of the District-Balasore
2. Name of the Block- Bhogarai, Basta & Baliapal
3. No. of LI.Projects:- 05 Nos.
4. Cost of Tender varies from Rs. 871401/- to Rs.1250406/-
5. E.M.D.to be deposited (1% of Tender value) on line
6. Cost of Tender paper to be deposited Rs. 4000/- to Rs. 6000/- on line.

The GST @5% on Tender paper will be paid by the buyer directly against GSTIN-21AAACO5986GIZF & the copy of the deposit challan made by them should be enclosed alongwith the bid document.

7. Date & Time of publication: 22.12.2018 at 11.00 AM
8. Closing Date & Time:- 31.12.2018 at 4 PM
9. Opening Date & TIme-
   (a) Technical Bid- 04.01.2019 at 11 AM
   (b) Financial Bid- 07.01.2019 at 11 AM
10. Class of Contractor- "D & C" with Electrical H.T. License (as detailed in DTCN )
11. Completion period-90 days.

The details are available in the Government Tender Website i.e. www.tenderorissa.gov.in and other related documents are available in the DTCN for bidding.

32140/11/0005/1819 Sd./- Er. Jagabandhu Behera, Executive Engineer, L.I. Division, Jaleswar

OFFICE OF THE EXECUTIVE ENGINEER
RWS&S DIVISION, BALASORE
Tel.: 06782 - 262249, Fax: 262931,
Email: eerwss_bls@nic.in, eerwssbls@gmail.com
No.1175-O

NATIONAL COMPETITIVE BIDDING THROUGH e-Tendering

Identification No.28 Dt.12.12.2018

1. Nos. of work : 12 Nos. of RPWS in Balasore district
2. Estimated cost : Rs.47.92 lakh & Rs.99.88 lakh
3. Period of completion : 180 days to 270 days
4. Availability of bid document in portal : Dt.20.12.2018 at 10.00 hours to 29.12.2018 upto 17.00 hours through online
5. Seeking of clarification : Dt.20.12.2018 at 10.00 hours to Dt.28.12.2018 upto 15.00 hours
6. Date of opening of bid : Dt.31.12.2018 at 11.00 hours in the O/O EE, RWSS Division, Balasore
7. Name and address of the Officer Inviting Tender : Executive Engineer, RWS&S Division, Balasore

Bid cost & Bid security will be receipt through electronic payment by NEFT / RTGS.
Further details can be seen from the e-Procurement portal: **http://tendersodisha.gov.in**.

25013/11/0028/1819 Sd./- Executive Engineer RWS&S Division, Balasore

GOVERNMENT OF ODISHA No.1187-O
OFFICE OF THE EXECUTIVE ENGINEER
RURAL WORKS DIVISION, GAJAPATI, PARLAKHEMUNDI
e-mail : rwd_gajapati@yahoo.co.in

NATIONAL COMPETITIVE BIDDING THROUGH e-Procurement

Identification No. Online Tender 02/GJP/2018-19

1. Name of the work : Road work
2. Total No. Work : 2 (Two) nos. of Road works
3. Estimated Cost : Rs. 44.20 lakhs
4. Class of Contractor : 'B' & 'A' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 20.12.2018 at 10.00 AM to 31.12.2018 upto 5.00 PM
7. Date and Time of opening of tender : 03.01.2019 at 11.30 AM
8. Place of opening : As per Annexure

Further details can be seen from the website **www.tenderorissa.gov.in**.

25158/11/0008/1819 EXECUTIVE ENGINEER R.W. DIVN., GAJAPATI

OFFICE OF THE DEAN & PRINCIPAL
MAHARAJA KRISHNA CHANDRA GAJAPATI MEDICAL COLLEGE
BERHAMPUR-760004, GANJAM, ODISHA
**No.8053/MCB-2018/Welfare/Dated, Berhampur the 15th December, 2018**

TENDER CALL NOTICE

No.671-E: Sealed Tenders are invited from the Registered firms for **"Supply of Equipment/Instrument"** for Strengthening and up-gradation of State Government Medical Colleges of MKCG Medical College, Berhampur for increase in PG Seats in two bid system (Technical & Financial) so as to reach the office of the undersigned within Twenty One days from the date of publication of the advertisement till 5 P.M. The detailed Tender paper, Terms & Conditions, list of Equipment/Instrument, specifications can be obtained from the office of the undersigned on payment of Rs.5000/- cash (non-refundable) at the Accounts Section. The details are also available in the website **mkcgmch.org**. Those who will download the tender documents from Website should enclose a DD for Rs.5000/- towards cost of Tender paper in favour of Dean & Principal, MKCG Medical College, Berhampur payable at the S.B.I, MCC Branch, Berhampur.
The undersigned reserves the right to cancel of the Tender in full or parts at any time without assigning any reason thereof.

10013/11/0014/1819 Sd./- Dean & Principal M.K.C.G. Medical College, Berhampur

DISTRICT LABOUR OFFICER, MALKANGIRI
No. 3749 Date: 15.12.2018

TENDER CALL NOTICE - 2018-19

Sealed tenders are invited from the intending firms / authorised dealers / rate contract holders / agencies / reputed manufacturers to quote their rates for supply of following items with specification, terms and conditions, **(Available in the website www.malkangiri.nic.in / Office Notice Board)** which should reach to the Office of the undersigned from **17.12.2018 to 05.01.2019 (Upto 1.00 PM) Through Registered Post / Speed Post / Courier Service) only, which will be opened on 07.01.2019 at 10.00 AM by the tender committee**.

| Sl. No. | Name of article | Specification | Unit required |
|---|---|---|---|
| 1 | Working Tools Masson Kit Carpenter Kit Painter Kit | Details of Kit placed at Section-II | Approximately 10000 beneficiaries |
| 2 | Safety Equipment Kit | Details of Kit placed at Annexure-II | |

Bids submitted beyond the manner prescribed in the tender documents shall be rejected.

**The detail terms & conditions, bid documents can be available in the website www.malkangiri.nic.in.**

**Sd./- District Labour Officer, Malkangiri**

Government of Odisha
"e" Procurement Notice
No.1023-B

OFFICE OF THE EXECUTIVE ENGINEER
DHENKANAL (R&B) DIVISION, DHENKANAL

Bid Identification No. – 31 of 2018-2019

1. Name of the work: Building work – 01 No.
2. Estimate cost: Rs.21,24,399.00
3. Period of completion: 04 (Four Calendar Months)
4. Date & time of availability of the Bid documents in the portal: 10.00 AM of 20.12.2018 to 5.00 PM of 29.12.2018
5. Last date / Time of receipt of the bid in Portal: 29.12.2018 up to 5.00 PM.
6. Date of Opening: 03.01.2019 at 11.00 AM.
7. Name and Address of the Officer: Office of the Executive Engineer, Dhenkanal (R&B) Division, Dhenkanal

Further details can be seen from the e – procurement Portal **"https://tendersorissa.gov.in**.

34016/11/0030/1819 **Executive Engineer Dhenkanal (R&B) Division**

DISTRICT LABOUR OFFICER, MALKANGIRI
**No. 3750 Date: 15.12.2018**
**TENDER CALL NOTICE- /2018-19**

Sealed tenders are invited from the intending firms/ Authorised dealers/ Rate contract holders/ Agencies/ reputed manufacturers of Malkangiri district to quote their rates for supply of Bi-Cycles with specification, terms and conditions, **(Available in the Website www.malkangiri.nic.in / Office Notice Board)** which should reach to the Office of the undersigned from **17.12.2018** to **05.01.2019 (Up to 1.00 PM) (Through Registered Post/ Speed Post/ Courier service) only, which will be opened on 07.01.2019 at 10.00 AM by the Tender Committee.**

| Sl. No. | Name of Article | Specification | Unit Required |
|---|---|---|---|
| 1 | Bi-Cycle | Details of Bi-Cycles placed at Section-2 | Approximately 10000 beneficiaries |

Bids submitted beyond the manner prescribed in the tender documents shall be rejected.

**The detail terms & conditions, Bid documents can be available in the website www.malkangiri.nic.in.**

**Sd./-
District Labour Officer
Malkangiri**

## ସଂକ୍ଷେପରେ

### ବଦଳିଲେ ୧୧ ପୋଲିସ ଏସ୍‌ଆଇ

ରାୟଗଡା ଅଫିସ୍, ୧୭।୧୨: ରାୟଗଡା ଜିଲାରେ କାର୍ଯ୍ୟରତ ୧୧ ଜଣ ପୋଲିସ ଏସ୍‌ଆଇଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଇଛି । ପୋଲିସ ମୁଖ୍ୟାଳୟର ଚିଠି ନମ୍ବର ୧୨୨୭/୧୬।୧୨।୨୦୧୮ରେ ଏହି ବଦଳି କରାଯାଇଛି । ଏସ୍‌ଆଇ ଆଲୋକ ମହାପାତ୍ରଙ୍କୁ କଳାହାଣ୍ଡି, ଅମୀୟ ଡୁଙ୍ଗଡୁଙ୍ଗଙ୍କୁ ସମ୍ବଲପୁର, ବସନ୍ତ କୁମାର ସାହୁଙ୍କୁ ନୟାଗଡ, ବିକ୍ରୟ ବିହାରୀ ଜୟପୁରୀଆଙ୍କୁ ଅନୁଗୁଳ, ବିନ୍ଦୁଲତା ନାୟକଙ୍କୁ ଢ଼େଙ୍କାନାଳ, ରାଜେଶ କୁମାର ନାୟକଙ୍କୁ ରାଉରକେଲାକୁ ବଦଳି ହୋଇଛି । ସେହିପରି ସୁଦର୍ଶନ ଅଧିକାରୀଙ୍କୁ କୋରାପୁଟ, ସୂର୍ଯ୍ୟାଂଶୁ ଶେଖର ପହିଙ୍କୁ କଟକ, ସୁମନ୍ତ କୁମାର ନାୟକଙ୍କୁ ସୁନ୍ଦରଗଡ, କରୁଣାକର ରାଉତ ଓ ପ୍ରଭାସିନୀ ପୁହାଣୀଙ୍କୁ ଭଦ୍ରକ ଜିଲାକୁ ବଦଳି ହୋଇଛି । ସେମାନଙ୍କ ମଧ୍ୟରୁ ଅନେକ ଜଣ ବିଭିନ୍ନ ଥାନାରେ କାର୍ଯ୍ୟରତ ଥିବା ବେଳେ କିଛିଜଣ ଜିଲା ପୋଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଜଣାପଡିଛି ।

### ବଡ଼ି ବିଲ୍‌ଡିଂରେ କାଣ୍ଡେୟାଙ୍କୁ ସ୍ୱର୍ଣ୍ଣ ପଦକ



ଗୁଣପୁର,୧୭।୧୨(ଡି.ଏନ.ଏ): ଗୁଣପୁର ବ୍ଲକ ରେଗେଡା ପଞ୍ଚାୟତ କୁରୁଗୁଡା ଗ୍ରାମର କାଣ୍ଡେୟା ଶବର ବଡ଼ି ବିଲଡ଼ିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି । କୋରାପୁଟ ଜିଲା ସେମିଳିଗୁଡାରେ ଶନିବାର ଅନୁଷ୍ଠିତ ପ୍ରତିଯୋଗିତାରେ ସେ ଭାଗ ନେଇ ଏହି ପଦକ ହାସଲ କରିଛନ୍ତି । କୋରାପୁଟ ଜିଲା ବଡ଼ି ବିଲଡିଂ ଆସୋସିଏଶନ ପକ୍ଷରୁ ସିଟି ଫିଟନେସ ପାର୍କରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସେ ଜଣେ ପ୍ରତିଭାବାନ ଖେଳାଳି । ହେଲେ ତାଙ୍କ ପାଇଁ ଅର୍ଥ ଏବଂ ସହଯୋଗର ଅଭାବ ରହିଛି । ପ୍ରୋତ୍ସାହନ ମିଳୁନି । ସେ ଜିଲା, ରାଜ୍ୟ ଏବଂ ଜାତୀୟସ୍ତରରେ ଭାଗନେଇ ବିଭିନ୍ନ ପୁରସ୍କାର ପାଇଛନ୍ତି ।

### ଅଭିଯୋଗ ଶୁଣାଣି

*ପଦ୍ମପୁର, ୧୭।୧୨(ଡ଼ି.ଏନ.ଏ):* ପଦ୍ମପୁର ବ୍ଲକ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ରତୁରାଜ ୬୬ଟି ଅଭିଯୋଗ ଶୁଣିଥିଲେ । ରାୟଗଡ଼ା ଏସପି ରାହୁଲ ପିଆର,ବିଡ଼ିଓ ଅଗସ୍ତୀ ପ୍ରଧାନ, ତହସିଲଦାର ନୀଳମାଧବ ମାଝି, ଗୁଣପୁର ଏସଡ଼ିପିଓ ଅଶ୍ୱିନୀ କୁମାର ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅସିମା ରାଓ, ଏପିଓ ବିଶିକେଶନ ଲିମା ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ୨ ବିଧବା ମହିଳାଙ୍କୁ ୨୦ ହଜାର ଟଙ୍କା ଓ ପେରୁପାଙ୍ଗୁ ଗ୍ରାମର ମିତା ଶବରଙ୍କୁ ବିଜୁ ପକ୍କା ଘର ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଛି ।

# ଅନ୍ୟ ସ୍କୁଲରେ ପଢୁଛନ୍ତି ଆଦର୍ଶ ବିଦ୍ୟାଳୟ ପିଲା

ରାୟଗଡା ଅଫିସ୍, ୧୭।୧୨

**ଚିନ୍ତାରେ ଅଭିଭାବକ**
- ପାଠପଢା ବାଧାପ୍ରାପ୍ତ
- ଦୁଇଟି ଶ୍ରେଣୀଗୃହରେ ଚାଲିଛି ଶିକ୍ଷାଦାନ
- ବିଦ୍ୟାଳୟ ଚତୁଃପାର୍ଶ୍ୱ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ



ସିବିଏସ୍‌ଇ ପାଠ୍ୟକ୍ରମ ଢାଞ୍ଚାରେ ସମସ୍ତ ଗ୍ରାମାଞ୍ଚଳରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗତ ଜୁନ୍ ୨୬ତାରିଖ ଠାରୁ ଆରମ୍ଭ ହୋଇଛି । ହେଲେ ରାୟଗଡା ବ୍ଲକ୍‌ରେ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇନାହିଁ । ଆଦର୍ଶ ବିଦ୍ୟାଳୟ ପାଇଁ ଭିତ୍ତିଭୂମି ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ନ ଥିବା ବେଳେ ତରବରିଆ ଭାବେ ଏହାକୁ ଜୁନ୍‌ରୁ କାର୍ଯ୍ୟକ୍ଷମ କରାଯାଇଛି । ଫଳରେ ଛାତ୍ରୀଛାତ୍ରଙ୍କ ଅବସ୍ଥା ଅତ୍ୟନ୍ତ ସଙ୍ଗୀନ ହୋଇପଡିଛି । ତେଣୁ ଆଦର୍ଶ ବିଦ୍ୟାଳୟରେ ଦାଖଲ ହୋଇଥିବା ଛାତ୍ରୀଛାତ୍ର ଅନ୍ୟ ସ୍କୁଲରେ ଯାଇ ପଢୁଛନ୍ତି । ଆଦର୍ଶ ବିଦ୍ୟାଳୟର ଏପରି ସ୍ଥିତି ଦେଖି ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି ।

ରାୟଗଡା ବ୍ଲକ୍‌ର ତାଡମାଠାରେ ଥିବା ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଚାଲୁ ରହିଛି । ଗତ ଗୁରୁବାର ଏହାର ହଷ୍ଟେଲ ଉଦ୍‌ଘାଟନ କରାଯାଇଛି । ଏଠାରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ଦାଖଲ ହୋଇଥିବା ୧୨୯ଜଣ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ପାଇଁ କୌଣସି ବ୍ୟବସ୍ଥା ନାହିଁ । ଫଳରେ ନାମ ଲେଖାଇଥିବା ଛାତ୍ରୀଛାତ୍ର ସହରର ବ୍ରାହ୍ମଣସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଛନ୍ତି । ଦୁଇଟି ଶ୍ରେଣୀ ଗୃହରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଶିକ୍ଷାଦାନ ଚାଲିଛି । ଇଂରାଜୀ ମାଧ୍ୟମ ସ୍କୁଲରେ ପଢାଇବା ପାଇଁ ଆମେ ଆଦର୍ଶ ବିଦ୍ୟାଳୟରେ ପିଲାଙ୍କୁ ଭର୍ତ୍ତି କରିଛୁ । ହେଲେ ବର୍ତ୍ତମାନ ଅବସ୍ଥା ଦେଖି ଚିନ୍ତା ବଢ଼ିଯାଇଛି ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି । ଯେଉଁଠି ବିଦ୍ୟାଳୟ ନିର୍ମାଣ ହୋଇନାହିଁ ସେଠି ହଷ୍ଟେଲ କିଭଳି କାର୍ଯ୍ୟକ୍ଷମ ହେବ ତାହା ବଡ ପ୍ରଶ୍ନ । ବ୍ରାହ୍ମଣସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିକଟରେ ବନ୍ଦ ହୋଇଥିବା ପିଏଚ୍‌ଡି ପ୍ରାଥମିକ ବିଦ୍ୟାଳୟ ଏବଂ ଓଡ଼ିଆ ଆଦର୍ଶ ବିଦ୍ୟାଳୟ ଗୋଟିଏ ସ୍ଥାନରେ ଚାଲୁଛି । ଛାତ୍ରୀଛାତ୍ରଙ୍କ ପାଇଁ କୋଠରିର ଅଭାବ ରହିଛି । ଫଳରେ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ବିଦ୍ୟାଳୟ ଚତୁଃପାର୍ଶ୍ୱ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିବାବେଳେ ନାମକୁ ମାତ୍ର ସେଠି ଚାଲିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଆଦର୍ଶ ବିଦ୍ୟାଳୟର ୧୨୯ ଛାତ୍ରୀଛାତ୍ର, ବ୍ରାହ୍ମଣସାହିର ୧୦୩ ଓ ପିଏଚ୍‌ଡି ବିଦ୍ୟାଳୟର ୨୨ଜଣ ଛାତ୍ରୀଛାତ୍ର ଗୋଟିଏ ଜାଗାରେ ଅଧ୍ୟୟନ କରୁଛନ୍ତି । ଏନେଇ ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀଯନ୍ତ୍ରୀ ପ୍ରଦୀପ ମଣ୍ଡଳଙ୍କୁ ପଚାରିବାରୁ, ତାଡ଼ମାରେ ଥିବା ଉକ୍ତ ଆଦର୍ଶ ବିଦ୍ୟାଳୟ ୨ କୋଟି ୯୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି । ଆଉ ଏକ ମାସ ମଧ୍ୟରେ ଏହା ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି । ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ, ଏନେଇ ଆମେ ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀଯନ୍ତ୍ରୀଙ୍କ ସହ ବାରମ୍ବାର ଆଲୋଚନା କରିଛୁ । ଆଉ ୨ରୁ ୩ମାସ ମଧ୍ୟରେ ତାହାର ନିର୍ମାଣ ଶେଷ ହୋଇଯିବ । ଏହାପରେ ବିଦ୍ୟାଳୟକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି ।

# ବିଭିନ୍ନ ସ୍ଥାନରେ ପିଠା କାର୍ଯ୍ୟକ୍ରମ

ମୁନିଗୁଡା/ବିଷମକଟକ ୧୭।୧୨ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୈଳାସ ଚନ୍ଦ୍ର ପାତ୍ର ଓ ମନୋହର ଗାଜିବିଲିଙ୍କ ମିଳିତ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ପିଠା ନୋଡାଲ ଅଫିସର ତଥା ବ୍ଲକ ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତା, ସରପଞ୍ଚ ଜରା ଶବର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର କ୍ଷୀରୋଦ ଚନ୍ଦ୍ର ଭୂୟାଁ ପ୍ରମୁଖ ଉପସ୍ଥିତ ରହି ପିଠା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ପି. ଗସ୍ତାଫ, ତପନ କୁମାର ପଣ୍ଡା, କେ. ଭେଙ୍କଟ, ରାମନା ଆଚାରୀ, ଜଗନ୍ନାଥ ପ୍ରସାଦ ପାତ୍ର, ଭୁବନ ମୋହନ ବଇନା, ଆଇସିଡିଏସ୍‌ର ମୀନାକ୍ଷୀ ସାହୁ ଓ ହେଲ୍‌ଥ ବିଭାଗର ପୁଷ୍ପାଞ୍ଜଳି ପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୫୨ ଜଣଙ୍କୁ ପରିଚୟ ପତ୍ର ଓ ୧୩ ଜଣଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା । ଏଥିରେ ବିଭିନ୍ନ ଷ୍ଟଲ୍ ଲଗାଯାଇ ହିତାଧିକାରୀ ଓ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟାଳୟ କର୍ମଚାରୀ ବିପିନ ବଛା, ଅମିତ୍ ବେହେରା, ଶିବ ମାଝି ଓ ଦୟାନିଧି ମାଦଳା ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।

ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ଆମ ଗାଁ ଆମ ବିକାଶ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସୁଧୀର କୁମାର ଦାସ, ବିଷମକଟକ ବିଧାୟକ ଜଗନ୍ନାଥ ସାରକା,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆର୍ଲବଟ ଲାକରା, ଏବିଡିଓ ମୁଖସଦ୍ ଗୁଲାମ, ସରପଞ୍ଚ ରଶ୍ମିତା କୁଶୁରୁକା ଉପସ୍ଥିତ ଥିଲେ । ନୂତନ ଭାବରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ୫୨ଜଣ ହିତାଧିକାରୀଙ୍କୁ ଭତ୍ତା ଓ ବିଜୁ ସ୍ୱାସ୍ଥ୍ୟ ଯୋଜନା କାର୍ଡ ବିତରଣ କରାଯାଇଥିଲା । ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ । ବିଭିନ୍ନ ସ୍କୁଲର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।




ଦୁର୍ଗୀଠାରେ ପିଠା କାର୍ଯ୍ୟକ୍ରମରେ ବିଧାୟକ ଜଗନ୍ନାଥ ସାରକା ଉଦ୍‌ବୋଧନ ଦେଉଛନ୍ତି ।



କାନ୍ଦୁଲ ନୂଆଖାଇ ପର୍ବ ପାଳନ ଅବସରରେ ଆଦିବାସୀମାନେ ଖୁସି ମନାଉଛନ୍ତି ।

### ଆଦିବାସୀଙ୍କ କାନ୍ଦୁଲ ନୂଆଖାଇ ପର୍ବ

ଗୁଣପୁର,୧୭।୧୨(ଡି.ଏନ.ଏ)

କାନ୍ଦୁଲ ନୂଆଖାଇ ପର୍ବ ନେଇ ରାୟଗଡା ଜିଲା ଗୁଣପୁରର ବିଭିନ୍ନ ଆଦିବାସୀ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି । ଆଦିବାସୀ ସଂପ୍ରଦାୟର ଲୋକମାନେ ଏହାକୁ କିଛିଦିନ ଧରି ଖୁବ ଧୁମ୍‌ଧାମ୍‌ର ସହ ପାଳନ କରୁଛନ୍ତି । କାନ୍ଦୁଲକୁ ନିଜ ଆରାଧ୍ୟ ଦେବତାଙ୍କ ନିକଟରେ ସମର୍ପଣ କରିବା ପରେ ସେମାନେ ଏହାକୁ ନୂଆଖାଇ ପର୍ବ ଭାବେ ପାଳନ କରିଥାନ୍ତି । ପାରମ୍ପରିକ ବାଦ୍ୟ ବଜାଇ, ନାଚ ଗୀତ କରି ଖୁବ୍ ଉଲାସର ସହ ସେମାନେ ଏହାକୁ ପାଳନ କରୁଥିବା ଦେଖିବାକୁ ମିଳିଛି ।

### ଆଜି ରାୟଗଡା ବନ୍ଦ



ରାୟଗଡା ଅଫିସ୍, ୧୭।୧୨

ରାୟଗଡା ଜିଲା ବାର୍ ଆସୋସିଏଶନ୍ ତରଫରୁ ମଙ୍ଗଳବାର ରାୟଗଡା ବନ୍ଦ ପାଳନ କରାଯିବ । ଅବିଭକ୍ତ କୋରାପୁଟ ଜିଲାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନିମନ୍ତେ ବହୁ ଦିନ ହେଲା ବାର୍ ଆସୋସିଏଶନ୍ ତରଫରୁ ଦାବି ହୋଇ ଆସୁଛି । ଉକ୍ତ ଦାବି ପୂରଣ ହେଉ ନ ଥିବା ଯୋଗୁ ଏହି ବନ୍ଦ ଡାକରା ଦିଆଯାଇଛି । ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ଯାନବାହନ ଯାତାୟାତ ଏବଂ ସମସ୍ତ ସରକାରୀ କାର୍ଯ୍ୟାଳୟ ସହ ଦୋକାନ ବଜାର ବନ୍ଦ ନିମନ୍ତେ ଜିଲା ସମ୍ପାଦକ ରାୟଗଡା ଜିଲା ବାର୍ ଆସୋସିଏଶନ୍ ତରଫରୁ ଅନୁରୋଧ କରାଯାଇଛି ।

- ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଅବିଭକ୍ତ କୋରାପୁଟ ଜିଲା ବନ୍ଦ ୧୮ରେ

ଗୁଣପୁର,୧୭।୧୨(ଡି.ଏନ.ଏ)

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ତେଜିଛି । ଗତ ୪ ତାରିଖରୁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ କୋର୍ଟରେ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ମଙ୍ଗଳବାର ଅବିଭକ୍ତ କୋରାପୁଟ ଜିଲା ବନ୍ଦ ପାଇଁ ନିଷ୍ପତ୍ତି ହୋଇଛି । ଏହି କ୍ରମରେ ସୋମବାର ଗୁଣପୁର ଓକିଲ ସଂଘ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଗୁଣପୁର ବନ୍ଦ କରିବାକୁ ଆହ୍ୱାନ ପ୍ରଦାନ କରାଯାଇ ସମସ୍ତ ସଂଗଠନର ସହଯୋଗ କାମନା କରାଯାଇଥିଲା । ଅପରପକ୍ଷେ ଗୁଣପୁର ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବନ୍ଦ ସଫଳ କରିବା ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା ।

# ଫ୍ୟାଶନ ଡିଜାଇନ ଟାଲେଣ୍ଟ ପ୍ରତିଯୋଗିତା

ଗୁଣପୁର,୧୭।୧୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଓମ ସାଇ ନେହା ଟେଲରିଂ ଟ୍ରେନିଙ୍ଗ ସେଣ୍ଟର ପକ୍ଷରୁ ଏକ ଫ୍ୟାଶନ ଡିଜାଇନ ଟାଲେଣ୍ଟ ପ୍ରତିଯୋଗିତା-୨୦୧୮ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଗୁଣପୁର ପୌର ପରିଷଦ ସିଇଓ ସଙ୍ଗିତା ପଟ୍ଟନାୟକ ମୁଖ୍ୟ ଅତିଥି, ଶିକ୍ଷୟିତ୍ରୀ ସଂଘମିତ୍ରା ଅଧିକାରୀ ଏବଂ ଅନିତା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ସାଇ ସମୃଦ୍ଧି ସ୍ୱୟଂସହାୟକ ଦଳର ସଦସ୍ୟାବୃନ୍ଦ ଓ ନେହା ଟେଲରିଂ ସେଣ୍ଟରର ଶିକ୍ଷାର୍ଥୀମାନେ ଭାଗ ନେଇଥିଲେ । ଭି.ସାରନ୍ୟା ପ୍ରଥମ ହୋଇଥିବାବେଳେ କୈ.ବୈଷ୍ଣବୀ ୨ୟ ଏବଂ ଏସ.ଶ୍ରୀଲତା ଓ ଏସ.ସ୍ୱାତୀ ଯୁଗ୍ମ ଭାବେ ୩ୟ ହୋଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ରଞ୍ଜିତା ପଟ୍ଟନାୟକ, ନିବେଦିତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଲୋକସେବା ଅଧିକାର ଆଇନ ସମ୍ପର୍କିତ କର୍ମଶାଳା

ରାୟଗଡା ଅଫିସ୍, ୧୭।୧୨

ରାୟଗଡା ବ୍ଲକ୍ ସଦ୍‌ଭାବନା ଗୃହଠାରେ ଓଡ଼ିଶା ଲୋକ ସେବା ଅଧିକାର ଆଇନ୍ ଓ ଅଧିନିୟମ ସମ୍ପର୍କିତ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ୍ ଅଧ୍ୟକ୍ଷ ପେଦେଣ୍ଟି ରାମୁଲୁ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ତହସିଲଦାର ସୁନୀଲ ଖରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝି, ଏବିଡିଓ ନୃସିଂହଚରଣ ପଟ୍ଟନାୟକ, ନରେନ୍ଦ୍ର ସାସମଲ, ସ୍ୱାସ୍ଥ୍ୟ ଅଧିକାରୀ ତନୁଜା ବଳ ଯୋଗ ଦେଇଥିଲେ । ସାଧାରଣ ପ୍ରଶାସନ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପୁସ୍ତିକାରେ ବର୍ଣ୍ଣିତ ବିଭିନ୍ନ ବିଭାଗ ଦ୍ୱାରା ୩୨୪ପ୍ରକାର ଲୋକସେବା, ପ୍ରଦତ୍ତ ସମୟ ସୀମା, ସେବା ପ୍ରଦାନକାରୀ ନିଯୁକ୍ତିପ୍ରାପ୍ତ ଅଧିକାରୀ, ଆବଶ୍ୟକସ୍ଥଳେ ଅପିଲ ଅଧିକାରୀ ଓ ପୁନଃ ନିରୀକ୍ଷଣ ପ୍ରାଧିକାରୀଙ୍କ ତାଲିକା ଆଲୋଚନା କରାଯିବା ସହ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ଏଥିରେ ରାୟଗଡା ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ବ୍ଲକ୍‌ର ସମସ୍ତ ନିବାହୀ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଅପିଲ ଅଧିକାରୀ ଓ ପୁନଃ ନିରୀକ୍ଷଣ ଅଧିକାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପିଏ ଗୋପାଳ ପଣ୍ଡା, ନିଳାଞ୍ଚଳ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।




କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ।

# ମଦ ବିରୋଧୀ ଆନ୍ଦୋଳନ ନେଇ ଏସପିଙ୍କୁ ଦାବିପତ୍ର

ପଦ୍ମପୁର,୧୭।୧୨(ଡି.ଏନ୍.ଏ.)



ଏସ୍‌ପି ରାହୁଲ ପି.ଆର. ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି ।

ମଦ ବିରୋଧୀ ଆନ୍ଦୋଳନ ନେଇ ପଦ୍ମପୁର ବ୍ଲକର ଖିଲାପଦର ଓ ରାମନାଗୁଡାର ଭାମିନୀ ପଞ୍ଚାୟତର ଶତାଧିକ ମହିଳା ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏସ୍‌ପି ରାହୁଲ ପି.ଆର ଓ ପି.ଡି. ଅମ୍ରିତ ରତୁରାଜଙ୍କୁ ପ୍ରଦାନ କରିଛନ୍ତି । ପଦ୍ମପୁର ବ୍ଲକ ପରିସରରେ ଆୟୋଜିତ ଅଭିଯୋଗ ଶୁଣାଣିରେ ମଦ ବିରୋଧୀ ଆନ୍ଦୋଳନର ରାଜ୍ୟସ୍ତରୀୟ ନେତ୍ରୀ ତଥା ଚିଲିକା ବଞ୍ଚାଅ ଆନ୍ଦୋଳନ ମୁଖ୍ୟ ଚିତ୍ରୁପା ଷଡଙ୍ଗୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଏହି ଦାବିପତ୍ର ପ୍ରଦାନ କରିଥିଲେ । ଗତ ୯ ତାରିଖରେ ତଳ ଡକାଶିକୁଳା ଗାଁରେ ବେଆଇନ ମଦ ବିକ୍ରି ହେଉଥିବା ଖବର ପାଇ ୪ ଶହ ମହିଳା ସେଠାରେ ପହଞ୍ଚିଥିଲେ । ମଦ ବ୍ୟବସାୟୀ ଅନନ୍ତ ଶବରଙ୍କୁ ଧରି ପୋଲିସ ଜିମା ଦେଇଥିଲେ । ସେହିଭଳି ସେମାନଙ୍କ ଉପସ୍ଥିତିରେ ପୋଲିସ ମଦ ବେପାରିଙ୍କୁ ଗିରଫ କରି ନେଲେ । କିନ୍ତୁ ପୋଲିସ ମଦ ବେପାରୀଙ୍କୁ ଛାଡ଼ି ଦେଇ ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ଗିରଫ କରିଥିବା ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ପଦ୍ମାବତୀ ଶବର, ବିଦ୍ୟାଧର ଶବର, କରମା ଶବର, ବାଳକୃଷ୍ଣ ଶବର, ବାସନ୍ତି ଶବର, ତାରା ଶବର ପ୍ରମୁଖ ଉପସ୍ଥିତ ଥିଲେ । ଘଟଣା ସମ୍ପର୍କରେ ଗୁଣପୁର ଏସ୍‌ଡିପିଓ ଅଶ୍ୱିନୀ କୁମାର ନାୟକଙ୍କୁ ପଚାରିବାରୁ, ଡକାଶିକୁଳା ଗ୍ରାମରେ ପ୍ରକୃତ ମଦ ବିକ୍ରି କରୁଥିବା ଲୋକଙ୍କୁ ଗିରଫ କରିଛୁ । କିନ୍ତୁ ମହିଳାମାନେ ଯାହାକୁ କହିବେ ତାଙ୍କୁ ଗିରଫ କରିବାକୁ ବାଧ୍ୟ ନୁହେଁ ବୋଲି କହିଥିଲେ । ଯେକୌଣସି ସ୍ଥାନରେ ମଦ ବିକ୍ରି କରାଯାଉଥିବା ଖବର ପାଇଲେ ମହିଳାମାନେ ପୋଲିସକୁ ଜଣାନ୍ତୁ । ପୋଲିସ ସେମାନଙ୍କୁ ଗିରଫ କରିବା ସହ ମହିଳାମାନଙ୍କୁ ସୁରକ୍ଷା ଦେବ । ଆଇନକୁ ହାତକୁ ନ ନେବା ପାଇଁ ଏସପି କହିଥିଲେ । ଏହି ଦାବିପତ୍ର ପ୍ରଦାନ ସମୟରେ ପଦ୍ମପୁର ଥାନା ଆଇଆଇସି ଜୟଶ୍ରୀ ପ୍ରଧାନ, ଗୁଣପୁର ଆଇଟିଡିଏ ଅଧିକାରୀ ଗୋରାଚାନ୍ଦ ଗମାଙ୍ଗଙ୍କ ସମେତ ପୋଲିସ ଓ ଅବକାରୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

# ଗାଁରୁ ସାହିତ୍ୟ ସୃଷ୍ଟି

ମୁନିଗୁଡା, ୧୭।୧୨ (ଡି.ଏନ୍.ଏ.)

ଗାଁରୁ ହିଁ ସାହିତ୍ୟର ସୃଷ୍ଟି । ସମାଜର ପ୍ରତିଛବି ସାହିତ୍ୟରେ ଭରି ରହିଛି ଜୀବନ ଦର୍ଶନ । ସବୁରି ହିତ ପାଇଁ ସମର୍ପିତ ସାହିତ୍ୟର ପ୍ରତିଟି ଛତ୍ରଭୂମିରୁ ଭୂମା ପର୍ଯ୍ୟନ୍ତ ପରିବ୍ୟାପ୍ତ । ଗ୍ରାମାଞ୍ଚଳରେ ଥିବା ସାହିତ୍ୟିକମାନଙ୍କୁ ଉତ୍ସାହିତ କରିବା ସହ ଅପସଂସ୍କୃତିର ପ୍ରତିରୋଧକାରୀ ସାହିତ୍ୟକୁ ଲୋକାଭିମୁଖୀ କରିବା ଦିଗରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଗ୍ରାମଲୋକ କାର୍ଯ୍ୟକ୍ରମ ଏକ ସଫଳ ପ୍ରୟାସ । ରାୟଗଡ଼ା ଜିଲା ମୁନିଗୁଡା ନିକଟସ୍ଥ ମୁନିଖୋଲ ବାସବୀ କନକା ପରମେଶ୍ୱରୀ ମନ୍ଦିର କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ଗ୍ରାମାଲୋକ କାର୍ଯ୍ୟକ୍ରମରେ ଅତିଥିମାନେ ମତ ପୋଷଣ କରିଛନ୍ତି । ଓଡ଼ିଶା ଭାଷା ପରିଷଦ ସଦସ୍ୟ ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା ଉଦ୍‌ଘାଟନ କରିଥିଲେ । ବିଷମକଟକ ଉପଖଣ୍ଡ ଆରକ୍ଷୀ ଅଧିକାରୀ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଚନ୍ଦ୍ରଶେଖର ହୋତା ମୁଖ୍ୟ ଅତିଥି, ବିଶିଷ୍ଟ ଶିକ୍ଷାବିତ୍ ତଥା ପରିଚାଳିତ ଗୌରାଙ୍ଗ ଚରଣ ରାଉତ ଏବଂ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷିକେଶ ଜାଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ସୁରେଶ ଚନ୍ଦ୍ର ମାଝି, ବିଜୟଲକ୍ଷ୍ମୀ ପଣ୍ଡା, ଅକ୍ଷୟ କୁମାର ରଥ, ମନୋରଞ୍ଜନ ଦଳେଇ, ଉତ୍ତମ କୁମାର ଦାସ ସେମାନଙ୍କର ସ୍ୱରଚିତ ଗଳ୍ପ ଓ କବିତା ପାଠ କରିଥିଲେ । ଏହି ଅବସରରେ ଅଖିଳାନନ୍ଦ ବେବର୍ତ୍ତାଙ୍କ ଦୁଇଟି ପୁସ୍ତକ 'ସମୁଦ୍ରର ସ୍ୱପ୍ନ' ଏବଂ 'ବାଡକୁ ଫେରିବାବେଳେ' ଉନ୍ମୋଚିତ ହୋଇଥିଲା । ସେହିପରି ଉଲ୍ଲେଖନୀୟ ସମାଜସେବା ପାଇଁ ଜାମି ମହେଶ ଏବଂ ରଞ୍ଜନ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଅରୁଣ କୁମାର ସାହୁ, ବିଜୟ କୁମାର ମିଶ୍ର ସଂଯୋଜନା କରିଥିଲେ । ଡମ୍ବରୁଧର ପଟ୍ଟନାୟକ, ଶ୍ରୀରଙ୍ଗ ନାୟକ, ଜୟରାମ ଜେନା, ଆଶୁତୋଷ ପାତ୍ର, ଯୁଗୋଳ କିଶୋର ଷଡ଼ଙ୍ଗୀ, ବାସୁଦେବ ପାତ୍ର, ସୁଧାକର ପାତ୍ର, ବଳରାମ ନାଗ, କୁଳମଣି ସାହୁ, ଅକ୍ଷୟ କୁମାର ମଲିକ, ରାଜକିଶୋର ବେହେରା, ଅଶ୍ୱିନୀ ବାରିକ, ବିଦ୍ୟାଭୂଷଣ ମହାନ୍ତି, ଗୌରାଙ୍ଗ ପଲତା, ବିଚିତ୍ର ବିଶ୍ୱାଳ, ଲିଜାରିନ ବିଶ୍ୱାଳ, ଅନନ୍ତ ସାମନ୍ତ, ପ୍ରଶାନ୍ତ କୁମାର ସାହୁ, ମୋନାଲିସା ସାହୁକାର, ଅଜିତ କୁମାର ମହାରଣା, ସୁଧାଂଶୁ ଶତପଥୀ, ନିର୍ମଳା ମଲିକ, ରାଧାଶ୍ୟାମ ପାଢ଼ୀ ପ୍ରମୁଖ ୫୦ ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।